EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Ref. No.: 1304224
Title Code: ODIODI07807

Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

ବର୍ଷ-୧ ସଂଖ୍ୟା-୧୩ ୧୦-୧୬ ଏପ୍ରିଲ, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-13 10th-16th APRIL, 2017 BHUBANESWAR ₹ 5.00 (8 Pages)


ଭାରତ ଗସ୍ତରେ ଆସିଥିବା ବାଂଲାଦେଶ ପ୍ରଧାନମନ୍ତ୍ରୀଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ




## ଲୋକଙ୍କ ସୁଖଦୁଃଖରେ ସାମିଲ ହୁଅ : ନବୀନ

# ପଞ୍ଚାୟତକୁ ଯିବା ପାଇଁ ବିଜେପିର ନିଷ୍ପତ୍ତି






**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆନ୍ତଃରାଜ୍ୟ ପରିଷଦ ବୈଠକରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ ଦିନିଆ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ କୋଇଲା ଉପରେ ଆଦାୟ ହେଉଥିବା ସ୍ୱଚ୍ଛ ଟିକସରୁ ରାଜ୍ୟକୁ ଭାଗ ଦେବା ଉପରେ ଦାବି ରଖିବେ ବୋଲି ଜଣାଯାଇଛି। ନୂଆଦିଲ୍ଲୀ ରହଣି କାଳରେ ସେ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ମଧ୍ୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ତେବେ ନୂଆଦିଲ୍ଲୀ ଗସ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀ ରାଜ୍ୟ ମନ୍ତ୍ରିମଣ୍ଡଳ ଅଦଳବଦଳ ସଂକେତ ଦେଇଥିବା ସୂଚନା ମିଳିଛି। ଏଥିସହ ବିଜେଡିର ତିନି ଛାମୁଆ ସଂଗଠନର ମୁଖ୍ୟ ବଦଳିବେ ବୋଲି ଜଣାପଡିଛି। କାରଣ ପଞ୍ଚାୟତ ନିର୍ବାଚନରେ ଯେଉଁ ଯେଉଁ ବରିଷ୍ଠ ନେତା ଓ ମନ୍ତ୍ରୀ ଦାୟିତ୍ୱ ନେଇ ଆଶାତୀତ ସଫଳତା ➤ ପୃ-୭

## ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ମହାଠକେଇ

# ପ୍ରଦୀପଙ୍କ ନୂଆ ଠିକଣା ସେଲ୍ ନଂ-୬



**ଭୁବନେଶ୍ୱର :** ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡର ମୁଖ୍ୟ ପ୍ରଦୀପ ସେଠୀ ଏବଂ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ କୋର୍ଟରେ ସେମାନଙ୍କ ଦୋଷ ସ୍ୱୀକାର କରିବା ପରେ ସ୍ଥାନୀୟ ସିଜେଏମ୍ (ସିବିଆଇ) ତାଙ୍କୁ ଜେଲ୍‌ଦଣ୍ଡ ଆଦେଶ ଦେଇଥିଲେ। ବିଚାରଧୀନ କଏଦୀ ଥିବାରୁ ପ୍ରଦୀପ ଓ ମନୋଜଙ୍କୁ ଝାରପଡାସ୍ଥିତ ସ୍ୱତନ୍ତ୍ର କାରାଗାରର ଯେଉଁ କୋଠରିରେ ରଖାଯାଉଥିଲା ଏବେ ସେମାନେ ଦୋଷୀ ସାବ୍ୟସ୍ତ ହେବା ପରେ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଜେଲ୍‌ରେ ସେଲ୍ ନଂ-୬ରେ ପ୍ରଦୀପଙ୍କୁ ରଖାଯାଇଛି। ଜେଲ୍‌ରେ ଏହି ଦୁଇଜଣଙ୍କ ଠିକଣା ବଦଳିବା ସହିତ ସେମାନଙ୍କ ପୋଷାକ ମଧ୍ୟ ବଦଳିଯାଇଛି। ସେମାନଙ୍କୁ ଧଳା ପୋଷାକ ପିନ୍ଧିବାକୁ ଦିଆଯାଇଛି।

ସୂଚନାଯୋଗ୍ୟ ସିବିଆଇ ଦ୍ୱାରା ଗିରଫ ହୋଇ ଜେଲ୍‌ରେ ଥିବା ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ୍ ମାମଲାର ମୁଖ୍ୟ ପ୍ରଦୀପ ଏବଂ ଏହାର ନିର୍ଦ୍ଦେଶକ ମନୋଜଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର ସିଜେଏମ୍ ପ୍ରଶାନ୍ତ କୁମାର ମିଶ୍ର ଦଣ୍ଡାଦେଶ ଦେଇଛନ୍ତି। ମାମଲାର ଶୁଣାଣି ହେବା ପୂର୍ବରୁ ଦୁଇ ଅଭିଯୁକ୍ତ ସେମାନଙ୍କ ଦୋଷ ସ୍ୱୀକାର କରିବା ଯୋଗୁଁ ବିଚାରପତି ➤ ପୃ-୭

## ଚାଲିଛି ଶାନ୍ତି ଉଦ୍ୟମ

**ଭଦ୍ରକ :** ତିନିଦିନ ହେବ ଅଶାନ୍ତ ହୋଇପଡ଼ିଛି ଭଦ୍ରକ ସହର। ସୋସିଆଲ ମିଡିଆରେ ହିନ୍ଦୁ ଦେବାଦେବୀଙ୍କ ଫଟୋରେ ଅଶାଳୀନ ମନ୍ତବ୍ୟକୁ ନେଇ ଉପୁଜିଥିବା ଉତ୍ତେଜନା ଶେଷରେ ହିଂସାର ରୂପ ଧାରଣ କରିଛି। ପରିସ୍ଥିତି ଏଭଳି ହୋଇଛି ଯେ ଶୃଙ୍ଖଳା ଫେରାଇବାକୁ ଯାଇ ପ୍ରଶାସନ ନାକେଦମ୍ ହୋଇଛି। ଏମିତିକି ଏହି ଘଟଣାରେ ଜିଲ୍ଲାପାଳଙ୍କୁ ବଦଳିବା ସହ ଏଡିଏମ୍‌ଙ୍କୁ ସସ୍‌ପେଣ୍ଡ କରାଯାଇଛି। ସେହିପରି ଶାନ୍ତି ଫେରାଇବା ପାଇଁ ସହରରେ ଗୃହ ବିଭାଗ ସଚିବ ଓ ପୋଲିସ ଡିଜି ପହଞ୍ଚିଛନ୍ତି । ➤ ପୃ-୭

# ୩ ବିଭାଗର ନୂଆ ନାଁ

**ଭୁବନେଶ୍ୱର :** ରାଜ୍ୟ ସରକାର ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଏବଂ ଉନ୍ନତ କରିବା ପାଇଁ କେତେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସରକାର ତିନିଟି ବିଭାଗକୁ ଅଧିକ ଦାୟିତ୍ୱ ଦେବା ସହ ସେହି ବିଭାଗ ଗୁଡ଼ିକର ନାମ ପରିବର୍ତ୍ତନ କରିଛନ୍ତି। ସେହିପରି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ପାଇଁ ଜଳ କର ଓ ଏହା ଉପରେ ଆଦାୟ ହେଉଥିବା ସୁଧରେ କୋହଳ ମନୋଭାବ ପୋଷଣ କରିଛନ୍ତି। ବକେୟା ମୂଳ ଉପରେ ଚକ୍ରବୃଦ୍ଧି ବଦଳରେ ସରଳ ସୁଧ ଏବଂ ଜୋରିମାନା ଉପରେ ସୁଧ ଆଦାୟ ନକରିବାକୁ

### ୬ଟି ପ୍ରସ୍ତାବକୁ କ୍ୟାବିନେଟ ମୋହର

ସରକାର ନିଷ୍ପତ୍ତି ନେଇଛନ୍ତି। ସମସ୍ତ ଜାତୀୟ ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଉଥିବା ସୁନାମଧନ୍ୟ ଅନୁଷ୍ଠାନ ପାଇଁ ଭୂ ରାଜସ୍ୱ ଓ ସେସ୍‌ରେ ରିଆତି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଉପରୋକ୍ତ ପ୍ରସ୍ତାବ ସମେତ ମୋଟ ୬ଟି ପ୍ରସ୍ତାବକୁ ମଞ୍ଜୁରି ମିଳିଛି। କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏହି ସୂଚନା ଦେଇଛନ୍ତି। ➤ ପୃ-୭

## ଗୀତା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ

### ଭଉଣୀ ରାଜନୀତି କରିବେନି : ନବୀନ

**ଭୁବନେଶ୍ୱର :** ବିଜେଡିରେ ଗୀତା। ଏହି ଚର୍ଚ୍ଚାକୁ ଶେଷ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟ। ରାଜ୍ୟସଭାକୁ ଯିବା ନେଇ ନବୀନଙ୍କ ଭଉଣୀ ଗୀତାଙ୍କୁ ନେଇ ଗତ ୧୫ ଦିନ ଧରି ଚାଲିଥିବା ସବୁ କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ରାଜ୍ୟସଭା ବା ରାଜନୀତି ପାଇଁ ଭଉଣୀ ଗୀତା ଆଗ୍ରହୀ ନୁହନ୍ତି ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଦେବା ପରେ ବିଷ୍ଣୁଙ୍କ ସ୍ଥାନରେ କିଏ ଯିବେ ରାଜ୍ୟସଭାକୁ ସେଥିପାଇଁ କଳ୍ପନା ଆରମ୍ଭ ହୋଇଯାଇଛି। ଗୀତାଙ୍କ ପ୍ରସଙ୍ଗର ଅବସାନ ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ନିକଟରେ ଅବ୍ୟାହତି ନେଇଥିବା ପଶ୍ଚିମ ଓଡ଼ିଶାର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ରାଜ୍ୟସଭାକୁ ଯିବା ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ➤ ପୃ-୭

## ମୃତ୍ୟୁର କାରଣ ଖୋଜୁଛି ପୋଲିସ

# ଋଣଭାର ନା ଆଉକିଛି !



**ଭୁବନେଶ୍ୱର :** ପାଢ଼ୀ ଟ୍ୟୁଟୋରିଆଲ ମୁଖ୍ୟ ଶିକ୍ଷାବିତ୍ ଜାନକୀବଲ୍ଲଭ ପାଢ଼ୀଙ୍କ ସନ୍ଦେହଜନକ ମୃତ୍ୟୁ ଦିନକୁ ଦିନ ରୋଚକ ମୋଡ ନେଉଛି। ଶ୍ରୀ ପାଢ଼ୀ ଛାଡି ଯାଇଥିବା ୧୦ ପୃଷ୍ଠା ସମ୍ବଳିତ ସୁଇସାଇଡ୍ ନୋଟ୍‌କୁ ନେଇ ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଏହି ସୁଇସାଇଡ୍ ନୋଟ୍‌ରେ କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମ ଥିବା ଭୁବନେଶ୍ୱର ଡିସିପି ସତ୍ୟବ୍ରତ ଭୋଇ କହିଛନ୍ତି। ଏପରିକି କିଛି ସଂସ୍ଥାର ନାମ ମଧ୍ୟ ଏହି ସୁଇସାଇଡ୍ ନୋଟ୍‌ରେ ରହିଛି। ଯାହାକୁ ନେଇ ପୋଲିସ ତା'ର ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିବା ଡିସିପି ସତ୍ୟବ୍ରତ ଭୋଇ କହିଛନ୍ତି। ତେବେ ଏହି ସୁଇସାଇଡ୍ ନୋଟ୍‌କୁ ଯଥାଶୀଘ୍ର ଯାଞ୍ଚ ପାଇଁ ପଠାଯିବ ବୋଲି ମଧ୍ୟ ସେ କହିଛନ୍ତି। ➤ ପୃ-୭

# ସତର୍କ ନହେଲେ ଚାଲିଯିବ ପ୍ରାଣ




**ଭୁବନେଶ୍ୱର :** ରାଜ୍ୟରେ ଏବେ ପ୍ରବଳ ଗ୍ରୀଷ୍ମପ୍ରବାହ। ଏପ୍ରିଲ ମାସରେ ରାଜ୍ୟର ବିଭିନ୍ନ ସହରର ତାପମାତ୍ରା ପ୍ରାୟ ପ୍ରତ୍ୟେକ ଦିନ ୪୦° ଉପରେ ରହୁଛି। ବିଶେଷକରି ଟିଟିଲାଗଡ଼, ଅନୁଗୋଳ, ତାଳଚେର, ସୁନ୍ଦରଗଡ଼, ସମ୍ବଲପୁର ଏବଂ କଟକ, ଭୁବନେଶ୍ୱର ଭଳି ରାଜ୍ୟର ଜନବହୁଳ ସହରଗୁଡ଼ିକର ତାପମାତ୍ରା ସବୁଠୁ ଉପରେ ରହୁଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଉଠିବା ସହ ଅଂଶୁଘାତଜନିତ ସମସ୍ୟା ଉତ୍କଟ ହେବାରେ ଲାଗିଛି। ବିଶେଷକରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜଳକଷ୍ଟ ଉତ୍କଟ ରୂପ ନେଲାଣି। ଦିନ ୯ଟା ପରେ ବାହାରକୁ ବାହାରିବା କାଠିକର ପାଠ। ସୂର୍ଯ୍ୟଙ୍କ ଭୟଙ୍କର ରୂପ ଯୋଗୁଁ ଲୋକେ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ତେବେ କେତେକ ଶ୍ରମିକ ଶ୍ରେଣୀର ଲୋକେ ବାଧହୋଇ ଘରୁ ବାହାରକୁ ଗୋଡ଼ କାଢୁଛନ୍ତି। ତେବେ ସେମାନେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ସହ ଘରୁ ବାହାରିବା ପାଇଁ ସରକାରୀ ଭାବେ ନିବେଦନ କରାଯାଇଛି। ଯଥା- ମୁଣ୍ଡରେ ଓଦା କପଡ଼ା, କଳା ଚଷମା, ଛତା ଓ ଚପଲ ଆଦି ବ୍ୟବହାର କରିବା ପାଇଁ ଅନୁରୋଧ କରାଯାଇଛି। ନିହାତି କାମ ନ ଥିଲେ ବାହାରକୁ ନ ବାହାରିଲେ ଭଲ। ସେହିପରି ଦହିପଖାଳ, ଲେମ୍ବୁପାଣି ଓ ତୋରାଣି ଯଥେଷ୍ଟ ପରିମାଣର ➤ ପୃ-୭

REAL DEVELOPERS AND CONSTRUCTION LTD.™

A Member of 'NAREDCO'

(A Part of Real Group of Companies)

JAS-ANZ ISO 9001-2008

A relatively young, Professionaly Managed & Highly committed team to redefine the Real Estate Business by using the Technological Advantages & Latest Construction methods / Systems and Services of the highest Standard.

*True Relationship, Real Happiness...*

BDA APPROVED BDO

PLOTTING PROJECTS & PRICES

| SL. NO. | PROJECT NAME | PROJECT CODE | MOUZA / LOCATION | SCHEME | PRICE Per sqft. (in Rs.) |
|---|---|---|---|---|---|
| 1. | ARYA VIHAR -I (A) | RDCL-P-01 | **Mouza : DAKHIN MUNDA MUHAN** Gopalpur, Near to NH-5 (Opp.to C.V. Raman Engg. College) B.D.A Yellow Zone) | Only outright purchase (Residential Plotted Scheme) | Rs.575/- |
| | ARYA VIHAR -I (B) | RDCL-P-02 | **Mouza : DAKHIN MUNDA MUHAN** Gopalpur, Near to NH-5 (Opp.to C.V. Raman Engg. College) B.D.A Yellow Zone) | Only outright purchase (Residential Plotted Scheme) | Rs.285/- |
| 2. | ARYA VIHAR -II (A) | RDCL-P-03 | **Mouza : URRARA MUNDA MUHAN** Near to NH-5 Opp.C.V.Raman Engg. College) B.D.A. Yellow Zone) | Only outright purchase (Residential Plotted Scheme) Home Stead Land | Rs.670/- |
| | ARYA VIHAR -II (B) | RDCL-P-04 | **Mouza : URRARA MUNDA MUHAN** Near to NH-5 Opp.C.V.Raman Engg. College) B.D.A. Yellow Zone) | Only outright purchase (Residential Plotted Scheme) | Rs.475/- |
| 3. | ADARSH VIHAR | RDCL-P-05 | **Mouza : HAJA** Near Jankia, Khurdha (Farm House Projecet) | Only outright purchase (Residential Plotted Scheme) | Rs.35/- |
| 4. | ANANT VIHAR-I | RDCL-P-06 | **Mouza : BEGUNIA BARAHI** (Near C.V. Raman Engg.College) | Only outright purchase (Residential Plotted Scheme)Only | Rs.369/- |
| 5. | ANANT VIHAR-II(A) | RDCL-P-07 | **Mouza : PANDIAPADA** (Near C.V. Raman Engg.College) | Only outright purchase (Residential Plotted Scheme) | Rs.550/- |
| | ANANT VIHAR-II(B) | RDCL-P-08 | **Mouza : PANDIAPADA** (Near C.V. Raman Engg.College) | Only outright purchase (Residential Plotted Scheme) | Rs.458/- |
| 6. | ANANT VIHAR - III | RDCL-P-09 | **Mouza : NANPUT** (Near C.V. Raman Engg.College) | Only outright purchase (Residential Plotted Scheme) | Rs.359/- |
| 7. | MOON CITY | RDCL-P-10 | **Mouza : KUHA** Sundarpada Finance Available | Only outright purchase (Residential Plotted Scheme) Home Stead Land | Rs.740/- |
| 8. | SURYA VIHAR | RDCL-P-11 | **Mouza-BEGUNIA** (Near Dumduma) Finance Available | Only outright purchase (Residential Plotted Scheme) Home Stead Land | Rs.1914/- |
| 9. | REAL ANANT VIHAR-(A) | RDCL-P-12 | **Mouza-NAKHARA** (Behind Hyundai Showroom), BDA Zone | Only outright purchase (Residential Plotted Scheme) Home Stead Land | Rs.1487/- |
| | REAL ANAT VIHAR- (B) | RDCL-P-13 | **Mouza-NAKHARA** (Behind Hyundai Showroom), BDA Zone | Only outright purchase (Residential Plotted Scheme) | Rs.1417/- |
| 10. | REAL RESIDENCY (Duplex Plotting-A) | RDCL-P-14 | **Mouza-PATRAPADA** Kalyan Nagar, Back Side of Indian Oil Petrol Pump (B.D.A. Yellow Zone) | Only outright purchase (Residential Plotted Scheme) Home Stead Land | Rs.2595/- |
| | REAL RESIDENCY (Simplex Plotting-B) | RDCL-P-15 | **Mouza-BHAGABANPUR** Near ACC Redimix (B.D.A. Yellow Zone) | Only outright purchase (Residential Plotted Scheme) Home stead Land | Rs.1763/- |
| 11. | STARCITY | RDCL-P-16 | **Mouza-PRADHANSAHI** Sundarpada, Jatni Road | Only outright purchase (Residential Plotted Scheme) Home Stead Land | Rs.858/- |
| 12. | OM VIHAR | RDCL-P-17 | **Mouza-ANANTPUR** 1km from Nakhara Crossing | Only outright purchase (Residential Plotted Scheme) Home Stead Land | Rs.1200/- |
| 13. | LAKHESWAR VIHAR - (A) | RDCL-P-18 | **Mouza-JOHALA** Back Sode of Apex Engg. College, (B.D.A. Yellow Zone) | Only outright purchase (Residential Plotted Scheme) Home Stead Land | Rs.1350/- |
| | LAKHESWAR VIHAR - (B) | RDCL-P-19 | | Non Home Stead Land (Residential Plotted Scheme) (BDA Yellow ZOne) | Rs.1300/- |
| 14. | GREEN CITY | RDCL-P-20 | **Mouza-ARILO & ARADIAPADA** Near D.P.S. | Only outright purchase (Residential Plotted Scheme) | Rs.500/- |
| 15. | SADASIV NAGAR | RDCL-P-21 | **Mouza-BAGALPUR** 12km from Nakhara Corssing, connected to Adaspur Road. | Only outright purchase (Residential Plotted Scheme) Home Stead Land | Rs.650/- |

* Registration Fees Extra, As per Govt. Valuation

Branch Offices

Instation

Delta: Plot No.-988,Nilima complex, Delta Square, Khandagiri, Bhubaneswar, Khordha, Odisha Email:info_delta@realdevelopers.co.in

Satya Nagar: Plot No.-200/1294, Satyanagar, Bhubaneswar, Dist :-Khordha, Odisha Email :info_satyanagar@realdevelopers.co.in

Kharvela Nagar: S.C.R-14, Kharvela Nagar, Unit-3, Bhubaneswar, Khordha-751001, Odisha Email :info_knagar@realdevelopers.co.in

Kapila Prasad: H.I.G-1/60, Ground Floor, Kapila Prasad B.D.A. Colony, Bhubaneswar, Dist :-Khordha-751002, Odisha Email :info_kprasad@realdevelopers.co.in

Outstation

Berhampur: Apsari Nilaya, Baidyanath Nagar, Lane-2, Brahampur, Ganjam, Pin-760001, Odisha Email:info_berhampur@realdevelopers.co.in

Dhenkanal: Amalapada, Dhenkanal Odisha Email :info_dhenkanal@realdevelopers.co.in

Cuttack: Nuapada, Nayabazar, Madhupatna (Near Nua Bazaar Chowk), Cuttack Odisha, Pin-753004 Email :info_cuttack@realdevelopers.co.in

Kolkata: 33-F, Raja Naba Krishna Street, kolkata-700005 Mob :-09831602750 Email :info_kolkata@realdevelopers.co.in

ADDRESS

Corp Off.: # 43, First Floor, Saheed Nagar, Bhubaneswar - 751007, Dist-Khordha, Odisha, India
Phone : 0674-2549532, E-mail : info_corporateoffice@realdevelopers.co.in

Regd. Off.: #A5/30, Indira Gandhi Co-Op. Housing Colony, Lingipur, P.O-Sisupalgarh
P.S.-Lingaraj, Bhubaneswar - 751002, Dist : Khordha, Odisha, India, Ph : 0674-2343265
E-mail : rdcl@realdevelopers.co.in, Web : www.realgroupofcompanies.co.in

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ମହାଜନର ଜୁଲୁମ୍ ଆତ୍ମହତ୍ୟାକୁ ଉସୁକାଇବା ସହ ସମାନ୍



## ବମ୍ବେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

**ମୁମ୍ବାଇ :** ଦେଶର ଗ୍ରାମାଞ୍ଚଳରେ ମହାଜନମାନଙ୍କଠାରୁ ନେଇଥିବା ଋଣ ଅନେକ ଲୋକ ଠିକ୍ ସମୟରେ ପରିଶୋଧ କରିପାରୁନାହାନ୍ତି । ଏଭଳି ସ୍ଥିତିରେ ମହାଜନର ଜୁଲୁମ ସହିନପାରି ବହୁ ଚାଷୀଙ୍କ ସମେତ ଅନେକ ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି । ଋଣ ପରିଶୋଧ ପାଇଁ ମହାଜନ କରୁଥିବା ଜୁଲୁମ ଆତ୍ମହତ୍ୟା ପାଇଁ ଉସୁକାଇବା ଭଳି ଅପରାଧ ସହ ସମାନ। ବମ୍ବେ ହାଇକୋର୍ଟ ଋଣଗ୍ରହୀତାଙ୍କ ଚାପରେ ଜଣେ ବ୍ୟକ୍ତିଙ୍କ ଆତ୍ମହତ୍ୟା କରିବାକୁ ବାଧ ହୋଇଥିବା ସମ୍ପର୍କିତ ଏକ ମାମଲାର ଶୁଣାଣି କରି ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସୂଚନା ଅନୁସାରେ ଗୁରୁନାଥ ଗାଓ୍ୱଲି ଏବଂ ସଙ୍ଗୀତା ଗାଓ୍ୱଲି ମହାରାଷ୍ଟ୍ରର ଦୁଇଜଣ ଲାଇସେନ୍ସପ୍ରାପ୍ତ ଋଣଦାତା। ତାଙ୍କ ଠାରୁ ମୁମ୍ବାଇର ଉମେଶ ବମ୍ବଲେ ନାମକ ବ୍ୟକ୍ତି କିଛି ବର୍ଷ ତଳେ ୧୯ ଲକ୍ଷ ଟଙ୍କା ଋଣ ନେଇଥିଲେ। କିନ୍ତୁ ସେ ଠିକ୍ ସମୟରେ ଟଙ୍କା ଫେରାଇ ନପାରିବାରୁ ଉଭୟ ମହାଜନ ଋଣ ପରିଶୋଧ କରିବା ପାଇଁ ତାଙ୍କ ଉପରେ ନିୟମିତ ଚାପ ପକାଇବା ସହିତ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଦେଉଥିଲେ। ସେମାନେ ମଧ୍ୟ ତାଙ୍କ ଉପରେ ଆକ୍ରମଣ କରିଥିଲେ। ପରେ ଚାପଗ୍ରସ୍ତ ହୋଇ ଉମେଶ ଆତ୍ମହତ୍ୟା କରିଥିଲା। ଏହି ଘଟଣାରେ ତାଙ୍କ ପତ୍ନୀ ସୁନିତା ଉଭୟ ଋଣଦାତା ତାଙ୍କ ସ୍ୱାମୀଙ୍କୁ ଆତ୍ମହତ୍ୟା କରିବା ପାଇଁ ଉସୁକାଇଥିବାର ଅଭିଯୋଗ କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ବିଚାର କରି ହାଇକୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି। ହାଇକୋର୍ଟ କହିଛନ୍ତି ଯେ, ସମ୍ଭ୍ରାନ୍ତ ପରିବାରର ଜଣେ ବ୍ୟକ୍ତିଙ୍କୁ ସବୁବେଳେ ଏମିତି ନିର୍ଯାତନା ଦିଆଗଲେ ଏବଂ ତାଙ୍କର ଏମିତି ଅପମାନ କରାଗଲେ ସେ ନିଶ୍ଚିତ ଭାବେ ଆତ୍ମହତ୍ୟା କରିବାକୁ ଚିନ୍ତା କରିବେ। ଏ କ୍ଷେତ୍ରରେ ଦୁଇ ଅଭିଯୁକ୍ତ ଋଣ ନେଇଥିବା ବ୍ୟକ୍ତିଙ୍କ ଉପରେ ଉଦ୍ଦେଶ୍ୟମୂଳକ ଭାବେ ଆକ୍ରମଣ କରିଛନ୍ତି ଏବଂ ଏହି ଘଟଣା ହିଁ ତାଙ୍କୁ ପରେ ଆତ୍ମହତ୍ୟା କରିବାକୁ ପ୍ରେରିତ କରିଛି। ତେଣୁ ଉମେଶଙ୍କ ଆତ୍ମହତ୍ୟା ପାଇଁ ଦୁଇଜଣ ଯାକ ଅଭିଯୁକ୍ତ ଦାୟୀ ଅଟନ୍ତି। ବିଚାରପତି ଏ ଏମ୍ ବଦରଙ୍କୁ ନେଇ ଗଠିତ ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ମଧ୍ୟ ଏହି ମାମଲାରୁ ଉଭୟ ଅଭିଯୁକ୍ତଙ୍କ ନାମକୁ ବାଦ୍ ଦେବା ପାଇଁ କରାଯାଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି।

# ଟ୍ରମ୍ପଙ୍କ ମଧ୍ୟସ୍ଥତାକୁ ମନାକଲା ଭାରତ

**ନୂଆଦିଲ୍ଲୀ :** ପାକିସ୍ତାନ ସହ ଦ୍ୱିପାକ୍ଷିକ କଥାବାର୍ତ୍ତାରେ କୌଣସି ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଭାରତ ସ୍ପଷ୍ଟ କରିଛି। ପାକିସ୍ତାନ ସହ କଥାବାର୍ତ୍ତାରେ ମଧ୍ୟସ୍ଥତା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରସ୍ତାବ ଦେଇଥିବାବେଳେ ଭାରତ ଏହାକୁ ଅଗ୍ରାହ୍ୟ ପୂର୍ବକ ଏହି ଜବାବ ଦେଇଛି। ଭାରତ-ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ଉତ୍ତେଜନା ବୃଦ୍ଧି ପାଇବାକୁ ନେଇ ଟ୍ରମ୍ପ ଉଭୟଙ୍କ କଥାବାର୍ତ୍ତାରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଥିଲେ। ଜାତିସଂଘରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ନିକ୍କି ହାଲେ କହିଥିଲେ ଭାରତ-ପାକିସ୍ତାନ ଉତ୍ତେଜନାକୁ ହ୍ରାସ ପାଇଁ ଆମେରିକା ମଧ୍ୟସ୍ଥତା କରିବାକୁ ଚାହେଁ। ଏପରିକି ରାଷ୍ଟ୍ରପତି ଟ୍ରମ୍ପ ନିଜେ ଏଥିରେ ମଧ୍ୟସ୍ଥତା କରିବେ। ନିକ୍କିଙ୍କ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ ପୂର୍ବକ ଭାରତର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଗୋପାଳ ବାଗଲେ କହିଛନ୍ତି ପାକିସ୍ତାନ ସହ ସମସ୍ତ ବିବାଦକୁ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଚାହୁଁ। ଏଥିରେ କୌଣସି ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ଗ୍ରହଣ କରାଯାଇ ପାରିବ ନାହିଁ। ବାଗଲେ କହିଛନ୍ତି ଆତଙ୍କବାଦ ଓ ହିଂସାମୁକ୍ତ ପରିବେଶ ମଧ୍ୟରେ ହିଁ ପାକିସ୍ତାନ ସହ ଦ୍ୱିପାକ୍ଷିକ କରାଯିବ। ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟ ଚାଲୁ ରହିଥିବା ପର୍ଯ୍ୟନ୍ତ ଏହା ସହ କୌଣସି ଦ୍ୱିପାକ୍ଷିକ କଥାବାର୍ତ୍ତା କରାଯିବନି।

# ରୋହିଙ୍ଗ୍ୟା ମୁସଲମାନଙ୍କୁ ବିଦା କରିବାକୁ ଯୋଜନା

**ନୂଆଦିଲ୍ଲୀ :** ଜାମ୍ମୁ-କାଶ୍ମୀରରେ ରହୁଥିବା ପ୍ରାୟ ୧୦ ହଜାର ରୋହିଙ୍ଗ୍ୟା ମୁସଲମାନଙ୍କୁ ବିଦା କରିବାକୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ସେମାନଙ୍କୁ କିପରି ଚିହ୍ନଟ ଏବଂ ବିଦା କରାଯିବ, ସେଥିପାଇଁ ଉଭୟ ସରକାରୀ ବିଚାରବିମର୍ଶ ଚଳାଇଛନ୍ତି। ରୋହିଙ୍ଗ୍ୟା ମୁସଲମାନ କହିଲେ ମ୍ୟାଁମାରର ରାଖିନେ ପ୍ରଦେଶରେ ରହୁଥିବା ମୁସଲମାନ ସମୁଦାୟକୁ ବୁଝାଏ। ସେଠାକାର ବୌଦ୍ଧ ଧର୍ମାବଲମ୍ବୀଙ୍କ ଦ୍ୱାରା ଆକ୍ରମଣରର ଶିକାର ହୋଇ ସେମାନେ ଦେଶରୁ ପଳାୟନ କରି ଅନ୍ୟ ଦେଶରେ ଆଶ୍ରୟ ନେଇଛନ୍ତି। ଭାରତରେ ପ୍ରାୟ ୪୦,୦୦୦ରୁ ଊର୍ଦ୍ଧ୍ୱ ରୋହିଙ୍ଗ୍ୟା ମୁସଲମାନ ବେଆଇନ ଭାବେ ବସବାସ କରୁଥିବାର କୁହାଯାଉଛି। ସେମାନେ ଭାରତ-ବାଂଲାଦେଶ ସୀମା ଅଥବା ଭାରତ-ମ୍ୟାଁମାର ସୀମା କିମ୍ବା ବଙ୍ଗୋପସାଗର ଦେଇ ଭାରତରେ ପ୍ରବେଶ କରିଛନ୍ତି। ଏମାନଙ୍କ ଭିତରୁ ଅଧିକାଂଶ ଜାମ୍ମୁ-କାଶ୍ମୀରରେ ରହୁଛନ୍ତି। ଜାମ୍ମୁ-କାଶ୍ମୀର ସରକାରଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ରାଜ୍ୟର ଜାମ୍ମୁ ଏବଂ ସାମ୍ବା ଜିଲ୍ଲାରେ ଏମାନେ ବହୁସଂଖ୍ୟାରେ ରହୁଛନ୍ତି। ଏମାନଙ୍କ ସଂଖ୍ୟା ୫,୭୦୦ ବୋଲି ଆକଳନ କରାଯାଇଥିଲେ ହେଁ ସେମାନଙ୍କ ପ୍ରକୃତ ସଂଖ୍ୟା ୧୦ ହଜାର ହୋଇପାରେ ବୋଲି କୁହାଯାଉଛି। ଗତ ମାସରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି ବିଧାନସଭାରେ ସୂଚନା ଦେଇଥିଲେ ଯେ ରାଜ୍ୟରେ ରୋହିଙ୍ଗ୍ୟା ମୁସଲମାନମାନେ ଆତଙ୍କବାଦୀ ଘଟଣା ସହିତ ସମ୍ପୃକ୍ତ ଥିବାର ଏଯାଏଁ ଜଣାପଡିନାହିଁ। ତେବେ ଏହି ସମୁଦାୟର ୩୮ ଜଣ ବ୍ୟକ୍ତିଙ୍କ ବିରୋଧରେ ଅନ୍ୟ ମାମୁଲି ଅପରାଧକୁ ନେଇ ୧୭ଟି ମାମଲା ଦାୟର କରାଯାଇଛି। ସେହିପରି ରାଜ୍ୟର କିଛି ମଦ୍ରାସା ବି ଏମାନଙ୍କୁ ସହଯୋଗ କରୁଥିବାର ସେ ସୂଚନା ଦେଇଥିଲେ। କେନ୍ଦ୍ର ସରକାର ଆଶଙ୍କା କରୁଛନ୍ତି ଯେ, ଜାମ୍ମୁ-କାଶ୍ମୀରରେ ରହୁଥିବା ରୋହିଙ୍ଗ୍ୟା ମୁସଲମାନଙ୍କୁ ପାକିସ୍ତାନ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ନିୟୋଜିତ କରିପାରେ। ତେଣୁ ସେମାନଙ୍କୁ ରାଜ୍ୟରୁ ବିଦା କରିବାକୁ ସରକାର ମସୁଧା କରୁଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସଚିବ ରାଜୀବ ମେହର୍ଷି ନିକଟରେ ଜାମ୍ମୁ-କାଶ୍ମୀରର ମୁଖ୍ୟ ସଚିବ ବ୍ରଜରାଜ ଶର୍ମା ଏବଂ ପୋଲିସି ଡିଜି ଏସପି ବୈଦ୍ୟଙ୍କ ସହ ବୈଠକ କରିଛନ୍ତି।



# ଦକ୍ଷିଣ ଏସିଆର ଦୀର୍ଘତମ ଟନେଲ୍

**ଶ୍ରୀନଗର :** ଦେଶର ଦୀର୍ଘତମ ସୁଡ଼ଙ୍ଗ ଚେନାନି-ନାସରିକୁ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଛନ୍ତି। ଜାମ୍ମୁ-ଶ୍ରୀନଗର ରାଜପଥରେ ଏହି ସୁଡ଼ଙ୍ଗ ନିର୍ମିତ ହୋଇଛି। ଉଦ୍‌ଘାଟନ ଉତ୍ସବରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଆତଙ୍କବାଦ ଦ୍ୱାରା କାହାର କିଛି ଲାଭ ହୋଇ ନାହିଁ। ଆତଙ୍କବାଦ ଦ୍ୱାରା କାଶ୍ମୀର କେବଳ ରକ୍ତରଞ୍ଜିତ ହୋଇଛି। ଏହାଦ୍ୱାରା ରାଜ୍ୟର ପର୍ଯ୍ୟଟନ ଶିଳ୍ପର ବ୍ୟାପକ କ୍ଷତି ହୋଇଛି। କାଶ୍ମୀର ବିକାଶ ପାଇଁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଦେବାକୁ ପ୍ରସ୍ତୁତ; କିନ୍ତୁ ଏହାର ସୁଫଳ ଉଠାଇବାକୁ ସ୍ଥାନୀୟ ଯୁବକମାନେ ଆଗେଇ ଆସିବା ଉଚିତ୍। ସାମଗ୍ରିକ ବିକାଶ କେନ୍ଦ୍ର ସରକାରଙ୍କ ମୂଳମନ୍ତ୍ର ହୋଇଥିବା ବେଳେ ଜନସାଧାରଣଙ୍କ ସହଯୋଗ ଉପରେ ଏହା ନିର୍ଭର କରେ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ତେଣୁ କାଶ୍ମୀର ଯୁବପିଢ଼ି ଆତଙ୍କବାଦୀଙ୍କ କଥାରେ ପରିଚାଳିତ ନ ହୋଇ ରାଜ୍ୟର ବିକାଶ ପାଇଁ ମୁଖ୍ୟସ୍ରୋତରେ ସାମିଲ ହେବା ଦରକାର। ଏହି ସୁଡ଼ଙ୍ଗ ଉଦ୍‌ଘାଟିତ ହେବା ଫଳରେ ଜାମ୍ମୁ-କାଶ୍ମୀର ବିକାଶ ଦ୍ରୁତଗତିରେ ହୋଇପାରିବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ବିମାନ ଯୋଗେ ଉଦ୍ଧମପୁରଠାରେ ପହଞ୍ଚିବା ପରେ ସେଠାରୁ ସଡ଼କ ମାର୍ଗରେ ଯାଇ ଚେନାନି-ନାସରି ସୁଡ଼ଙ୍ଗକୁ ଉଦ୍‌ଘାଟନ କରିଥିଲେ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ କାଶ୍ମୀର ଗସ୍ତକୁ ବିରୋଧ କରି ବିଚ୍ଛିନ୍ନତାବାଦୀଙ୍କ ତରଫରୁ ଦିଆଯାଇଥିବା ବନ୍ଦ ଡାକରା ପରିପ୍ରେକ୍ଷୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଚେନାନି-ନାସରି ସୁଡ଼ଙ୍ଗ ପଥ ଯୋଗୁଁ ଯାତ୍ରୀମାନଙ୍କୁ ଜାମ୍ମୁରୁ ଶ୍ରୀନଗର ଯିବା ପାଇଁ ୩୧ କିମି କମ୍ ରାସ୍ତା ଅତିକ୍ରମ କରିବାକୁ ପଡ଼ିବ ଓ ଦୁଇଘଣ୍ଟା ସମୟ କମ୍ ସମୟ ଲାଗିବ ବୋଲି ଜଣାପଡ଼ିଛି। ଏହି ସୁଡ଼ଙ୍ଗର ଦୈର୍ଘ୍ୟ ୯.୨ କିମି ହୋଇଥିବା ବେଳେ ଏହାର ନିର୍ମାଣ ପାଇଁ ୨,୫୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ପାଞ୍ଚବର୍ଷ ଛଅମାସ ରେକର୍ଡ ସମୟରେ ଏହି ସୁଡ଼ଙ୍ଗ ନିର୍ମାଣ କରାଯାଇଛି। ସୁଡ଼ଙ୍ଗ ବ୍ୟବହାର ଫଳରେ ପ୍ରତିଦିନ ୨୭ଲକ୍ଷ ଟଙ୍କାର ପେଟ୍ରୋଲ, ଡିଜେଲ ବଞ୍ଚାଯାଇ ପାରିବ ବୋଲି ଆକଳନ କରାଯାଉଛି। ସୁଡ଼ଙ୍ଗରେ ସୁରକ୍ଷିତ ଯାତ୍ରା ନିମନ୍ତେ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି ଏବଂ ଏହାଫଳରେ ରାଜ୍ୟର ପର୍ଯ୍ୟଟନ ଶିଳ୍ପର ବିକାଶ ସମ୍ଭବ ହେବ ବୋଲି ଆଶା କରାଯାଉଛି। ଅତ୍ୟାଧୁନିକ ଟ୍ରାଫିକ୍ ନିୟନ୍ତ୍ରଣ , ବାୟୁ ଚଳାଚଳ, ଯାତ୍ରୀଙ୍କୁ ସୂଚନା ପ୍ରଦାନ, ଅଗ୍ନି-ନିର୍ବାପନ ବ୍ୟବସ୍ଥା ସୁଡ଼ଙ୍ଗରେ କରାଯାଇଛି। ଏହି ସୁଡ଼ଙ୍ଗ ରାଜ୍ୟର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଉପହାର। ଏହାଫଳରେ ପର୍ଯ୍ୟଟନ ଶିଳ୍ପର ବିକାଶ ସମ୍ଭବ ହେବ ଏବଂ ବହୁଳ ପରିମାଣରେ ପେଟ୍ରୋଲ୍,ଡିଜେଲ୍ ଆଦି ବଞ୍ଚାଯାଇ ପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଗଡ଼କରୀ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ଜାମ୍ମୁ-କାଶ୍ମୀର ଗସ୍ତକୁ ବିରୋଧ କରି ବିଚ୍ଛିନ୍ନତାବାଦୀଙ୍କ ତରଫରୁ ବନ୍ଦ ଡାକରା ଦିଆଯାଇଥିବାରୁ ଜନଜୀବନ ବ୍ୟାହତ ହୋଇଛି। ଶ୍ରୀନଗରରେ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ବନ୍ଦର ଆଂଶିକ ପ୍ରଭାବ ପରିଲକ୍ଷିତ ହୋଇଥିଲା। ରାସ୍ତାରେ ଯାନବାହନ ଚଳାଚଳ କମ୍ ରହିଥିଲା। ହୁରିଆତ୍ କନ୍‌ଫରେନ୍ସ ଓ ଜେକେଏଲ୍ଏଫ ତରଫରୁ ଏହି ବନ୍ଦ ଡାକରା ଦିଆଯାଇଥିଲା। ବିଚ୍ଛିନ୍ନତାବାଦୀଙ୍କ ବନ୍ଦ ଡାକରା ଓ ପ୍ରଧାନମନ୍ତ୍ରୀ ଗସ୍ତକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ସ୍ଥାନମାନଙ୍କରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୁଲିସ ଓ ଅର୍ଦ୍ଧସାମରିକ ବାହିନୀର ଯବାନମାନେ ବିଭିନ୍ନ ସ୍ଥାନରେ ପଇଁତରା ମାରିବା ସହ ଗାଡ଼ିମୋଟର ଅଟକାଇ ଯାଞ୍ଚ କରୁଥିବା ଦେଖିବାକୁ ମିଳିଥିଲା।



# ପୁଣି ସତ୍ୟାଗ୍ରହ କରିବେ ଆନ୍ନା ହଜାରେ



**ଅଲଓ୍ୱାର୍ :** ଲୋକପାଳ ନିଯୁକ୍ତିରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଦର୍ଶାଇ ସମାଜସେବୀ ଆନ୍ନା ହଜାରେ ପୁନର୍ବାର ସତ୍ୟାଗ୍ରହ ଆନ୍ଦୋଳନ କରିବାକୁ ଯୋଜନା କରୁଛନ୍ତି। ଅଲଓ୍ୱାର ଠାରେ ସାମ୍ବାଦିକଙ୍କ ସହ ଆଲୋଚନା କାଳରେ ଆନ୍ନା କହିଛନ୍ତି ଲୋକପାଳ ନିଯୁକ୍ତିକୁ ନେଇ ନରେନ୍ଦ୍ର ମୋଦିଙ୍କ ସରକାର ଆଦୌ ଆଗ୍ରହୀ ଥିବା ଭଳି ମନେ ହେଉ ନାହିଁ। ଏହାର ପ୍ରତିବାଦରେ ସେ ନୂଆଦିଲ୍ଲୀର ରାମଲୀଳା ମୈଦାନରେ ସତ୍ୟାଗ୍ରହ କରିବାକୁ ଯୋଜନା କରୁଛନ୍ତି। କେନ୍ଦ୍ର ସରକାର କ'ଣ ପାଇଁ ଲୋକପାଳ ନିଯୁକ୍ତି କରୁନାହାନ୍ତି ସେ ସଂପର୍କରେ ଜବାବ ଦେବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଥିବା ଆନ୍ନା ସୂଚନା ଦେଇଛନ୍ତି। ୨୦୧୧ରେ ସେ ରାମଲୀଳା ମୈଦାନରେ କରିଥିବା ସତ୍ୟାଗ୍ରହ ଯୋଗୁଁ କେନ୍ଦ୍ର ସରକାର ଲୋକପାଳ ଆଇନ ପ୍ରଣୟନ କରିଥିଲେ। ତେବେ ବର୍ତ୍ତମାନ ନରେନ୍ଦ୍ର ମୋଦି ସରକାର ଲୋକପାଳ ନିଯୁକ୍ତିକୁ ନେଇ ନୀରବତା ଅବଲମ୍ବନ କରିବା ତାଙ୍କୁ ଚକିତ କରିଛି। ମୋଦି ସରକାର ଯେତେବେଳେ କେନ୍ଦ୍ରରେ କ୍ଷମତାକୁ ଆସିଲେ ସେ ତୁରନ୍ତ ଲୋକପାଳ ନିଯୁକ୍ତ କରିବେ ବୋଲି ଆଶାକରାଯାଉଥିଲା; ମାତ୍ର ୩ବର୍ଷ ବିତିଯାଇଥିଲେ ମଧ୍ୟ କେନ୍ଦ୍ର ଏଥିନେଇ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ। କେନ୍ଦ୍ରର ଏପ୍ରକାର ଉଦାସୀନତାର ପ୍ରତିବାଦରେ ସେ ପୁନର୍ବାର ରାମଲୀଳା ମୈଦାନରେ ସତ୍ୟାଗ୍ରହ ଆରମ୍ଭ କରିବାକୁ ମନସ୍ଥ କରିଛନ୍ତି ବୋଲି ଆନ୍ନା କହିଛନ୍ତି।

## ଆଦିତ୍ୟନାଥଙ୍କ ପ୍ରଥମ କ୍ୟାବିନେଟ୍ ନିଷ୍ପତ୍ତି

# ଲକ୍ଷେ ପର୍ଯ୍ୟନ୍ତ କୃଷି ଋଣ ଛାଡ଼

**ଲକ୍ଷ୍ନୌ :** ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଙ୍ଗଳବାର ତାଙ୍କ କ୍ୟାବିନେଟର ପ୍ରଥମ ବୈଠକ କରିଛନ୍ତି। ମନ୍ତ୍ରିମଣ୍ଡଳର ଏହି ପ୍ରଥମ ବୈଠକରେ ସରକାର ଅନେକଗୁଡିଏ ଦୃଢ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତିକ୍ରମେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଛାଡ କରାଯିବ ବୋଲି ମୁଖମନ୍ତ୍ରୀ ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟର ୨.୫କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଲାଭବାନ ହେବେ। ଏହି ଋଣଛାଡ ଘୋଷଣା ଦ୍ୱାରା ରାଜ୍ୟ ସରକାରଙ୍କୁ ୩୬,୦୦୦କୋଟି ଟଙ୍କା ବ୍ୟୟଭାର ବହନ କରିବାକୁ ପଡିବ। କୃଷିଋଣ ଛାଡ ବ୍ୟତୀତ ଆଦିତ୍ୟନାଥଙ୍କ ବେଆଇନ କଂସେଇଖାନା ବନ୍ଦ, ଆଣ୍ଟିରୋମିଓ ସ୍କ୍ୱାଡ ଗଠନକୁ କ୍ୟାବିନେଟ ଅନୁମୋଦନ ମିଳିଛି। ବେଆଇନ କଂସେଇଖାନାଗୁଡିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ଚାଷୀମାନଙ୍କ ଠାରୁ ୧୦୦ ପ୍ରତିଶତ ଗହମ କିଣିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଗହମର ସହାୟକ ମୂଲ୍ୟରେ କ୍ୱିଣ୍ଟାଲ ପ୍ରତି ୧୦ଟଙ୍କା ବୃଦ୍ଧି କରାଯାଇଛି। ସେହିପରି ସରକାରୀ ସ୍କୁଲ ଶିକ୍ଷକଙ୍କୁ ଟ୍ୟୁସନ ବାରଣ କରାଯାଇଛି। ଯେଉଁ ଶିକ୍ଷକ ଟ୍ୟୁସନ କରିବେ ସେମାନଙ୍କ ବିରୋଧରେ ଏଫଆଇଆର ରୁଜୁ ପୂର୍ବକ ଗିରଫ କରାଯିବ। ଆଗାମୀ ଦିନରେ ରାଜ୍ୟର ସ୍କୁଲଗୁଡିକରେ ଯୋଗ ପାଠ୍ୟକ୍ରମ ବାଧ୍ୟତାମୂଳକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲରେ ବାଳିକାମାନଙ୍କୁ ଆତ୍ମରକ୍ଷା ଲାଗି ଶାରିରୀକ ଶିକ୍ଷା ଦିଆଯିବ। ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା କାର୍ଯ୍ୟକ୍ରମ ନାମରେ ଏହି ଶାରିରୀକ ଶିକ୍ଷା ଦିଆଯିବ। ଉଚ୍ଚ ଶିକ୍ଷାନୁଷ୍ଠାନରେ ଖାଲିଥିବା ଶିକ୍ଷକ ପଦଗୁଡିକୁ ପୂରଣ କରିବା ଲାଗି ମଧ୍ୟ ନିଷ୍ପତ୍ତି ନିଆଯାଇଛି। ବୁନ୍ଦେଲଖଣ୍ଡ ଅଞ୍ଚଳକୁ ଜଳଯୋଗାଣ କରିବା, ଗ୍ରାମାଞ୍ଚଳକୁ ବିଦ୍ୟୁତ ଯୋଗାଣ ଓ ପୂର୍ବାଞ୍ଚଳ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଇଛି। ରବିବାର ଆଦିତ୍ୟନାଥ ରାଜ୍ୟର ବୁନ୍ଦେଲଖଣ୍ଡ ଅଞ୍ଚଳ ପାଇଁ ୪୭କୋଟି ଟଙ୍କାର ତ୍ୱରିତ ସହାୟତା ଘୋଷଣା କରିଥିଲେ। ରାଜ୍ୟ ବିଧାନସଭା ନିର୍ବାଚନ ସମୟରେ ବିଜେପି କୃଷିଋଣ ଛାଡ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଦଳର ଅନ୍ୟ ଘୋଷଣା ମଧ୍ୟରେ ୨୪ଘଣ୍ଟିଆ ବିଜୁଳି ଯୋଗାଣ, ୭୦ଲକ୍ଷ ନିଯୁକ୍ତି, ରାଜ୍ୟବାସୀଙ୍କ ପାଇଁ ୯୦% ନିଯୁକ୍ତି ସଂରକ୍ଷଣ, ସ୍ନାତକ ପର୍ଯ୍ୟନ୍ତ ଝିଅଙ୍କୁ ମାଗଣା ଶିକ୍ଷା ଅନ୍ୟତମ।

# ଜାଲ୍ ନୋଟ୍ ଉପରେ ଲାଗିବ ଅଙ୍କୁଶ

## ପ୍ରତି ୩ ବର୍ଷରେ ବଦଳିବ ସୁରକ୍ଷା ବୈଶିଷ୍ଟ୍ୟ

**ନୂଆଦିଲ୍ଲୀ :** ଦେଶରେ ଜାଲ ନୋଟ୍ କାରବାରକୁ ରୋକିବା ଲାଗି ସରକାରଙ୍କ ପକ୍ଷରୁ ଏକ ନୂଆ ପ୍ରୟାସ ଆରମ୍ଭ କରାଯାଉଛି। ଏଥିପାଇଁ ଏକ ନୂଆ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହି ଅନୁଯାୟୀ, ବିଶ୍ୱରେ ପ୍ରଚଳିତ ମାନ ସହ ତାଳ ଦେବାକୁ ଯାଇ ସରକାର ପ୍ରତି ୩ବର୍ଷରେ ୨୦୦୦ ଏବଂ ୫୦୦ ଟଙ୍କିଆ ଭଳି ବଡ ନୋଟ୍‌ରେ ରହିଥିବା ସୁରକ୍ଷା ବୈଶିଷ୍ଟ୍ୟରେ ପରିବର୍ତ୍ତନ ଘଟାଇବେ। ବିମୁଦ୍ରାୟନ ପରେ ଗତ ୪ମାସ ମଧ୍ୟରେ ଦେଶକୁ ବହୁ ସଂଖ୍ୟାରେ ଜାଲ ନୋଟ୍ ଆସିବା ପରେ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

ନିକଟରେ ଅର୍ଥ, ସ୍ୱରାଷ୍ଟ୍ର ମନ୍ତ୍ରାଳୟର ବରିଷ୍ଠ ଅଧିକାରୀ ଏବଂ ଗୃହ ସଚିବ ରାଜୀବ ମେହେର୍ଶିଙ୍କୁ ନେଇ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜାଲ ନୋଟ କାରବାରକୁ ରୋକିବା ଏବଂ ନୂଆ ଯୋଜନା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବିଶ୍ୱର ଅଧିକାଂଶ ବିକଶିତ ରାଷ୍ଟ୍ରରେ ପ୍ରତି ୩-୪ବର୍ଷରେ ଥରେ ନୋଟ୍‌ଗୁଡ଼ିକର ସୁରକ୍ଷା ବୈଶିଷ୍ଟ୍ୟ ପରିବର୍ତ୍ତନ କରାଯାଇଥାଏ। ତେଣୁ ଏହି ଦୃଷ୍ଟିରୁ ଭାରତ ଭଳି ରାଷ୍ଟ୍ରରେ ମଧ୍ୟ ଏଭଳି ପଦକ୍ଷେପର ଆବଶ୍ୟକତା ରହିଥିବା ସ୍ୱରାଷ୍ଟ୍ର ମନ୍ତ୍ରାଳୟର ଅଧିକାରୀମାନେ କହିଥିଲେ। ବହୁ ଦିନ ଧରି ଭାରତରେ ବଡ ନୋଟ୍‌ର ସୁରକ୍ଷା ବୈଶିଷ୍ଟ୍ୟରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ଏପରିକି ବିମୁଦ୍ରାୟନ ପୂର୍ବରୁ ୨୦୦୦ ମସିହାରେ ବଜାରକୁ ଛଡାଯିବା ପରଠାରୁ ୧୦୦୦ ଟଙ୍କିଆ ନୋଟ୍‌ର ସୁରକ୍ଷା ବୈଶିଷ୍ଟ୍ୟରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା। ବର୍ତ୍ତମାନ ନୂଆ କରି ଛଡାଯାଇଥିବା ବଡ ନୋଟ୍‌ରେ ପୁରୁଣା ୧୦୦୦ ଏବଂ ୫୦୦ ଟଙ୍କିଆ ନୋଟ୍ ସହ ସମାନ ବୈଶିଷ୍ଟ୍ୟ ରହିଛି। ଏଥିରେ କୌଣସି ଅତିରିକ୍ତ ସୁରକ୍ଷା ବୈଶିଷ୍ଟ୍ୟ ରଖାଯାଇନାହିଁ । ତଦନ୍ତକାରୀଙ୍କ କହିବାନୁଯାୟୀ, ନିକଟରେ ଜବତ କରାଯାଇଥିବା ଜାଲ ନୋଟ୍‌ରୁ ଯାହା ଜଣାଯାଇଛି ସେଥିରେ ନୂଆ ୨୦୦୦ ଟଙ୍କିଆରେ ରହିଥିବା ୧୭ ସୁରକ୍ଷା ବୈଶିଷ୍ଟ୍ୟ ମଧ୍ୟରୁ ୧୧ଟିକୁ ନକଲ କରାଯାଇଛି। ଏହି ବୈଶିଷ୍ଟ୍ୟଗୁଡିକ ହେଉଛି, ସ୍ୱଚ୍ଛ ଅଞ୍ଚଳ, ଓ୍ୱାଟର ମାର୍କ, ଅଶୋକ ସ୍ତମ୍ଭ ଚିହ୍ନ, ବାମ ପାର୍ଶ୍ୱରେ ୨୦୦୦ ଟଙ୍କା ଲେଖା, ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କ ସ୍ୱାକ୍ଷର ସହ ଗ୍ୟାରେଣ୍ଟି ଲେଖା ଏବଂ ସମ୍ମୁଖ ଭାଗରେ ନୋଟ୍‌ର ନମ୍ବର ଦେବନାଗରି ଭାଷାରେ ଉଲ୍ଲେଖ। ଯଦିବା ଜବତ ହୋଇଥିବା ଜାଲ ନୋଟ୍‌ର ପ୍ରିଣ୍ଟିଂ ଏବଂ କାଗଜର ମାନ ନ୍ୟୁନମାନର ତଥାପି ସେଗୁଡିକ ସ୍ୱଭାବିକ ନୋଟ୍ ଭଳି ଦୃଶ୍ୟମାନ ହେଉଛି । ପ୍ରତି ୩-୪ବର୍ଷରେ ଥରେ ନୋଟ୍‌ଗୁଡ଼ିକର ସୁରକ୍ଷା ବୈଶିଷ୍ଟ୍ୟ ପରିବର୍ତ୍ତନ କରିବା ଦ୍ୱାରା ଜାଲ ନୋଟ୍ କାରବାରକୁ ବହୁ ମାତ୍ରାରେ ପ୍ରତିହତ କରାଯାଇପାରିବ ବୋଲି ଅଧିକାରୀମାନେ କହିଛନ୍ତି । ଜବତ କରାଯାଇଥିବା ଜାଲ ୨୦୦୦ ଟଙ୍କିଆ ନୋଟ୍ ପାକିସ୍ତାନରେ ଆଇଏସ୍ଆଇ ଦ୍ୱାରା ପ୍ରିଣ୍ଟ କରାଯାଇଥିବା ଏହି ଘଟଣାରେ ଗିରଫ ବ୍ୟକ୍ତିମାନେ ତଦନ୍ତକାରୀ ଏଜେନ୍ସି ନିକଟରେ ସ୍ୱୀକାର କରିଛନ୍ତି। ଏହି ଜାଲ ନୋଟ୍‌ଗୁଡିକୁ ବାଂଲାଦେଶ ଜରିଆରେ ଭାରତକୁ ଛଡାଯାଉଛି । ୨୦୧୬ରେ ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ(କୋଲକାତା) ପକ୍ଷରୁ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, ବଜାରରେ ପ୍ରଚଳନ ଥିବା ଜାଲ ଭାରତୀୟ ନୋଟ୍‌ର ମୂଲ୍ୟ ୪୦୦କୋଟି ଟଙ୍କା ହେବ।



# ରେପୋ ରେଟ୍ ଅପରିବର୍ତ୍ତିତ

**ମୁମ୍ବଇ :** ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ଅନ୍ତର୍ଗତ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ଦ୍ୱି-ମାସିକ ମୁଦ୍ରାନୀତି ସମୀକ୍ଷା ବୈଠକରେ ସୁଧହାର ହ୍ରାସ ନେଇ ବ୍ୟାଙ୍କ, ବିଶେଷଜ୍ଞ ଏବଂ ଶିଳ୍ପ ସମୂହ ସଂସ୍ଥାଗୁଡିକ ପକ୍ଷରୁ ଯାହା ସବୁ ଆଶଙ୍କା ପ୍ରକାଶ ପାଉଥିଲା ତାହା ଭୂଲ ପ୍ରମାଣିତ ହୋଇଛି । ଏଥିରେ କ୍ରମାଗତ ଭାବେ ତୃତୀୟ ଥର ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାରକୁ ଅପରିବର୍ତ୍ତିତ ରଖିଛି। ବୁଧବାର ଏବଂ ଗୁରୁବାର ଦୁଇଦିନ ଧରି ଆର୍‌ବିଆଇ ଗଭର୍ଣ୍ଣର ଉର୍ଜିତ୍ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ବ୍ୟାଙ୍କ ରେପୋ ହାର(ଯେଉଁ ହାରରେ ରିଜର୍ଭ ବ୍ୟାଙ୍କ ବ୍ୟାଙ୍କଗୁଡିକୁ ଋଣ ଦେଇଥାଏ) ବା ସ୍ୱଳ୍ପ ମିଆଦି ସୁଧହାରକୁ ଅପରିବର୍ତ୍ତିତ ରଖିଛି। ତେବେ ରିଜର୍ଭ ବ୍ୟାଙ୍କ ରିଭର୍ସ ରେପୋ ହାର (ଯେଉଁ ହାରରେ ରିଜର୍ଭ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡିକ ନିକଟରୁ ଅର୍ଥ ନେଇଥାଏ)ରେ ୦.୨୫% ବୃଦ୍ଧି ଘଟାଇ ତାହାକୁ ୬% କରିଛି। ଅନ୍ୟପକ୍ଷରେ ବୈଠକରେ ମାର୍ଜିନାଲ ଷ୍ଟାଣ୍ଡିଂ ସୁବିଧା (ଏମ୍ଏସ୍ଏଫ୍)ରେ ସଂଶୋଧନ କରାଯାଇଛି।

## ଜିଏସ୍‌ଟିରେ ନୂଆ ନିୟମ

# ବରଦାସ୍ତ କରାଯିବନି ଟିକସ ଫାଙ୍କି

**ନୂଆଦିଲ୍ଲୀ :** ଖୁବ୍‌ଶୀଘ୍ର ଲାଗୁ ହେବାକୁ ଥିବା ନୂଆ ଏକକ ପରୋକ୍ଷ ଟିକସ ବ୍ୟବସ୍ଥା ଜିଏସ୍‌ଟିରେ ଟିକସ ଫାଙ୍କିକୁ ବରଦାସ୍ତ କରାଯିବ ନାହିଁ। ୫ କୋଟି ଟଙ୍କାରୁ ଅଧିକ ଟିକସ ଫାଙ୍କିକୁ ଜାମିନିବିହୀନ ଅପରାଧ ଭାବେ ବିବେଚନା କରାଯିବ। ତେଣୁ ଏବେଠୁ ଲଗାତାର ଭାବେ ଟିକସ ଫାଙ୍କି ଆସୁଥିବା ବ୍ୟବସାୟୀ ଓ ସଂସ୍ଥା ସତର୍କ ହୋଇଯିବା ଆବଶ୍ୟକ। ଜିଏସ୍‌ଟି (ଦ୍ରବ୍ୟ ଓ ସେବା କର) ନୀତିରେ ରହିଥିବା ବ୍ୟବସ୍ଥା ମୁତାବକ ୫ କୋଟି ଟଙ୍କାରୁ ଅଧିକ ଟିକସ ଭାଙ୍ଗିଲେ ସମ୍ପୃକ୍ତ ବ୍ୟବସାୟୀ କିମ୍ବା ସଂସ୍ଥା ବିରୋଧରେ ଜାମିନିବିହୀନ ଗିରଫ ପରୱାନା ଜାରି ହେବ। ଏଥିରେ ପୋଲିସକୁ କ୍ଷମତା ଦିଆଯିବ। ଟିକସ ଫାଙ୍କୁଥିବା ସଂସ୍ଥାର ପୃଷ୍ଠପୋଷକଙ୍କୁ ପୋଲିସ ହିଁ ବାନ୍ଧିବ। ଗିରଫ ହେବା ପରେ ଜାମିନ ମିଳିବା କଷ୍ଟକର ହୋଇପଡ଼ିବ। କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି) ଆଇନରେ ରହିଥିବା ବ୍ୟବସ୍ଥା ମୁତାବକ କୌଣସି ଟିକସଯୋଗ୍ୟ ଏଡ଼ାଯାଇଥାଏ ଅଥବା ରିଫଣ୍ଡ କରିଥାଏ, ତା'ହେଲେ ଏହାକୁ ଜାମିନିବିହୀନ ଅପରାଧ ବୋଲି ବିବେଚନା କରାଯିବ। ଅନ୍ୟପକ୍ଷରେ ଅନ୍ୟ ଅପରାଧ ଗୁଡିକ କ୍ଷେତ୍ରରେ ଜାମିନ ମିଳିବା ସମ୍ଭବ ବୋଲି ସିବିଇସି ଏକ ୨୨୩ ପୃଷ୍ଠା ସମ୍ବଳିତ ଏଫ୍ଏକ୍ୟୁରେ ଦର୍ଶାଇଛି। ସୂଚନାଥାଉ କି କେନ୍ଦ୍ର ସରକାର ଆସନ୍ତା ଜୁଲାଇ ପହିଲାରୁ ଦେଶବ୍ୟାପୀ ଜିଏସ୍‌ଟି ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ, ସେବା ଟିକସ, ଭାଟ୍ ଓ ଅନ୍ୟ ଲୋକାଲ୍ ଟିକସଗୁଡିକର ମିଶ୍ରଣ ହେବ। ସିବିଇସିର ଏଫ୍ଏକ୍ୟୁରେ ଦର୍ଶାଯାଇଛି ଯେ ଯଦି ଜଣେ ବ୍ୟକ୍ତି ଜାମିନିବିହୀନ ଅପରାଧ ଆଧାରରେ ଗିରଫ ହୁଅନ୍ତି, ତା'ହେଲେ ତାଙ୍କୁ ଲିଖିତ ଆକାରର ଗିରଫର କାରଣ ସମ୍ପର୍କରେ ସୂଚନା ପ୍ରଦାନ କରାଯିବ। ଗିରଫର ୨୪ ଘଣ୍ଟା ମଧ୍ୟରେ ତାଙ୍କୁ ଗିରଫ କରାଯିବ। ସେହିପରି ଜାମିନଯୋଗ୍ୟ ଅପରାଧରେ ଜଣେ ବ୍ୟକ୍ତି ଗିରଫ ହେଲେ ସିଜିଏସ୍‌ଟି/ଏସ୍‌ଜିଏସ୍‌ଟିର ଉପ/ସହକାରୀ କମିଶନର ତାଙ୍କୁ ଜାମିନ ପ୍ରଦାନ କରିପାରିବେ। ସେହିପରି କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଡ୍ୟୁର୍ ୧୯୭୩ର ଧାରା ୪୩୬ ଆଧାରରେ ପୋଲିସ ଷ୍ଟେସନରେ ଜଣେ ଅଫିସର ଇନ୍‌ଚାର୍ଜ ଏହି ଜାମିନ ଦେଇପାରିବେ। ଅନ୍ୟପକ୍ଷରେ ସମନ୍ ପାଇବା ପରେ ଯଦି ଜଣେ ବ୍ୟକ୍ତି ନିର୍ଦ୍ଧାରିତ ସମୟରେ ସିଜିଏସ୍‌ଟି/ଏସ୍‌ଜିଏସ୍‌ଟି ଅଧିକାରୀଙ୍କ ସମ୍ମୁଖରେ ହାଜର ନ ହୁଅନ୍ତି, ତା'ହେଲେ ତାଙ୍କ ଉପରେ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗୁ ହୋଇପାରିବ। କ୍ଷେତ୍ରାଧିକାରୀ ଯେମିତି ଏହି ସମନ୍ ବ୍ୟବସ୍ଥାର ଅପବ୍ୟବହାର ନ କରନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଟିକସ ବିଭାଗ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯିବ। ପଠାଯିବାକୁ ଥିବା ସମନ୍‌ର ଭାଷା ଅତ୍ୟନ୍ତ ସରଳ ହେବ, ଯାହାକୁ ଭଲ ଭାବେ ବୁଝିହେବ। ଏହାଦ୍ୱାରା ଯେମିତି ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଉପରେ ଅଯଥା ମାନସିକ ଚାପ ନ ପଡେ, ତାହା ସୁନିଶ୍ଚିତ ମଧ୍ୟ କରାଯିବ। ଅନ୍ୟପକ୍ଷରେ ପ୍ରଥମ ଘଟଣାରେ ଏକ ବୃହତ୍ କମ୍ପାନି ବା ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସିଇଓ, ସିଏଫ୍‌ଓ ବା ମହାପ୍ରବନ୍ଧକ ଭଳି ବରିଷ୍ଠ ପରିଚାଳନା ଅଧିକାରୀଙ୍କୁ ସିଧାସଳଖ ସମନ୍ ଜାରି କରାଯାଇ ପାରିବ ନାହିଁ। ତଦନ୍ତ ପ୍ରକ୍ରିୟାରେ ସେମିତି କିଛି ନକରାତ୍ମକ ସଙ୍କେତ ମିଳିବା ପରେ ସମନ୍ କରାଯାଇ ପାରିବ।




# କାଶ୍ମୀର ସମସ୍ୟାରେ ମୁଣ୍ଡ ପୂରାଇବୁ

**ବେଜିଂ, :** ଦଲାଇ ଲାମାଙ୍କ ଅରୁଣାଚଳ ଗସ୍ତ ନେଇ ଚୀନ୍‌ର କ୍ରୋଧ ଦିନକୁ ଦିନ ବୃଦ୍ଧି ପାଉଛି। ଗତ କିଛି ଦିନ ଧରି ଭାରତକୁ ନାନା ଭାବେ ନାଲିଆଖି ଦେଖାଇବା ପରେ ଆବଶ୍ୟକ ହେଲେ କାଶ୍ମୀର ମାମଲାରେ ମୁଣ୍ଡ ପୂରାଇବ ବୋଲି ଗୁରୁବାର ପୁନର୍ବାର ଧମକ ଦେଇଛି। ଦଲାଇ ଲାମାଙ୍କୁ ନେଇ ଚୀନ୍ ପ୍ରତି ଭାରତର ଆଚରଣ ଅତ୍ୟନ୍ତ ଜଟିଳ ଓ ରୁକ୍ଷ ହୋଇଥିବା ଚୀନ୍ ପକ୍ଷରୁ ଅଭିଯୋଗ କରାଯାଇଛି। ତିବ୍ବତ ହେଉଛି ଚୀନ୍‌ର ଅବିଚ୍ଛେଦ୍ୟ ଅଙ୍ଗ; ଦଲାଇ ଲାମା ଜଣେ ବିଚ୍ଛିନ୍ନତାବାଦୀ। ସେ ସ୍ୱାଧୀନ ତିବ୍ବତ ଗଠନ ପାଇଁ ଉଦ୍ୟମ କରି ଚୀନ୍ ବିରୋଧରେ ସଂଗ୍ରାମ ଚଳାଇଛନ୍ତି। ଅରୁଣାଚଳ ପ୍ରଦେଶ ହେଉଛି ଦକ୍ଷିଣ ତିବ୍ବତ ଅନ୍ତର୍ଗତ। ଦଲାଇ ଲାମା ଏହାକୁ ଭାରତୀୟ ଅଞ୍ଚଳ ଭାବେ ଦର୍ଶାଉଛନ୍ତି; ଯାହା ଭୁଲ୍। ଭାରତ ଏଭଳି ଚୀନ୍‌ବିରୋଧୀ ଶକ୍ତିଙ୍କୁ ପ୍ରଶ୍ରୟ ଦେଇ ପରୋକ୍ଷରେ ଚୀନ୍‌ର ବିରୋଧାଚରଣ କରୁଛି। ଏହା ଦ୍ୱାରା ଅର୍ଥନୈତିକ, ସାମରିକ ଓ କୂଟନୈତିକ କ୍ଷେତ୍ରରେ ଯଥେଷ୍ଟ ଶକ୍ତିଶାଳୀ ଥିବା ଚୀନ୍ ବିରୋଧରେ ଭାରତ ଭୌଗୋଳିକ ଓ ରାଜନୈତିକ ଆକ୍ରମଣର ବ୍ୟୂହ ରଚନା କରୁଛି ଏବଂ 'ବିଛାମନ୍ତ୍ର ନଜାଣି ସାପ ଲାଙ୍ଗୁଡ଼ରେ ହାତ ମାରିବା' ଭଳି ପଦକ୍ଷେପ ନେଉଛି ବୋଲି ଚୀନ୍‌ର ସରକାରୀ ଗଣମାଧ୍ୟମ 'ଗ୍ଲୋବାଲ ଟାଇମ୍ସ' ଉଲ୍ଲେଖ କରିଛି। ଏହାଦ୍ୱାରା ଭାରତ ନିଜର ମର୍ଯ୍ୟାଦା ହାନି ଘଟାଉଛି ବୋଲି ଜନୈକ ସରକାରୀ ଉଚ୍ଚାଧିକାରୀ ମଧ୍ୟ ମତ ଦେଇଛନ୍ତି। ଭାରତର ଉତ୍ତର ସୀମା ସର୍ବଦା ସମସ୍ୟାବହୁଳ ରହିଆସିଛି। ଏହା ଚୀନ୍ ଓ ପାକିସ୍ତାନକୁ ଲାଗି ରହିଛି। ଚୀନ୍‌ର ଶକ୍ତି ଯାହା, ଏହି ଦେଶ ଅନାୟାସରେ ଭାରତ ମହାସାଗର ଓ ନୂଆଦିଲ୍ଲୀରେ ପହଞ୍ଚିଯାଇ ପାରିବ। ଚୀନ୍ ଜାମ୍ମୁ-କାଶ୍ମୀର, ଲଦାଖ ଓ ପାକ୍‌ଅଧିକୃତ କାଶ୍ମୀରକୁ ଲାଗି ରହିଛି। ପାକ୍‌ଅଧିକୃତ କାଶ୍ମୀରରେ ଚୀନ୍ ଏବେ ବିଭିନ୍ନ ପ୍ରକଳ୍ପ ଆଳରେ ସକ୍ରିୟ ରହିଛି। ଏହା ଚିନ୍ତା କରି ପଡ଼ୋଶୀ ରାଷ୍ଟ୍ର ଭାବେ ଚୀନ୍ ସହିତ ରାଜନୈତିକ ଖେଳ ନଖେଳି ଭାରତ ସୁସମ୍ପର୍କ ରଖିବା ଆବଶ୍ୟକ। ଭାରତ ଯଦି ଭାବୁଥାଏ ଯେ ଏପରି ଖେଳରେ ସେ ଜିତିଯିବ ତାହା ସମ୍ପୂର୍ଣ୍ଣ ଭ୍ରମାତ୍ମକ। ସାଙ୍ଘାଇ ଆନ୍ତର୍ଜାତିକ ଶିକ୍ଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଝାଓ ଗାନ୍‌ଚେଙ୍ଗ୍ କହିଛନ୍ତି ଯେ ଦଲାଇ ଲାମାଙ୍କୁ ନିମନ୍ତ୍ରଣ କରି ଭାରତ ଚୀନ୍ ବିରୋଧରେ ନିଜର ଅସନ୍ତୋଷ ବ୍ୟକ୍ତ କରିଛି। ଉଭୟ ଦେଶ ମଧ୍ୟରେ ଫେବୃୟାରୀ ମାସରେ ଦ୍ୱିପାକ୍ଷିକ ସମ୍ପର୍କ ସହିତ ଏନ୍‌ଏସ୍‌ଜି ସଦସ୍ୟତା ଓ ମାସୁଦ ଅଜ୍‌ହାର ପ୍ରସଙ୍ଗରେ ଆଲୋଚନା ହୋଇଛି। ଭାରତ ଏହି ଦୁଇଟିରେ ଚୀନ୍‌ର ପଦକ୍ଷେପ ନେଇ ଅସନ୍ତୁଷ୍ଟ ରହିଛି। ତେଣୁ ଚୀନ୍ ଉପରେ ଚାପ ପକାଇବା ପାଇଁ ଦଲାଇ ଲାମାଙ୍କୁ ଭାରତ ଏକ କୂଟନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛି ବୋଲି ସେ କହିଛନ୍ତି।

## ଭାରତକୁ ପୁଣି ଚୀନ୍‌ର ଧମକ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର





Bhubaneswar, 10th-16th Apr, 2017
ଭୁବନେଶ୍ୱର, ୧୦-୧୬ ଏପ୍ରିଲ, ୨୦୧୭

# ପ୍ରଦୀପଙ୍କ ଇସ୍ତଫା ପ୍ରସାଦଙ୍କ ଅଡୁଆ ବଢ଼ାଇଲା

**ଭୁବନେଶ୍ୱର :** କଂଗ୍ରେସର ଆଭ୍ୟନ୍ତରୀଣ ବ୍ୟାପାରକୁ ନେଇ ଏକ ବଡ ଝଡ଼ର ପ୍ରାକ୍ ସୂଚନା ମିଳିଛି। ଜଣକ ପରେ ଜଣେ ନେତା ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ଇସ୍ତଫା ଦାବି କରୁଥିବା ବେଳେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ ପିସିସି ଉପସଭାପତି ପଦରୁ ଇସ୍ତଫା ଦେଇ ପରୋକ୍ଷରେ ପ୍ରସାଦଙ୍କ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହି ଘଟଣା କଂଗ୍ରେସର କୁହୁଳା ନିଆଁରେ ଘିଅ ଢାଳିବା ସଦୃଶ ହୋଇଛି।

ସୂଚନାଥାଉ କି ପଞ୍ଚାୟତ ନିର୍ବାଚନରେ ରାଜ୍ୟ କଂଗ୍ରେସର ଶୋଚନୀୟ ବିପର୍ଯ୍ୟୟ ପରେ ପିସିସି ପରିବର୍ତ୍ତନ କରିବା ପାଇଁ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। ଦଳର ବରିଷ୍ଠ ନେତାମାନଙ୍କ ପକ୍ଷରୁ ଏଆଇସିସି ଉପରେ ଚାପ ବଢ଼ିବାରେ ଲାଗିଛି। କଂଗ୍ରେସର ସଂଗଠନ ସମ୍ପାଦକ ଶୈଳେନ୍ଦ୍ର ମଜୁମଦାରଙ୍କ ସମେତ ୭ଜଣ ଯୁବନେତା ଦିଲ୍ଲୀ ଯାଇ ଏଆଇସିସି ଉପାଧ୍ୟକ୍ଷ ରାହୁଲ ଗାନ୍ଧିଙ୍କୁ ଭେଟି ରାଜ୍ୟ ରାଜନୀତି ଓ ଦଳର ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ପିସିସି ସଭାପତି ପରିବର୍ତ୍ତନ ହେବା ନେଇ ଦଳରେ ଗୁଞ୍ଜରଣ ସୃଷ୍ଟି ହୋଇଛି। ଜଣେ ପୂର୍ବତନ ସଭାପତିଙ୍କୁ ଦାୟିତ୍ୱ ମିଳିବ ବୋଲି ତାଙ୍କ ସମର୍ଥକମାନେ କହିବୁଲିଲେଣି। ପିସିସି ସଭାପତି ହଟାଇବା ପାଇଁ କଂଗ୍ରେସ ବିଧାୟକ ଦଳଠାରୁ ଧରି ବରିଷ୍ଠ ନେତାମାନେ ବହୁଥର ଦିଲ୍ଲୀ ଯାଇଛନ୍ତି। ସେମାନଙ୍କୁ ବୁଝାସୁଝା କରି ଏଆଇସିସି ପଠାଇଥିଲେ ମଧ୍ୟ ଦଳ ଭିତରେ କନ୍ଦଳ ଲାଗିରହିଛି। ପଞ୍ଚାୟତ ନିର୍ବାଚନ ପରେ ପ୍ରସାଦ ହଟାଅ ଅଭିଯାନ ପୁଣିଥରେ ଆରମ୍ଭ ହୋଇଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ପିସିସି ସଭାପତି ପରିବର୍ତ୍ତନ ନେଇ ଦଳର ୧୧ଜଣ ବିଧାୟକ ଏଆଇସିସି ପାଖରେ ନିଜ ମତବ୍ୟକ୍ତ କରିଥିଲେ। ରାହୁଲ ଗାନ୍ଧି ସବୁ ଶୁଣି କୌଣସି ପଦକ୍ଷେପ ନନେବାରୁ ଦଳ ଭିତରେ ଅସନ୍ତୋଷ କୁହୁଳିବାରେ ଲାଗିଥିଲା। ପଞ୍ଚାୟତ ନିର୍ବାଚନରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ନେଇ ଦଳର ବିଧାୟକମାନେ ରାଜ୍ୟ ପ୍ରଭାରୀ ଓ ପିସିସିକୁ ସିଧାସଳଖ ଦାୟୀ କରିଥିଲେ। ପଞ୍ଚାୟତ ନିର୍ବାଚନର ବିପର୍ଯ୍ୟୟ ପାଇଁ ପିସିସି ସଭାପତି ନିଜକୁ ଦାୟୀ କରିଥିଲେ ହେଁ ପିସିସି ପଦ ଛାଡିବା ନ ଛାଡିବା ନେଇ ନିରବ ରହିଥିଲେ। କେବଳ ଦଳର ଫଳାଫଳ ସମ୍ପର୍କିତ ରିପୋର୍ଟ ଏଆଇସିସିକୁ ପ୍ରଦାନ କରିଥିଲେ। ରାଜ୍ୟ ପ୍ରଭାରୀ ବିକେ ହରିପ୍ରସାଦ ନିଜକୁ ଦାୟୀ କରି ନୈତିକତା ଦୃଷ୍ଟିରୁ ଏଆଇସିସି ସାଧାରଣ ସମ୍ପାଦକ ଓ ରାଜ୍ୟ ପ୍ରଭାରୀ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କର ଇସ୍ତଫା ଦଳ ଗ୍ରହଣ




କରିନାହିଁ। ହରିପ୍ରସାଦଙ୍କ ଇସ୍ତଫା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଦଳର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଅନନ୍ତ ସେଠୀ ଇସ୍ତଫାକୁ ସ୍ୱାଗତ କରିଥିବା ବେଳେ ସେ ପିସିସି ସଭାପତି ଥିଲେ ଇସ୍ତଫା ଦେଇସାରନ୍ତେଣି ବୋଲି ଉଲ୍ଲେଖ କରିଥିଲେ। ବିରୋଧୀଦଳ ମୁଖ୍ୟସଚେତକ ତାରାପ୍ରସାଦ ବାହିନୀପତି କହିଲେ ଯେ, ରାଜ୍ୟର ସାଧାରଣ ନିର୍ବାଚନ ପରେ ରାଜ୍ୟ ପ୍ରଭାରୀ ଇସ୍ତଫା ଦେବାର ଥିଲା। ପିସିସି ସଭାପତି ମଧ୍ୟ ନିଜ ପଦରୁ ଇସ୍ତଫା ଦେଇ ଦଳକୁ ରକ୍ଷା କରିବା ଉଚିତ ବୋଲି କହିଥିଲେ। ବିଧାୟକ ପ୍ରଫୁଲ୍ଲ ମାଝୀ ପଞ୍ଚାୟତ ନିର୍ବାଚନରେ ସୁନ୍ଦରଗଡ଼ରେ ବିଜେଡିକୁ ଜିଲ୍ଲାପରିଷଦ ସଦସ୍ୟଙ୍କ ସମର୍ଥନ ଫିକ୍ସ ହୋଇଥିବା ଅଭିଯୋଗ କରିଥିଲେ। ଏଥିପାଇଁ ୩ଜଣଙ୍କୁ କଂଗ୍ରେସ ଦଳର ଶୃଙ୍ଖଳା କମିଟି କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଶ୍ରୀ ସେଠୀ କାରଣ ଦର୍ଶାଅ ନୋଟିସର ଉତ୍ତର ଶୃଙ୍ଖଳା କମିଟିକୁ ଦେଇଥିବା ବେଳେ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ଓ ଶ୍ରୀ ମାଝୀ ସେମାନଙ୍କ ନୋଟିସର ଉତ୍ତର ଦେଇନଥିବା ଜଣାପଡିଛି। ଶ୍ରୀ ବାହିନୀପତି କହିଛନ୍ତି ଯେ, ସେଭଳି କିଛି ଭୁଲ କରିନାହାନ୍ତି ବରଂ ସର୍ବଦା ଦଳକୁ ସୁଦୃଢ଼ କରିବା ପାଇଁ ମୁହଁ ଖୋଲିଛନ୍ତି। ଶ୍ରୀ ସେଠୀ କହିଛନ୍ତି ଯେ ଦଳ ସଂଗଠନକୁ ସୁଦୃଢ଼ କରିବା ପିସିସି ଓ ଏଆଇସିସିର ଦାୟିତ୍ୱ ହେଲେ ସେ କେବେ ଦଳକୁ ଦୁର୍ବଳ କଲା ଭଳି କାର୍ଯ୍ୟ କରିନାହାନ୍ତି। ଦଳର ସଙ୍ଗଠନ ଦୁର୍ବଳ ହେବାକୁ ବସିଥିବା ବେଳେ କେତେକ ଦଳ ଛାଡି ବିଜେପିରେ ଯୋଗଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ନୟାଗଡ଼ର ପୂର୍ବତନ ବିଧାୟକ ତଥା ପିସିସି ପୂର୍ବତନ ସାଧାରଣ ସମ୍ପାଦକ ସୀତାକାନ୍ତ ମିଶ୍ର, ଅନୁଗୁଳର ପୂର୍ବତନ ଜିଲ୍ଲାସଭାପତି ପ୍ରତାପ ପ୍ରଧାନଙ୍କ ସମେତ ବହୁ କର୍ମକର୍ତ୍ତା ଦଳ ଛାଡି ବିଜେପିରେ ଯୋଗଦେଲେଣି। ଆଗକୁ ବିଜେପିର କାର୍ଯ୍ୟକାରିଣୀ ଓଡ଼ିଶାରେ ୧୪/୧୫ରେ ହେଉଥିବାରୁ ଦଳରେ କେତେକ ନେତା ଓ ବିଧାୟକ ଦଳ ଛାଡ଼ି ବିଜେପିରେ ଯୋଗ ଦେବା ନେଇ ଦଳ ଭିତରେ ଆଲୋଚନାର ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। ଦଳକୁ ବଞ୍ଚାଇବା ପାଇଁ କେତେକ ନେତା ଦିଲ୍ଲୀ ଯାଇ ରାହୁଲ ଗାନ୍ଧିଙ୍କୁ ଭେଟି ପିସିସି ପରିବର୍ତ୍ତନ ପାଇଁ ଚାପ ପକାଉଛନ୍ତି। ଆସନ୍ତା ୧୯ କିମ୍ବା ୨୦ ସୁଦ୍ଧା ପିସିସି ପରିବର୍ତ୍ତନ ହେବ ବୋଲି ଏଆଇସିସି ସୂଚନା ଦେଇଥିବା ଏହି ନେତାମାନେ କହିଛନ୍ତି। ବିଜେପି ଜାତୀୟ କାର୍ଯ୍ୟକାରିଣୀ କଂଗ୍ରେସ ପାଇଁ ଚିନ୍ତା ବଢ଼ାଇ ଦେଇଛି। ଏଭଳି ସ୍ଥିତିରେ ଏଆଇସିସିର ପଦକ୍ଷେପକୁ ଦଳର ବହୁନେତା ଅପେକ୍ଷା କରିଛନ୍ତି।

## ଖାଦ୍ୟ ନିରାପତ୍ତା : ଓଡ଼ିଶାକୁ ମିଳିଲା ସବୁଜ ପରିବେଶ ପାଣ୍ଠି ପ୍ରକଳ୍ପ

**ଭୁବନେଶ୍ୱର :** ଖାଦ୍ୟ ନିରାପତ୍ତା ପାଇଁ ସବୁଜ ପରିବେଶ(ଗ୍ରୀନ୍ କ୍ଲାଏମେଟ୍) ପାଣ୍ଠି ପ୍ରକଳ୍ପ ନିମନ୍ତେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶାକୁ ସ୍ୱୀକୃତି ମିଳିଛି। ଅନୁସୂଚିତ ଜନଜାତି ବହୁଳ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଖାଦ୍ୟ ନିରପତ୍ତା ଯୋଗାଇ ଦେବାକୁ ସବୁଜ ପରିବେଶ ପାଣ୍ଠି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପ୍ରକଳ୍ପକୁ ନାବାର୍ଡ଼ ସହାୟତାରେ ବୈଷୟିକ ଜ୍ଞାନକୌଶଳ ଯୋଗାଇ ଦିଆଯାଉଛି। ପ୍ରକଳ୍ପ ନିମନ୍ତେ ଜାତୀୟ ସବୁଜ ପରିବେଶ ପାଣ୍ଠି ତରଫରୁ ରାଜ୍ୟ ସରକାରଙ୍କୁ ନାବାର୍ଡ଼ ମାଧ୍ୟମରେ ୩କୋଟି ୪୦ଲକ୍ଷ ଡଲାର ଦିଆଯିବ। ଏହି ଅର୍ଥ ରାଜ୍ୟର ୧୫ଟି ଜିଲାରେ ୫୨ଲକ୍ଷ ପରିବାର ନିମନ୍ତେ ଖାଦ୍ୟ ନିରାପତ୍ତା, ଜଳାଭାବ ଓ ପରିବେଶ ପରିବର୍ତ୍ତନଜନିତ ସମସ୍ୟାର ମୁକାବିଲା ନିମନ୍ତେ ବ୍ୟୟ କରାଯିବ। ଏହି ପ୍ରକଳ୍ପର ପରିକଳ୍ପନା ଜଳସମ୍ପଦ ବିଭାଗ କରିଥିବା ବେଳେ ଏହାର ପରିଚାଳନା ଦାୟିତ୍ୱ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବଙ୍କ ଉପରେ ନ୍ୟସ୍ତ କରାଯାଇଛି। ପରିବେଶ ପରିବର୍ତ୍ତନ ସଂପର୍କରେ ଅନୁଧ୍ୟାନ କରୁଥିବା ଅଗ୍ରଣୀ ସଂସ୍ଥା ସିଟିଆରଏଏନ୍ ଏହି ପ୍ରକଳ୍ପର ରୂପରେଖ ପ୍ରସ୍ତୁତ କରିଛି।

# ପୋଖରୀରୁ ପାଣି ଶୁଖାଇଲେ ଠିକାଦାର

## ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ

**କେନ୍ଦୁଝର :** ଖରାଦିନେ ଜଳକଷ୍ଟ ସମୟରେ ଜିଲ୍ଲାର ହରିଚନ୍ଦନପୁର ବ୍ଲକ ହୁଣ୍ଡା ଗ୍ରାମ ପଞ୍ଚାୟତସ୍ଥ ତଅଁଣାହତା ଗ୍ରାମ ଅଧିନସ୍ଥ ଥିବା ଏକ ପୋଖରୀରୁ ଜାଣିଶୁଣି ଜଣେ ଠିକାଦାର ପାଣି ଶୁଖାଇଦେଇଛନ୍ତି। ଏଥିନେଇ କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତଅଁଣାହତା ଗ୍ରାମର ସ୍କୁଲ ପାଖରେ ଥିବା ଏହି ପୋଖରୀର ପାହାଚ କାମ ପାଇଁ ଅନୁଦାନ ମିଳିଥିବା ନେଇ ଗ୍ରାମବାସୀ ସୂଚନା ପାଇଥିଲେ। ହେଲେ ଉକ୍ତ ପୋଖରୀର କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ପାଇନଥିବା ସେହି ଗ୍ରାମର ବି ବାରିକ ନାମକ ଜନୈକ ବ୍ୟକ୍ତି ପୋଖରୀର ପାହାଚ କାମ ପାଇଁ ସରଞ୍ଜାମ ପକାଇ ପୋଖରୀର ପାଣିକୁ ପମ୍ପ ସାହାଯ୍ୟରେ ସମ୍ପୂର୍ଣ୍ଣ ଶୁଖାଇ ଦେଇଛନ୍ତି। ଗୋଟିଏ ପଟେ ଜିଲ୍ଲାପାଳ ଏଠାରେ ପାଣି ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ଏହି ଗ୍ରାମର ପୋଖରୀରୁ ପାଣି ଶୁଖାଯାଉଛି। ଏବେ ଖରାଦିନରେ ପାଣି ପାଇଁ ଗାଁ ଲୋକେ ହନ୍ତସନ୍ତ ହେଉଥିବା ବେଳେ ଗୃହପାଳିତ ପଶୁମାନେ ମଧ ପିଇବାକୁ ପାଣି ପାଉନାହାନ୍ତି। ଏପରିକି ବି.ବାରିକଙ୍କ ନାମରେ



କୌଣସି କାର୍ଯ୍ୟାଦେଶ ନଥିବା ଜଣାପଡିବା ପରେ ଏନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସେମାନଙ୍କ ମଧ୍ୟରେ ତଅଁଣାହତା ଗ୍ରାମର ଚିନ୍ତାମଣୀ ବେହେରା, ଦୀନବନ୍ଧୁ ବେହେରା, ବିରଞ୍ଚି ନାୟକ, ରିତ ବେହେରା ପ୍ରମୁଖ ରହିଛନ୍ତି।

# ୧୫୩୧୫ କ୍ଷୁଦ୍ର ଶିଳ୍ପରେ ତାଲା

**ଭୁବନେଶ୍ୱର :** ରାଜ୍ୟର ୧୫୩୧୫ ଅଣୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପରେ ତାଲା ପଡ଼ିଛି। ଏହି ପ୍ରକଳ୍ପଗୁଡ଼ିକରେ ୪୫୫.୮ କୋଟି ଟଙ୍କା ନିବେଶ ହୋଇଥିଲା ଓ ୧.୨୯ ଲକ୍ଷ ଲୋକ ଏଠାରେ ନିଯୁକ୍ତି ପାଇଥିଲେ। ମାତ୍ର ବିଭିନ୍ନ କାରଣରୁ ଏହି ପ୍ରକଳ୍ପଗୁଡ଼ିକ ବନ୍ଦ ଓ ଏଠାରେ କାମ କରୁଥିବା ଲୋକମାନେ ଏବେ ବେକାର। ରାଜ୍ୟ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହା ହେଉଛି ୨୦୧୩ ମସିହା ପର୍ଯ୍ୟନ୍ତ ରାଜ୍ୟର ସ୍ଥିତି। ୨୦୧୩ରୁ ୨୦୧୬ ପର୍ଯ୍ୟନ୍ତ ସର୍ବଭାରତୀୟ ଗଣନା ଉପଲବ୍ଧ ହୋଇ ନ ଥିବାରୁ ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ବିଭାଗରେ ଏ ସମ୍ପର୍କରେ ତଥ୍ୟ ନାହିଁ। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସର୍ବାଧିକ କ୍ଷୁଦ୍ରଶିଳ୍ପ ବନ୍ଦ ଓ ସର୍ବାଧିକ ଶ୍ରମିକ ପ୍ରଭାବିତ ହୋଇଛନ୍ତି କଟକ ଜିଲ୍ଲାରେ। ଦ୍ୱିତୀୟ ସ୍ଥାନରେ ରହିଛି ସୁନ୍ଦରଗଡ଼ ଜିଲ୍ଲା। କଟକ ଜିଲ୍ଲାରେ ୨୪୦୨ଟି କ୍ଷୁଦ୍ରଶିଳ୍ପ ବନ୍ଦ ହୋଇଥିବାବେଳେ ୨୦୨୮୫ ଶ୍ରମିକ ଓ କର୍ମଚାରୀ ଦାନାପାଣି ହରାଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରେ ୨୦୨୦ ଶିଳ୍ପ ବନ୍ଦ ହୋଇଛି ଏବଂ ୧୮୪୦୨ ଜଣ କାମ ହରାଇଛନ୍ତି। ଭୁବନେଶ୍ୱର ଶିଳ୍ପଜିଲ୍ଲାରେ ୧୫୦୪ଟି କ୍ଷୁଦ୍ରଶିଳ୍ପ ବନ୍ଦ ହୋଇଛି। ଏହି ଶିଳ୍ପରେ କାମ କରୁଥିବା



୧୪୧୯୧ ଜଣ ଏବେ ବେକାର। ୪ର୍ଥ ସ୍ଥାନରେ ରହିଛି ଗଞ୍ଜାମ ଜିଲ୍ଲା। ଏହି ଜିଲ୍ଲାରେ ୧୦୬୧ଟି କ୍ଷୁଦ୍ରଶିଳ୍ପ ୨୦୧୩ ମସିହା ସୁଦ୍ଧା ବନ୍ଦ ହୋଇଯାଇଛି। ତେବେ କ୍ଷୁଦ୍ରଶିଳ୍ପ ବନ୍ଦ ହେବା କ୍ଷେତ୍ରରେ ସବୁଠୁ ଶେଷରେ ରହିଛି ଦେବଗଡ଼। ଏହି ଜିଲ୍ଲାରେ ୩୫ଟି ଶିଳ୍ପ ବନ୍ଦ ହୋଇଛି ଏବଂ ୩୦୧ଜଣ କର୍ମଚାରୀ ଓ ଶ୍ରମିକ ଛଟେଇ ହୋଇଛନ୍ତି। ଅନୁରୂପ ଭାବରେ ସମ୍ବଲପୁରରେ ୫୩୩, କେନ୍ଦୁଝରରେ ୬୮୩, ମୟୂରଭଞ୍ଜରେ ୬୧୨, ବାଲେଶ୍ୱରରେ ୫୫୮, ଜଗତ୍‌ପୁରରେ ୫୪୮, କୋରାପୁଟରେ ୫୪୨ ଓ ବଲାଙ୍ଗୀରରେ ୫୦୪ଟି କ୍ଷୁଦ୍ରଶିଳ୍ପ ବନ୍ଦ ହୋଇଥିବା ବିଭାଗ ସୂଚନା ଦେଇଛି। ଅନ୍ୟ ଜିଲ୍ଲାଗୁଡ଼ିକରେ ବନ୍ଦ ହୋଇଥିବା କ୍ଷୁଦ୍ରଶିଳ୍ପଗୁଡ଼ିକର ସଂଖ୍ୟା ୫୦୦ରୁ କମ୍ ରହିଛି।

ଅପରପକ୍ଷରେ ଉଦ୍ୟୋଗୀ ସୃଷ୍ଟିରେ ବ୍ୟାଙ୍କଗୁଡ଼ିକର ସହଯୋଗ ନିରୁତ୍ସାହଜନକ ବୋଲି ଏହି ସୂତ୍ରରୁ ମିଳିଥିବା ସୂଚନାରେ ଉପଲବ୍ଧ। ଯେତିକି ସଂଖ୍ୟକ ଉଦ୍ୟୋଗୀଙ୍କୁ ସହାୟତା ପ୍ରଦାନ ପାଇଁ ସରକାର ବ୍ୟାଙ୍କରେ ରିଆତି ଜମା କରୁଛନ୍ତି, ବ୍ୟାଙ୍କ କର୍ତ୍ତୃପକ୍ଷ ସେତିକି ପରିମାଣର ରିଆତି ଏବଂ ଏହା ସହ ଋଣ ଦେବାକୁ ରାଜି ହେଉ ନାହାନ୍ତି। ଯାହା ଫଳରେ ନୂତନ ଉଦ୍ୟୋଗୀ ସୃଷ୍ଟି କ୍ଷେତ୍ରରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ୨୦୧୦ରୁ ୨୦୧୬-୧୭ ପର୍ଯ୍ୟନ୍ତ ବିଭିନ୍ନ ବ୍ୟାଙ୍କଗୁଡ଼ିକୁ ୨୫୫୭୩ ମନୋନୀତ ଉଦ୍ୟୋଗୀଙ୍କୁ ସହାୟତା ଦିଆଯିବା ନିମନ୍ତେ ବ୍ୟାଙ୍କଗୁଡ଼ିକୁ ସୁପାରିଶ କରାଯାଇଥିଲେ ହେଁ ମାତ୍ର ୧୭୫୦୦ ଉଦ୍ୟୋଗୀଙ୍କୁ ବ୍ୟାଙ୍କଗୁଡ଼ିକ ସହାୟତା ପ୍ରଦାନ କରାଯାଇଛି। ଏପରିକି ସରକାର ଏଥିପାଇଁ ୪୨୧.୪୫ କୋଟି ଟଙ୍କା ରିଆତି ଅର୍ଥ ବ୍ୟାଙ୍କରେ ଜମା କରିଥିଲେ ହେଁ ଏଥିରୁ ମାତ୍ର ୩୫୬.୨୩ କୋଟି ଟଙ୍କା ବରାଦ ହୋଇ ପାରିଛି।

# ସିସି କ୍ୟାମେରା ନଜରରେ ରହିବ ହସ୍ପିଟାଲ

**ଭୁବନେଶ୍ୱର :** ହସ୍ପିଟାଲଗୁଡିକରେ ଅଧିକାଂଶ ସମୟରେ ସାଧାରଣ ଲୋକଙ୍କ ଦ୍ୱାରା ଉପୁଜୁଥିବା ବିଭିନ୍ନ ସମସ୍ୟା ଓ ମାରପିଟ୍ ଝମେଲାରୁ ନିସ୍ତାର ପାଇବାପାଇଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶନାମା ଜାରି କରାଯାଇଛି। ଏନେଇ ସ୍ୱାସ୍ଥ୍ୟ ସଚିବ ଡାକ୍ତର ପ୍ରମୋଦ ମେହେର୍ଦ୍ଦା ବୁଧବାର ସବୁ ଜିଲାପାଳଙ୍କୁ ପତ୍ର ଲେଖି ହସ୍ପିଟାଲ ପରିସରରେ ଆଗାମୀ ଦିନରେ କିଭଳି ଆଇନ ଶୃଙ୍ଖଳା ପରିସ୍ଥିତି ନ ଉପୁଜେ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବାକୁ କହିଛନ୍ତି।

ସଚିବ ଶ୍ରୀ ମେହେର୍ଦ୍ଦା ପତ୍ରରେ ଦର୍ଶାଇଛନ୍ତି ଯେ ଏଣିକି ସମସ୍ତ ହସ୍ପିଟାଲର ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ସିସି କ୍ୟାମେରା ଲଗାଯିବ। ଏହାସହିତ ହସ୍ପିଟାଲରେ ୨ଟି ପ୍ରବେଶ ପଥ କେବଳ ରୋଗୀ ଓ ମେଡିକାଲ ଷ୍ଟାଫଙ୍କ ପାଇଁ ଉନ୍ମୁକ୍ତ ରଖାଯିବ। ଯାହାଦ୍ୱାରା କି ବାହାର ଲୋକେ ମେଡିକାଲରେ ପଶି ଅଯଥା ସମସ୍ୟା ସୃଷ୍ଟି କରିବେ ନାହିଁ। ତେବେ ପ୍ରତିଦିନ ରୋଗୀଙ୍କ ସମ୍ପର୍କୀୟମାନେ ହସ୍ପିଟାଲକୁ ଆସୁଥିବାରୁ ସେମାନଙ୍କ ଚିହ୍ନଟ ପାଇଁ ତୁରନ୍ତ ପରିଦର୍ଶକ ପାସ୍‌ର ବ୍ୟବସ୍ଥା କର। ସେହିପରି ମେଡିକାଲର ଠିକା ଓ ନିୟମିତ ଷ୍ଟାଫଙ୍କ ଲାଗି




ଏକକ ପରିଚୟ ପତ୍ର କାର୍ଯ୍ୟକାରୀ ଲାଗି ତୁରନ୍ତ ବ୍ୟବସ୍ଥା କର। ଏପରିକି ମେଡିକାଲରେ ହିଂସାକାଣ୍ଡ ନିରୋଧ ପାଇଁ ଥିବା ଆଇନ-୨୦୦୮କୁ ହସ୍ପିଟାଲ ବୋର୍ଡରେ ସ୍ପଷ୍ଟ ଭାବେ ଉଲ୍ଲେଖ କର। ମେଡିକାଲ ପରିସରକୁ ଯେଭଳି ଦଲାଲ, ଭେଣ୍ଡର ଓ ବାହାର ଗାଡି ପ୍ରବେଶ ନକରେ ସେଥିପ୍ରତି ଦୃଷ୍ଟି ଦିଅ। ଏସବୁକୁ ନିୟନ୍ତ୍ରଣ କରିବା ପାଇଁ ୨ଟି ସୁରକ୍ଷା କେନ୍ଦ୍ର ମେଡିକାଲ ପରିସରରେ ରହିବା ଆବଶ୍ୟକ। ମେଡିକାଲ ସୁରକ୍ଷାରେ ଯେଉଁ ସୁରକ୍ଷାକର୍ମୀ ନିୟୋଜିତ ହେବେ ସେମାନଙ୍କ ଟେଲିଫୋନ୍ ନମ୍ବର ମଧ୍ୟ ବୋର୍ଡରେ ଉଲ୍ଲେଖ କର। ଯାହାଫଳରେ ମେଡିକାଲ ଷ୍ଟାଫ୍ ଓ ସାଧାରଣ ଲୋକେ କୌଣସି ଅସୁବିଧାରେ ପଡିଲେ ତତ୍‌କ୍ଷଣାତ ସୁରକ୍ଷା ସୁବିଧା ପାଇପାରିବେ। ଏସବୁ ସତ୍ତ୍ୱେ ଜନସାଧାରଣଙ୍କ ଅଭିଯୋଗ ଯେଭଳି ମେଡିକାଲ କର୍ତ୍ତୃପକ୍ଷ ଠିକଣା ଭାବେ ଶୁଣନ୍ତି ସେଦିଗରେ ମଧ୍ୟ ପଦକ୍ଷେପ ଗ୍ରହଣ କରିବାକୁ ସଚିବ ଶ୍ରୀ ମେହେର୍ଦ୍ଦା ପତ୍ରରେ ଦର୍ଶାଇଛନ୍ତି।

## ମାର୍କଫେଡ୍ ଗୋଦାମରେ ଚଢ଼ଉ

**କଟକ :** ମାର୍କଫେଡ ପକ୍ଷରୁ ଚାଷୀଙ୍କୁ ସାର ଯୋଗାଣରେ ଅନିୟମିତତା ସଂକ୍ରାନ୍ତରେ ଅଭିଯୋଗ ପାଇ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ରାଜ୍ୟବ୍ୟାପୀ ମାର୍କଫେଡ ଗୋଦାମ ଉପରେ ଚଢ଼ଉ କରାଯାଇଥିଲା। ଭିଜିଲାନ୍ସ ସେଲର ସ୍ୱତନ୍ତ୍ର ଅଧିକାରୀମାନେ ଭୁବନେଶ୍ୱର ସମେତ ନୟାଗଡ, ଜଳେଶ୍ୱର ମାର୍କଫେଡ ଗୋଦାମରେ ଅତର୍କିତ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ସାର ଯୋଗାଣରେ ବ୍ୟାପକ ଅନିୟମିତତା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଭିଜିଲାନ୍ସର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ଚଢ଼ଉ ଅବ୍ୟାହତ ରହିଥିବା ଏ ସମ୍ପର୍କରେ ସମ୍ପୃକ୍ତ ଅଧିକାରୀ ସବିଶେଷ ତଥ୍ୟ ଦେବାକୁ ମନା କରିଦେଇଥିଲେ। ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚାଷୀ ସାର ଯୋଗାଣ ଦାୟିତ୍ୱ ମାର୍କଫେଡକୁ ସରକାର ପ୍ରଦାନ କରିଛନ୍ତି। ମାର୍କଫେଡ ସଠିକ ସମୟରେ ଚାଷୀଙ୍କୁ ସାର ଦେଉନଥିବାବେଳେ ସାର ପ୍ରଦାନରେ କେତେକ ଅଧିକାରୀ ବ୍ୟାପକ ଅନିୟମିତତା କରିଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା।

# ମଧ୍ୟାହ୍ନ ଭୋଜନ ପାଇଁ ଏସ୍‌ଏଚ୍‌ଜିଙ୍କୁ ଦାୟିତ୍ୱ

**ଭୁବନେଶ୍ୱର :** ସର୍ବଶିକ୍ଷା ଅଭିଯାନ ଯୋଜନା ଅନ୍ତର୍ଗତ ବିଦ୍ୟାଳୟର ପିଲାମାନଙ୍କୁ ଦିଆଯାଉଥିବା ବିଭିନ୍ନ ପ୍ରୋତ୍ସାହନକୁ ଆଧାର କାର୍ଡ଼ ସହ ସଂଯୋଗ ହେବ। କେନ୍ଦ୍ର ସରକାରଙ୍କ ଆଧାର ନିୟମ ୨୦୧୬ ଅନୁସାରେ ରାଜ୍ୟ ସର୍ବଶିକ୍ଷା ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ପ୍ରକଳ୍ପ ସଂଯୋଜକମାନଙ୍କୁ ଆଧାର ସଂଯୋଗୀକରଣ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ସୂଚନା ଅନୁସାରେ ୨୦୧୭-୧୮ ବର୍ଷ ପାଇଁ ରାଜ୍ୟରେ ୪୬.୭୧ ଲକ୍ଷ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦେବା ପାଇଁ କେନ୍ଦ୍ର ସରକାର ଅନୁମୋଦନ ପ୍ରଦାନ କରିଛନ୍ତି। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ଶିକ୍ଷାଲାଭ କରୁଥିବା ପ୍ରଥମରୁ ୮ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କର ନିୟମ ରହିଛି। ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ୪.୫୮ ଟଙ୍କା ଖର୍ଚ୍ଚ ହେଉଛି ଏବଂ ଏଥିରୁ ରାଜ୍ୟ ସରକାର ୨.୧୬ ଟଙ୍କା ବହନ କରୁଛନ୍ତି। ସେହିପରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ନିମନ୍ତେ ଖର୍ଚ୍ଚ ହେଉଥିବା ୬.୮୩ ଟଙ୍କାରୁ ରାଜ୍ୟ ସରକାର ୩.୧୨ ଟଙ୍କା ଅଂଶ ପ୍ରଦାନ କରୁଛନ୍ତି। ଏଥିରେ ପିଲାଙ୍କୁ ବାର ଅନୁସାରେ ଭାତ ଡ଼ାଲମା, ଭାତ ଓ ସୋୟା ବଡ଼ି ତରକାରୀ, ଭାତ ଓ ଅଣ୍ଡା ତରକାରୀ ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ମଧ୍ୟାହ୍ନ ଭୋଜନ ପରିଚାଳନାରୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅପସାରଣ ପାଇଁ ସରକାର ଯୋଜନା କରିଛନ୍ତି। ୧୫୨୯୪ଟି ସ୍କୁଲରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ଅବଶିଷ୍ଟ ୪୪୮୧୧ ସ୍କୁଲରେ ମଧ୍ୟାହ୍ନ ଭୋଜନ ସ୍କୁଲ ପରିଚାଳନା କମିଟି,ଗ୍ରାମ୍ୟ ଶିକ୍ଷା କମିଟି, ମହିଳା ଶିକ୍ଷା କମିଟି ଆଦି ପରିଚାଳନା କରୁଛନ୍ତି। ପୁରୀ, ନୟାଗଡ଼, ସୁନ୍ଦରଗଡ଼, ଖୋର୍ଦ୍ଧା ଓ କଟକ ଜିଲାରେ ୧୭୬୧ ସ୍କୁଲର ମଧ୍ୟାହ୍ନ ଭୋଜନ ପ୍ରଦାନ ଦାୟିତ୍ୱ ଅକ୍ଷୟପାତ୍ର ଫାଉଣ୍ଡେସନକୁ ପ୍ରଦାନ କରାଯାଇଛି। ଗଞ୍ଜାମ, କେନ୍ଦୁଝର, କଳାହାଣ୍ଡିର ୯୧୨ ସ୍କୁଲକୁ ମାନ୍ନା ଟ୍ରଷ୍ଟ, ଖୋର୍ଦ୍ଧା ଓ ନୟାଗଡ଼ର ୭୧ ସ୍କୁଲକୁ ପିପୁଲ୍ସ ଫୋରମ ମଧ୍ୟାହ୍ନ ଭୋଜନ ଯୋଗାଉଛି। ଏହାବ୍ୟତୀତ କୋରାପୁଟ, ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀରର ପାଖାପାଖି ୫୦୦ ସ୍କୁଲକୁ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକ ମଧ୍ୟାହ୍ନ ଭୋଜନ ପ୍ରଦାନ ଦାୟିତ୍ୱ ନେଇଛନ୍ତି। କିନ୍ତୁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମ୍ୟ ଶିକ୍ଷା କମିଟି ଦ୍ୱାରା ପରିଚାଳିତ ହେଉଥିବା ମଧ୍ୟାହ୍ନ ଭୋଜନକୁ ନେଇ ଅନେକ ସମୟରେ ଅସନ୍ତୋଷ ସୃଷ୍ଟି ହେଉଛି। କିଛି ସ୍ଥାନରେ କମ୍ ପିଲା ଥିବା ସତ୍ତ୍ୱେ ଅଧିକ ଉପସ୍ଥାନ ଦର୍ଶାଇ ମଧ୍ୟାହ୍ନ ଭୋଜନ ହଡ଼ପ ନେଇ ବିଭିନ୍ନ ସ୍ଥାନରୁ ଅଭିଯୋଗ ସରକାରଙ୍କ ନିକଟରେ ପହଞ୍ଚିଛି। ସରକାର ମଧ୍ୟାହ୍ନ ଭୋଜନ ବାବଦରେ ବ୍ୟୟ କରୁଥିବାର ପ୍ରାୟ ୧୫%ରୁ ୨୦% ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କୁ ହାରାହାରି ୪୯୩.୬୩ କ୍ୟାଲୋରି ଓ ୧୩.୮ ପ୍ରୋଟିନ୍ ଦିଆଯିବାକୁ ବ୍ୟବସ୍ଥା ହୋଇଛି। ଉଚ୍ଚପ୍ରାଥମିକ ବିଦ୍ୟାଳୟ ପିଲାଙ୍କୁ ୭୨୮.୭୬ ପ୍ରୋଟିନ୍ ଓ ୨୦.୫ ପ୍ରୋଟିନ୍ ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ପିଲାମାନଙ୍କୁ ଅନୁରୂପ ପରିମାଣର କ୍ୟାଲୋରି ବା ପ୍ରୋଟିନ୍ ମିଳୁନାହିଁ। ଏହା ସରକାରଙ୍କ ପାଇଁ ଶିରପୀଡ଼ା ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ ଆଧାର ସଂଯୁକ୍ତ ହେଲେ ପ୍ରାୟ ୧୦ରୁ ୧୫% ବ୍ୟୟଭାର କମିପାରିବ ଏବଂ ଏ କ୍ଷେତ୍ରରେ ହେଉଥିବା ଅନିୟମିତାକୁ ରୋକାଯାଇ ପାରିବ ବୋଲି ମନେ କରାଯାଉଛି।

# ସେତୁ କମାଇଲା ଦୂରତା

## ତିନି ରାଜ୍ୟକୁ ଯୋଡ଼ିହେଲା ସମ୍ପର୍କ

**ମାଲକାନଗିରି :** ବହୁ ପ୍ରତୀକ୍ଷିତ କମାରଗୁଡା ଦର୍ନାପାଲ ମଧ୍ୟରେ ନିର୍ମାଣ ହୋଇଥିବା ସେତୁ କାର୍ଯ୍ୟକ୍ଷମ ହୋଇଛି। ଛତିଶଗଡ଼ ସରକାରଙ୍କ ଦ୍ୱାରା ନିର୍ମିତ କରାଯାଇଥିବା ଏହି ସେତୁକୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାର ଶେଷ ଜିଲ୍ଲା ଭାବେ ପରିଚିତ ମାଲକାନଗିରି ଜିଲ୍ଲାର ଛତିଶଗଡ଼ ସୀମାନ୍ତରେ ଅବସ୍ଥିତ ଥିବା ପଡିଆ ବ୍ଲକରେ ରହିଥିବା ସାବେରୀ ନଦୀ ଉପରେ ଏହି ସେତୁ ନିର୍ମାଣ କରାଯାଇଛି। ତେବେ ମାଓବାଦୀଙ୍କ ଭୟରେ କୌଣସି ଠିକାଦାର ଏହି କାର୍ଯ୍ୟ କରିବାକୁ ଆଗଭର ହୋଇନଥିବା ବେଳେ ସରକାରଙ୍କ ପକ୍ଷରୁ ସୁରକ୍ଷା ଯୋଗାଇବା ପ୍ରତିଶ୍ରୁତି ମିଳିବା ପରେ ପୋଲିସ ସୁରକ୍ଷା ମଧ୍ୟରେ ଛତିଶଗଡ଼ର ବ୍ରିଜ କର୍ପୋରେସନ ଡିପାର୍ଟମେଣ୍ଟ ନାମକ ଏକ ଘରୋଇ କମ୍ପାନୀର ତତ୍ତ୍ୱାବଧାନରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପୋଲରେ ସାଢ଼େ ଏଗାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ସେତୁ କାର୍ଯ୍ୟକାରୀ ହେବା ଦ୍ୱାରା ଓଡ଼ିଶା, ଛତିଶଗଡ଼ ସହ ଆନ୍ଧ୍ରପ୍ରଦେଶକୁ ମଧ୍ୟ ଯାତାୟତ ସମ୍ଭବ ହେବ। ଏହାସହ ବ୍ୟବସାୟ ବୃଦ୍ଧି ଘଟିବା ସହ ଦୀର୍ଘଦିନର ସମସ୍ୟାର ଅନ୍ତ ଘଟିଛି। ଏହି ବ୍ଲକରେ ଅଧିକାଂଶ ଆଦିବାସୀ କୋୟା ସମ୍ପ୍ରଦାୟର ଲୋକମାନେ ବସବାସ କରୁଥିବାରୁ ସେମାନଙ୍କ ରୋଜଗାର ପନ୍ଥା କିଛି ନଥିଲା। ତେଣୁ, ପୋଲ ଉପରେ ନିର୍ଭର କରି ସେମାନଙ୍କ ଜୀବନଜୀବିକା ନିର୍ବାହ କରିବେ। ଏହାସହ ଜିଲ୍ଲାରେ ରହିଥିବା ପଡିଆ ବ୍ଲକଟି ଉପାନ୍ତ ପଛୁଆ ଓ ଦୁର୍ଗମ ଅଞ୍ଚଳ ଭାବେ ବିବେଚିତ ହୋଇଆସୁଥିବା ବେଳେ ଏବେ ଏହାର କିଛିଟା ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି। ନିର୍ମାଣ କରାଯାଇଥିବା ପୋଲ ୫ ଶହ ମିଟର ଲମ୍ବରେ ୨୫ ମିଟର ବ୍ୟବଧାନରେ ଗୋଟିଏ ଲେଖାଏଁ ପିଲର ଦିଆଯାଇଛି। ଯାହାର ଓସାର ୮.୪ ମିଟରରେ ରହିଛି। ଛତିଶଗଡ଼ ସରକାରଙ୍କ ଗୃହ ଓ ରାସ୍ତା ନିର୍ମାଣ ବିଭାଗ ପକ୍ଷରୁ ୨୦୧୨ ମସିହାରେ ସେତୁ ନିର୍ମାଣ କାର୍ଯ୍ୟ ଘୋଷଣା କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହା ଚାଲୁ ହେବା ପରେ ଜିଲ୍ଲାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପଡିଆ ବ୍ଲକ ସଦର ମହକୁମାରୁ ମାତ୍ର ଦେଢ଼ କିମି. ଦୂର କମାରଗୁଡା ଘାଟ ନିକଟରେ ଥିବା ସାବେରୀ ନଦୀ ଉପରେ ଏହି ପୋଲ ନିର୍ମାଣ ହୋଇଥିବା ବେଳେ ପଡିଆ, କାଲିମେଲା ବ୍ଲକବାସୀଙ୍କ ସମେତ ଜିଲ୍ଲାବାସୀ ଓ ବାହାର ଅଞ୍ଚଳରୁ ଆସିଥିବା ଲୋକମାନେ ପୋଲ ଯୋଗୁଁ ସିଧାସଳଖ ଛତିଶଗଡ଼ ସହ ଯୋଗାଯୋଗ ସମ୍ଭବ ହୋଇପାରିବା ସହ ହାଇଦ୍ରାବାଦ ଯିବାକୁ ହେଲେ ସଡକ ପଥରେ କୋଣ୍ଟା ଯିବା ପାଇଁ ଆନ୍ଧ୍ର ଦେଇ ୨୫୦ କିମି ଯିବାକୁ ହେଉଥିଲା। ତାହା ଏବେ ୮୦ କି.ମି.ରେ ସୀମିତ ରହିଛି। ଏଠାରେ ଦୈନିକ ଶହ ଶହ ଲୋକ ଦେଶୀ ଡଙ୍ଗା ଉପରେ ନିର୍ଭର କରି ନିଜ ଜୀବନକୁ ବାଜି ଲଗାଇ ଯାତାୟତ କରୁଥିଲେ। ବନ୍ୟା ସମୟରେ ଅତି ବିପଦସଙ୍କୁଳ ଅବସ୍ଥାରେ ଡଙ୍ଗାରେ ଦୁଇଚକିଆ ଯାନକୁ ନେଇ ପାର ହେଉଥିଲେ। ପଡିଆଠାରୁ ଦର୍ନାପାଲ ଯିବା ପାଇଁ ସଡକପଥରେ ଯେଉଁଠି ୧୨୦ କି.ମି. ଲାଗୁଥିଲା ତାହା ଆଜି ପୋଲ ଡେଇଁଲା ପରେ ୩ କି.ମି.ରେ ସୀମିତ ହୋଇଯାଇଛି। ଏହାସହ ଏହି ପୋଲ ଦେଇ ଘରୋଇ ବସ୍ ମାଲିକ ସଂଘ ନିଷ୍ପତ୍ତିକ୍ରମେ ଏହି ପୋଲ ଦେଇ ବସ୍ ଚଳାଚଳ କରିବା ପାଇଁ ସହମତି ହୋଇଥିବାରୁ ଆଗାମୀ ଦିନରେ ଆନ୍ତରାଜ୍ୟ ବସ୍ ସେବା ଏହି ରୁଟ୍ ଦେଇ ଯାତାୟାତ କରିବା ପାଇଁ ଯୋଜନା କରିସାରିଲେଣି। ଆଗାମୀ ଦିନରେ ବସ୍ ଚଳାଚଳ କେବେ ହେବ ତାହା ଜିଲ୍ଲାବାସୀ ଚାହିଁ ରହିଛନ୍ତି।

## ଦେଉଳିପଡ଼ାରେ ବିଜେଡିର କର୍ମୀ ସମାବେଶ

**ମହାକାଳପଡ଼ା :** ଏହି ବ୍ଲକ ଅନ୍ତର୍ଗତ ଦେଉଳିପଡ଼ା ଗ୍ରା.ପରେ ବିଜୁ ଜନତା ଦଳର କର୍ମୀ ସମାବେଶ ଓ କୃତଜ୍ଞତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ୧୯ ନଂ ଜିଲ୍ଲା ପରିଷଦ ଜୋନ ଅନ୍ତର୍ଗତ ସମସ୍ତ ନବ ନିର୍ବାଚିତ ସରପଂଚ, ସମିତି ସଭ୍ୟ / ସଭ୍ୟା ଓ ୱାର୍ଡ଼ ସଦସ୍ୟ ମାନଙ୍କୁ କୃତଜ୍ଞତା ପୂର୍ବକ ଚଳିତ ତ୍ରିସ୍ତରୀୟ ପଂଚାୟତ ରାଜ୍ ନିର୍ବାଚନରେ ସଫଳତା ପାଇଁ ସମ୍ବର୍ଦ୍ଧିତ କରିଛନ୍ତି। ଆଜି ଅପରାହ୍ନ ୪ ଘଟିକା ସମୟରେ ବିଧାୟକ ଶ୍ରୀ ନାୟକଙ୍କୁ ରାଜଗଡ଼, ଅଳାଇଲୋ, ଦେଉଳିପଡ଼ା, ବଳିପାଳ, ବିଜୟନଗର, ଲାଞ୍ଜୁଡ଼ା, ବଢିଅ ଓ ଗଗୁଆ ଆଦି ପଂଚାୟତର କର୍ମୀମାନେ ମୋଟର ସାଇକେଲ ଶୋଭା ଯାତ୍ରାରେ ଆଣି ଗଜେଶ୍ୱର ବିଦ୍ୟାପୀଠ ନିକଟସ୍ଥ ପଡ଼ିଆରେ କର୍ମୀ ସମାବେଶ ସ୍ଥଳରେ ପହଂଚିଥିଲେ। ଚଳିତ ନିର୍ବାଚନରେ ଏହି ଜୋନରୁ ଜିଲ୍ଲା ପରିଷଦ ପ୍ରାର୍ଥିନୀଙ୍କ ସମେତ ୬ ଗୋଟି ପଂଚାୟତରୁ ସଭ୍ୟ ଓ ସରପଂଚ ମାନଙ୍କୁ ବହୁ ଭୋଟରେ ନିର୍ବାଚିତ କରିଥିବାରୁ ବିଧାୟକ ଶ୍ରୀ ନାୟକ ସମସ୍ତ ବିଜେଡ଼ି କର୍ମୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ୨୦୧୯ ମସିହା ସାଧାରଣ ନିର୍ବାଚନରେ ତାଙ୍କ ଦଳ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରୁ ଜିତିବା ସହିତ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କୁ ୫ମ ଥର ପାଇଁ ମୁଖ୍ୟ ମନ୍ତ୍ରୀ ହେବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ।




# ଶାନ୍ତି ଫେରୁ

ଆତଙ୍କବାଦର କଳାବାଦଲ ବିଶ୍ୱ ଚିତ୍ରପଟକୁ ବିକୃତ କରୁଥିବା ବେଳେ ସିରିଆରେ ଗୃହଯୁଦ୍ଧ ମାନବସଭ୍ୟତା ପ୍ରତି ଉପହାସ। ବିଗତ କିଛିବର୍ଷ ହେବ ସିରିଆରେ ବିଦ୍ରୋହୀ ଓ ଶାସକଙ୍କ ମଧ୍ୟରେ ଲାଗି ରହିଥିବା ଲଢ଼େଇରେ ଲକ୍ଷାଧିକ ଲୋକ ପ୍ରାଣ ହରାଇସାରିଲେଣି। ସେହିଭଳି ସମଗ୍ର ବିଶ୍ୱରେ ଏବେ ଆଇଏସ୍ଆଇଏସ୍, ହିଜିବୁଲମୁଜାହିଦ୍ଦିନ, ଲସ୍କର-ଇ-ତୋଇବା, ଆଇଏଏସ୍ ଓ ସିମି ଭଳି ଆତଙ୍କବାଦୀ ସଂଗଠନଗୁଡ଼ିକ ମଣିଷ ଜାତି ପାଇଁ ଘାତକ ସାଜିଛନ୍ତି। କେତେବେଳେ ବନ୍ଧୁକ-ଗୁଳି ତ ଆଉ କେତେବେଳେ ବୋମାର ଗର୍ଜନ ଦୋହଲାଇ ଦେଉଛି ଛାତିର କଳିଜା। ମଣିଷବିରୋଧୀ ଏହି ସଂଗଠନଗୁଡ଼ିକ ଧର୍ମ ନାମରେ ଚଳାଇଛନ୍ତି ଆତଙ୍କରାଜ। ହେଲେ ସେମାନେ ବୁଝିପାରିନାହାନ୍ତି ରକ୍ତପାତ ବା ହତ୍ୟାକାଣ୍ଡ କୌଣସି ଧର୍ମର ମୂଳ ଆଧାର ନୁହେଁ କି ଆଦର୍ଶ ନୁହେଁ।

ସୃଷ୍ଟି ଆରମ୍ଭରୁ ମାନବିକ ମୂଲ୍ୟବୋଧକୁ ପାଥେୟ କରି ମଣିଷକୁ ଶ୍ରେଷ୍ଠପ୍ରାଣୀର ଆଖ୍ୟା ଦିଆଯାଇଛି। ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ବିଭେଦରେ କେଉଁଠି ଧର୍ମଧ୍ୱଜା ଉଡ଼ାଯାଇପାରେନି। ମଣିଷପଣିଆ ଓ ମଣିଷକୁ ଭଲପାଇବା ହେଉଛି ଧର୍ମର ମୂଳତତ୍ତ୍ୱ। ତତ୍ତ୍ୱ ବାହାରକୁ ଯାଇ ଅନୀତି ବା ଅନ୍ୟାୟ ଭାବରେ ଧର୍ମରକ୍ଷା ନାଁରେ କଳଙ୍କିତ ତଥା ବର୍ବରକାଣ୍ଡ ଭିଆଇ କୌଣସି ଜାତି ବା ମଣିଷ ତିଷ୍ଠିପାରେନି। କଳା-ଗୋରା ଭେଦଭାବ ଭଳି ଧର୍ମ-ଧର୍ମ ମଧ୍ୟରେ ଲଢ଼େଇ କେବେ ମଣିଷକୁ ଶାନ୍ତି ଦିଏନି। ବରଂ ରକ୍ତପାତର ଅଦୃଶ୍ୟ ପ୍ରେତ ଖାଇଗୋଡ଼ାଏ। ଏକଥାକୁ ହୃଦୟଙ୍ଗମ ନ କରିବା ଯାଏ ଏକ ଶ୍ରେଷ୍ଠବିଶ୍ୱର ପରିକଳ୍ପନା ଅସମ୍ଭବ। ବିଜ୍ଞାନ ଓ ପ୍ରଗତିକୁ ଆୟୁଧ କରି ମଙ୍ଗଳପୃଷ୍ଠରେ ବସା ବାନ୍ଧିବାର ସ୍ୱପ୍ନ ଦେଖୁଥିବା ବିଶ୍ୱବାସୀ କେବେ ଆତଙ୍କବାଦର କଳାଛାୟାକୁ ଭଲପାଆନ୍ତି ନାହିଁ। ଏଣୁ ମାନବଧର୍ମର ପ୍ରତିଷ୍ଠା ନହେଲେ ଆମେ ନିଜକୁ ବିକଶିତ କିମ୍ବା ବିକାଶଶୀଳ ବୋଲି କହିପାରିବା କି ? ଶିକ୍ଷା ଓ ସଭ୍ୟତାର ଆଢୁଆଳରେ ରହି ଯେଉଁମାନେ ହିଂସାର ପଥ ଅନୁସରଣ କରୁଛନ୍ତି, ସେମାନେ କାହାପାଇଁ ଲଢ଼େଇ କରୁଛନ୍ତି ଚିନ୍ତା କରିବା ଆବଶ୍ୟକ। ଲଢ଼େଇରୁ ହୁଏତ କାହାକୁ ସାମୟିକ ଆନନ୍ଦ ମିଳୁଥାଇପାରେ, କିନ୍ତୁ ଶାନ୍ତି ମିଳେନା। ନିକଟରେ ଭଦ୍ରକ ସହରରେ ଫେସ୍‌ବୁକ୍‌ରେ ଅଶ୍ଳୀଳ ମନ୍ତବ୍ୟ ଘଟଣାକୁ ନେଇ ହିଂସାକାଣ୍ଡ ସୃଷ୍ଟି ହୋଇଛି। ନିଆଁରୁ ଆରମ୍ଭ ପରେ ଲୁଟତରାଜ ଭଳି ଘଟଣା ସମଗ୍ର ଅଞ୍ଚଳକୁ ଅଶାନ୍ତ କରିଛି। ପରିସ୍ଥିତି ଜଟିଳ ହେବାରୁ ପ୍ରଶାସନ କର୍ଫ୍ୟୁ ଜାରି କରି ହିଂସା ଉପରେ ନିୟନ୍ତ୍ରଣ ଆଣିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛି। ଏହାଦ୍ୱାରା ସାଧାରଣ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ତେଣୁ ହିଂସା ବା ଆତଙ୍କରାଜ ଦ୍ୱାରା କୌଣସି ଘଟଣାର ସମାଧାନ ହୋଇପାରେନି। ତେଣୁ ଉଭୟ ପକ୍ଷଙ୍କ ପାରସ୍ପରିକ ବୁଝାମଣା ଓ ଆପୋଷ ଆଲୋଚନା ହିଁ ଏହି ଘଟଣାକୁ ପ୍ରଶମିତ କରିପାରିବ। ତେଣୁ ଆନ୍ତରିକତାର ସହ ଏହାକୁ ଅନୁଭବ କରାଯାଉ ଏବଂ ଶାନ୍ତି ଫେରୁ। ଏହା ହିଁ ନିବେଦନ।

# ଭାସିଯାଉଛି ଭାଷା



**କୃପାସିନ୍ଧୁ ବିଶ୍ୱାଳ**

**ଭାରତରେ ପ୍ରାୟ ୪୦ କୋଟି ଲୋକଙ୍କର ମାତୃଭାଷା ହେଉଛି ହିନ୍ଦୀ। ହିନ୍ଦୀ ପ୍ରତି ଲୋକଙ୍କର ଆଗ୍ରହ ବଢ଼ିଚାଲିଛି। କାରଣ ଏହା ହେଉଛି ଭାରତୀୟମାନଙ୍କର ରାଷ୍ଟ୍ରଭାଷା। ଏବେ ଓଡ଼ିଶାରେ କୋୟ ଭାଷାର ଦଶା ଯାହା, ଆଗାମୀ ଦୁଇଶହ ବର୍ଷ ମଧ୍ୟରେ ଓଡ଼ିଆ ଭାଷାର ସେଇଦଶା ହେବ। କାରଣ ଯେଉଁ ଭାଷାରେ କହିବା ଲୋକଙ୍କ ଅପେକ୍ଷା ବୁଝିବା ଓ ବ୍ୟବହାର କରିବା ଲୋକଙ୍କ ସଂଖ୍ୟା ଅଧିକ ହେବ, ସେଇ ଭାଷାମାନେ ବଞ୍ଚିରହିବ।**

ମହାର୍ଣ୍ଣବରେ ଭାଷା ଏବେ ଭାସିଯିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଭାଷାର ବିଲୁପ୍ତି କାରଣରୁ କିପରି ଜଣେ ମଣିଷ କାରାମଣିଷ ପାଲଟିଯାଏ, ତା'ର ନିଛକ ଉଦାହରଣ ଏଇ ଓଡ଼ିଶା ଭୂଇଁରେ ଦେଖିବାକୁ ମିଳିଥିଲା। ପରିସ୍ଥିତିଚକ୍ରରେ ପଡ଼ି ଜଣେ କୋୟା ସମ୍ପ୍ରଦାୟର ବ୍ୟକ୍ତି ମାଲକାନଗିରିରୁ ଗିରଫ ହୋଇଥିଲେ ସମ୍ପୃକ୍ତ ଅଭିଯୁକ୍ତଙ୍କର କଥିତ ଭାଷା କୋୟା। ଏହି ଭାଷାକୁ ଓକିଲଠାରୁ ଆରମ୍ଭ କରି ବିଚାରପତିଙ୍କ ପର୍ଯ୍ୟନ୍ତ କେହି ବୁଝିପାରିଲେ ନାହିଁ। ଫଳରେ ଅଭିଯୁକ୍ତକୁ ଦୁଇବର୍ଷ କାରାଦଣ୍ଡ ଭୋଗ କରିବାକୁ ପଡ଼ିଲା। ଏହି ସମସ୍ୟା କେବଳ ମାଲକାନଗିରି କିମ୍ବା ଓଡ଼ିଶାର ନୁହେଁ, ଏହା ଏକ ଆନ୍ତର୍ଜାତିକ ସମସ୍ୟା। ବିଶ୍ୱରେ ଯେଉଁ ଛଅହଜାର ନଅଶହଟି ଭାଷା ରହିଛି, ସେଥିରୁ କେବଳ ଛଅଟି ଭାଷା ବ୍ୟବହାରହୋଇଥାଏ ମିଳିତ ରାଷ୍ଟ୍ରସଂଘରେ। ସେହି ଭାଷାଗୁଡ଼ିକ ହେଉଛି ଆରବିକ୍, ଚାଇନିଜ୍, ଇଂରାଜୀ, ଫ୍ରେଞ୍ଚ୍, ରସିଆନ୍ ଓ ସ୍ପାନିସ୍। ଆମ ଦେଶ ଭାରତ ବର୍ଷରେ ଯେଉଁ ୧୮୫ ପ୍ରକାର ଭାଷା, ଉପଭାଷା ରହିଛି, ସେଥିରୁ ମାତ୍ର ୨୨ଟି ଭାଷାକୁ ସରକାରୀ ସ୍ୱୀକୃତି ମିଳିଛି। ସେଥିମଧ୍ୟରୁ ହିନ୍ଦୀ, ଇଂରାଜୀ ଓ ପ୍ରାଦେଶିକ ଭାଷାକୁ ସ୍ୱତନ୍ତ୍ର ସ୍ଥାନ ମିଳିଛି। ଭାରତରେ ପ୍ରାୟ ୪୦ କୋଟି ଲୋକଙ୍କର ମାତୃଭାଷା ହେଉଛି ହିନ୍ଦୀ। ହିନ୍ଦୀ ପ୍ରତି ଲୋକଙ୍କର ଆଗ୍ରହ ବଢ଼ିଚାଲିଛି। କାରଣ ଏହା ହେଉଛି ଭାରତୀୟମାନଙ୍କର ରାଷ୍ଟ୍ରଭାଷା। ଏବେ ଓଡ଼ିଶାରେ କୋୟ ଭାଷାର ଦଶା ଯାହା, ଆଗାମୀ ଦୁଇଶହ ବର୍ଷ ମଧ୍ୟରେ ଓଡ଼ିଆ ଭାଷାର ସେଇଦଶା ହେବ। କାରଣ ଯେଉଁ ଭାଷାରେ କହିବା ଲୋକଙ୍କ ଅପେକ୍ଷା ବୁଝିବା ଓ ବ୍ୟବହାର କରିବା ଲୋକଙ୍କ ସଂଖ୍ୟା ଅଧିକ ହେବ, ସେଇ ଭାଷାମାନେ ବଞ୍ଚିରହିବ।

ସଂପ୍ରତି ଆମଦେଶ ଭାରତବର୍ଷରେ ଆଞ୍ଚଳିକ ଭାଷା କହିବା ଓ ବୁଝିବା ଲୋକଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଉଛି। ମାତୃଭାଷା ଭିତରେ ଧସେଇ ପସିବାରେ ଲାଗିଛନ୍ତି ଅନ୍ୟ ଭାଷାମାନେ। କୋୟା ଭାଷାକୁ ଯେପରି ଓଡ଼ିଆ ଖାଇଗଲାଣି, ଓଡ଼ିଆକୁ ହିନ୍ଦୀ ଓ ହିନ୍ଦୀକୁ ଇଂରାଜୀ ଭାଷା ଗ୍ରାସ କଲାଣି। ରାଜସ୍ଥାନ ଲୋକେ ରାଜସ୍ଥାନୀ ଭାଷା ଭୁଲିଗଲେଣି। ୟୁରୋପରେ ୱେଲ୍‌ସର ଲୋକେ ଆଉ ୱେଲ୍‌ସ ଭାଷା କହୁନାହାନ୍ତି। ସ୍କଟଲାଣ୍ଡର ମୂଳଭାଷା ଗେଲିକ୍ ଲୋପ ପାଇବାକୁ ବସିଲାଣି। ଆଫ୍ରିକୀୟମାନେ ନିଜ ଭାଷାକୁ ଭୁଲି ଇଂରାଜୀକୁ ନିଜର କରିନେଲେଣି। ଏକଦା ଭାରତୀୟ ଭାଷାମାନଙ୍କର ଜନନୀ ସଂସ୍କୃତର ଅବସ୍ଥା ଏବେ କୋୟାଠାରୁ ଦୟନୀୟ। ଭାଷାବିତ୍‌ମାନଙ୍କର ମତରେ ସବୁ ୟୁରୋପୀୟ ଭାଷାମାନଙ୍କର ଜନନୀ ହେଉଛି ସଂସ୍କୃତ। ଭାରତରେ କେବଳ ପଚାଶ ହଜାର ଲୋକ ସଂସ୍କୃତ କହିପାରନ୍ତି। ଏବେ ପୃଥିବୀର ୭୪୮୦ ଭାଷା ମଧ୍ୟରୁ ପ୍ରତି ପନ୍ଦର ଦିନରେ ଗୋଟିଏ ଲେଖାଏଁ ଭାଷାର ଅପମୃତ୍ୟୁ ଘଟୁଛି। ଭାଷାବିତ୍‌ମାନଙ୍କର କହିବା ଅନୁସାରେ ଯେଉଁ ଉପଭାଷା ଲକ୍ଷେରୁ ଅଧିକ ଲୋକ କଥାବାର୍ତ୍ତା ହେଉଥିବେ, ସେସବୁ ଭାଷା କିଛି ସମୟ ପାଇଁ ବଞ୍ଚିରହିବେ, କିନ୍ତୁ ଏହି ଭାଷା କହୁଥିବା ଲୋକ ଯଦି ବିଭିନ୍ନ ଓ ବିଚ୍ଛିନ୍ନାଞ୍ଚଳମାନଙ୍କରେ ରହିବେ, ତେବେ ଏହି ଭାଷାକୁ ବଞ୍ଚାଇ ରଖିବା କଷ୍ଟକର ହୋଇପଡ଼ିବ। ଭାରତରେ ଭୋଜପୁରୀ, ମୈଥିଳୀ, ସାନ୍ତାଳୀ ଓ ସିନ୍ଧୀ ଭାଷାର ଏବେ ଏଇ ଅବସ୍ଥା। କ୍ଷୁଦ୍ର ମିଜୋରାମ୍ ପ୍ରଦେଶରେ ପ୍ରତି ଦଶ କିଲୋମିଟରରେ ଲୋକଭାଷା ବଦଳିଯାଇଥାଏ। ନାଗାଲାଣ୍ଡ ଲୋକେ ନିଜ ମାତୃଭାଷା ଭୁଲି ଇଂରାଜୀ ଭାଷାରେ କଥା ହୁଅନ୍ତି। ସଂପ୍ରତି ଏହି ପ୍ରକ୍ରିୟାରେ ଆଜି ସୁଦ୍ଧା ବିଶ୍ୱର ୩୪୫୦ଟି ଭାଷା ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି।

ଭାଷା କେବଳ ଭାବ ଆଦାନ ପ୍ରଦାନର ମାଧ୍ୟମ ନୁହେଁ, ଏହା ଇତିହାସ, କଳା, ସଂସ୍କୃତି, ସାହିତ୍ୟ, ଜୀବନଶୈଳୀ, ସଭ୍ୟତା ଓ ଆତ୍ମସମ୍ମାନର ମୂଳଆଧାର। ଭାରତରେ ଭାଷାକୁ ଭିତ୍ତିକରି ରାଜ୍ୟ ପୁନର୍ଗଠନ କରାହୋଇଛି। ବଙ୍ଗାଳୀ ଭାଷାକୁ ଉପଜୀବ୍ୟ କରି ବାଂଲାଦେଶର ସୃଷ୍ଟି। ଶ୍ରୀଲଙ୍କାରେ ତାମିଲଭାଷୀ ଲୋକେ ସିଂହଳଭାଷୀ ଲୋକଙ୍କଠାରୁ ଅଲଗା ହେବା ପାଇଁ ଗତ ୩୫ ବର୍ଷ ହେଲା ସଂଗ୍ରାମ କରି ଆସୁଛନ୍ତି। ସୁଦୂର କାନାଡ଼ାରେ ଫ୍ରେଞ୍ଚଭାଷୀ କ୍ୟୁବେକ୍ ଅଞ୍ଚଳ ଇଂରାଜୀଭାଷୀ କାନାଡ଼ାଠାରୁ ଅଲଗା ହୋଇ ସ୍ୱତନ୍ତ୍ର ହେବାର ମର୍ଯ୍ୟାଦା ଦାବି କରିଆସୁଛି। ଯେଉଁ ଭାଷା ଓ ସାହିତ୍ୟ ସୃଷ୍ଟି ପାଇଁ ମାନବ ସମାଜକୁ ହଜାର ହଜାର ବର୍ଷ ଲାଗିଥିଲା, ସେ ଭାଷାମାନଙ୍କର ବର୍ତ୍ତମାନର ଅବସ୍ଥା ଉଦ୍‌ବେଗଜନକ। ବିଶ୍ୱର ୭୪୮୦ ଭାଷା ମଧ୍ୟରୁ ଏସିଆ ମହାଦେଶର ହେଉଛି ସର୍ବାଧିକ ୨୩୪୨ ଭାଷାର ଜନନୀ। ସେଥିରୁ ମାତ୍ର ୧୪୩୩ଟି ଭାଷା ସକ୍ରିୟ ଥିବାବେଳେ ଲୁପ୍ତ ହେବା ଅବସ୍ଥାରେ ରହିଛି ୬୮୧ଟି ଭାଷା ଏବଂ ୨୨୮ଟି ଭାଷା ସମ୍ପୂର୍ଣ୍ଣ ଲୋପ ପାଇସାରିଲାଣି। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ୩୮୮ଟି ଭାଷା ମଧ୍ୟରୁ ସଂପ୍ରତି ୩୫ଟି ଭାଷା ପ୍ରଚଳିତ ଓ ୩୬ଟି ଭାଷା ଲୁପ୍ତ ହେବା ଆଡ଼କୁ ଅଗ୍ରସର ହେଉଥିବା ବେଳେ ୩୧୭ଟି ଭାଷା କେଉଁଆଡ଼େ ଲୁଚିଗଲାଣି। କାରବିଆନ୍ ଦେଶର ୨୪ଟି ଭାଷାରୁ ୪ଟି ଭାଷା ହଜିଯାଇଥିବା ବେଳେ ୩ଟି ଭାଷା ଲୁପ୍ତ ହେବା ଅବସ୍ଥାରେ ରହିଛି ଓ ୧୭ଟି ଭାଷା ପ୍ରଚଳିତ। ଆମେରିକା ଦେଶ ସମୂହର ୧୧୧୯ ଭାଷା ମଧ୍ୟରୁ ସଠିକ୍ ହୋଇ ରହିଛି ୪୧୦ଟି ଭାଷା ଓ ମୃତପ୍ରାୟ ରହିଛି ୩୦୪ଟି ଭାଷା ଏବଂ ଲୋପ ପାଇଯାଇଛି ୪୧୫ଟି ଭାଷା। ଆଫ୍ରିକା ଦେଶସମୂହର ୨୧୫୭ଟି ଭାଷା ମଧ୍ୟରୁ ମରିହଜିଲେଣି ୧୭୫ଟି ଭାଷା ଓ ୨୦୯ଟି ଭାଷା ମୃତ୍ୟୁକୁ ଅପେକ୍ଷା କରିରହିଛି। ଇଉରୋପ ମହାଦେଶର ୨୯୨ଟି ଭାଷା ମଧ୍ୟରୁ ୧୮୭ଟି ଭାଷା ପ୍ରଚଳିତ ଅବସ୍ଥାରେ ରହିଥିବା ବେଳେ ଲୁପ୍ତପ୍ରାୟ ରହିଛି ୪୯ଟି ଭାଷା ଓ ଲୋପପାଇଗଲାଣି ୫୬ଟି ଭାଷା। ଆହୁରି ଏକ ସୂତ୍ରରୁ ଜଣାପଡ଼େ ଅଷ୍ଟ୍ରେଲିଆର ଆଦିମ ଅଧିବାସୀ କହୁଥିଲେ ୪୦୦ ପ୍ରକାର ଉପଭାଷା। ଏବେ ସେଥିମଧ୍ୟରୁ ବଞ୍ଚିରହିଛି ୨୨ଟି ମାତ୍ର। ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏକ କ୍ଷୁଦ୍ର ରାଜ୍ୟ ପାପୁଆ ନିଉଗିନି ବିଶ୍ୱର ସବୁଠାରୁ ବହୁଭାଷୀ ଦେଶ। ଏ ଦେଶରେ ପ୍ରାୟ ୮୦୦ରୁ ଅଧିକ ଭାଷା ଓ ଉପଭାଷା।

ସବୁରି ମୂଳରେ ଯେଉଁକଥାଟି, ତାହା ହେଲା- ଆମେ ନିର୍ଦ୍ଦିଷ୍ଟ ଭାଷାରେ କଥାବାର୍ତ୍ତା ନ ହେଲେ, ସେ ଭାଷା ବଞ୍ଚିବ ନାହିଁ। ଯଦି ପିତାମାତା ତାଙ୍କ ପିଲାଙ୍କୁ ଆରମ୍ଭରୁ ଇଂରାଜୀ ଓ ହିନ୍ଦୀ ଭାଷା ବିଦ୍ୟାଳୟରେ ନାମ ଲେଖାଇବେ, ସରକାର ଯେତେ ଚେଷ୍ଟା କଲେ ବି ଆଞ୍ଚଳିକ ଭାଷାମାନେ ବଞ୍ଚିପାରିବେ ନାହିଁ। ଆଞ୍ଚଳିକ ଭାଷାକୁ ବଞ୍ଚାଇବାକୁ ହେଲେ ଆତ୍ମସ୍ୱାର୍ଥର ଊର୍ଦ୍ଧ୍ୱରେ ରହି ସେହି ଭାଷାର ପ୍ରଚଳନ ଦିଗରେ ପ୍ରାଧାନ୍ୟ ଦେବାକୁ ହେବ। ଏବେ ଦେଖାଯାଉଛି ବହୁ ବିଦେଶୀ ଭାଷାର ଶବ୍ଦସମୂହ ନୂତନ ପିଢ଼ିର ଯୁବକ ଯୁବତୀମାନଙ୍କୁ କବଳିତ କରିବା ଫଳରେ ରାଶିରାଶି ଓଡ଼ିଆ ଶବ୍ଦ ଅନ୍ଧକାର ଗହ୍ୱରକୁ ଠେଲି ହୋଇଗଲାଣି। ଯେଉଁ ଜାତି ଦିନେ ଓଡ଼ିଆ ଭାଷାକୁ ମୂଳପୁଞ୍ଜି କରି ସ୍ୱତନ୍ତ୍ର ଓଡ଼ିଶା ଗଠନ କରିପାରିଥିଲା, ସେ ଜାତି ଦିନେ ଓଡ଼ିଆ ଭାଷାକୁ ହଜାଇ ଦିଗହଜା ନ ହେବ ବୋଲି କିଏ କହିବ ! ବେଳହୁଁ ସାବଧାନ ହୋଇ ପ୍ରତ୍ୟେକ ଓଡ଼ିଆ ଭାଷାର ବିକାଶ ଦିଗରେ ଉଦ୍ୟମ କରିବାର ଆବଶ୍ୟକତା ରହିଛି।

**ବିଶ୍ୱକୋଷ ଫାଉଣ୍ଡେସନ**
**ଗ୍ରାମ- ଲୋକାପାଳ,**
**ପୋ- ହଳଦିଆପଡ଼ା**
**ଭାୟା- ବାଜପୁର,**
**ଜିଲ୍ଲା- ପୁରୀ, ୭୫୨୦୬୦**

# ବରୀରୁ ବ୍ରାଜିଲ୍ ଯାତ୍ରା - ବୈଜ୍ଞାନିକ ଡଃ. ଚିତ୍ତରଞ୍ଜନ

**ଅରବିନ୍ଦ ତ୍ରିପାଠୀ**

ଯେଉଁ କେତେଜଣ ଯୋଗଜନ୍ମା ବ୍ୟକ୍ତି ଧରାପୃଷ୍ଠରେ ଜନ୍ମ ଗ୍ରହଣ ନେଇଥାନ୍ତି ନିଜ ପାଇଁ ନୁହେଁ, ପରିବାର ପାଇଁ ନୁହେଁ କେବଳ ଦେଶପାଇଁ, ସମାଜ ପାଇଁ, ବିଜ୍ଞାନ ପାଇଁ, ବିଜ୍ଞାନ ମାଧ୍ୟମରେ ସମାଜରେ କିଛି ପରିବର୍ତ୍ତନ ଆଣିବା ପାଇଁ ଏବଂ ଗବେଷଣା ପାଇଁ। ସେହିପରି ଜଣେ ବିଶିଷ୍ଟ ବ୍ୟକ୍ତି ହେଲେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିଥିବା ଏବଂ ନିଜ ମାଟି ମା'ର, ଦେଶର ସମ୍ମାନକୁ ବିଶ୍ୱ ଦରବାରରେ ସ୍ଥାନ ଦେଇଥିବା ବୈଜ୍ଞାନିକ ତଥା ଉଚ୍ଚକୋଟୀର ଗବେଷକ, ବରିଷ୍ଠ ସ୍ତମ୍ଭକାର, ଜନପ୍ରିୟ ବିଜ୍ଞାନ ଲେଖକ, ସୁବକ୍ତା ଡଃ. ଚିତ୍ତରଞ୍ଜନ ମିଶ୍ର। ୧୯୪୯ ମସିହା ଜୁନ୍ ମାସ ୨ ତାରିଖରେ ଯାଜପୁର ଜିଲ୍ଲା ବରୀ ବ୍ଲକ ଅନ୍ତର୍ଗତ ଭବାନୀପୁର ଗ୍ରାମରେ ଆଭିଜାତ୍ୟପୂର୍ଣ୍ଣ ତଥା ସଂସ୍କୃତି ସମ୍ପନ୍ନ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ବରୀ ଠାରୁ ବ୍ରାଜିଲ ପର୍ଯ୍ୟନ୍ତ ତାଙ୍କର ସଫଳ ଜୟଯାତ୍ରା। ମାତ୍ର ୧୦ ବର୍ଷ ବୟସ ହେଲା ବେଳକୁ ତାଙ୍କ ମାତାଙ୍କର ଦେହାନ୍ତ ହୋଇଗଲା। ମାତୃସ୍ନେହରୁ ସବୁଦିନ ପାଇଁ ସେ ବଞ୍ଚିତ ହେଲେ। ସେହି ସମୟ ଥିଲା ତାଙ୍କ ପାଇଁ ବହୁ ଦୁଃଖଦପୂର୍ଣ୍ଣ। ସମୟ ତାଙ୍କ ପାଇଁ ରାସ୍ତାଟିଏ କାଢ଼ିଦେଲା। ବହୁ ଦୁଃଖ, ଯନ୍ତ୍ରଣା ଭିତରେ ହିମାଳୟ ପର୍ବତ ଚଢ଼ିବା ପରି ଉଠା ପକ୍କା ରାସ୍ତାରେ ସେ ଆଗକୁ ମାଡି ଚାଲିଲେ। ମନ ଭିତରେ ବିଜ୍ଞାନ ପାଇଁ, ସମାଜ ପାଇଁ କିଛି କରିବା ପାଇଁ ଅଦ୍ୟମ ଇଚ୍ଛା, ପ୍ରବଳ ଆଗ୍ରହ, ଉଦ୍ଦୀପନା ତାଙ୍କ ମନରେ ଉଙ୍କି ମାରୁଥାଏ। ୧୯୬୫ ମସିହାରେ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ସେତେବେଳେ ଷ୍ଟିୱାର୍ଡସ୍ ସାଇନ୍ସ କଲେଜ ବିଜ୍ଞାନ ଶିକ୍ଷାରେ ଓଡ଼ିଶାର ଶ୍ରେଷ୍ଠ କଲେଜର ମାନ୍ୟତା ପ୍ରାପ୍ତ କରିଥିଲା। ସେହି କଲେଜରେ ପଢ଼ି ୨୫୬ ଛାତ୍ର ଭିତରୁ ସେ ଶ୍ରେଷ୍ଠ ଚାରିଜଣ ଛାତ୍ରଙ୍କ ଭିତରେ ପ୍ରଥମ ଶ୍ରେଣୀରେ ଆଇଏସ୍‌ସି ପାସ୍ କଲେ। ତା'ପରେ ତାଙ୍କ ଜୀବନର ଗତିପଥ ସମ୍ପୂର୍ଣ୍ଣ ବଦଳିଯାଇଥିଲା। ବିଜ୍ଞାନ ପ୍ରତି ଆଗ୍ରହ ତାଙ୍କ ମନରେ ତୀବ୍ରରୁ ତୀବ୍ରତର ଆକାର ଧାରଣ କଲା ତା' ପରେ ସେ ଚଢ଼ି ଚାଲିଲେ ସଫଳତାର ପାହାଚ ପରେ ପାହାଚ। ଡଃ. ମିଶ୍ର ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୬୯ ମସିହାରେ ରସାୟନ ବିଜ୍ଞାନରେ ସ୍ନାତକ ଓ ୧୯୭୧ ମସିହାରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତି କରି କଲିକତାର ଯାଦବପୁରସ୍ଥିତ ଦେଶର ସର୍ବପ୍ରଥମ ଗବେଷଣା ପ୍ରତିଷ୍ଠାନ 'ଇଣ୍ଡିଆନ ଆସୋସିଏସନ୍ ଫର୍ ଦି କଲଟିଭେସନ ଅଫ୍ ସାଇନ୍ସ'ରେ ଉଚ୍ଚତର ଗବେଷଣା କରି ୧୯୭୭ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ରସାୟନ ଶାସ୍ତ୍ରରେ ପି.ଏଚ୍.ଡି. ଉପାଧି ଲାଭ କରିଥିଲେ। ଆଲୁମିନିୟମ ଶିଳ୍ପରେ ଉଚ୍ଚତର ଗବେଷଣା କରି ସେ ୨୦୦୯ ମସିହାରେ ଆମେରିକାର ରାଜଧାନୀ ୱାସିଂଟନ ଡି.ସି. ସ୍ଥିତ **'International University of Contemporary Studies'**ରୁ 'ଡକ୍ଟର ଅଫ୍ ସାଇନ୍ସ' (ଡିଏସ୍‌ସି) ଉପାଧି ଲାଭ କରିଛନ୍ତି। ଆଲୁମିନିୟମ ଶିଳ୍ପରେ ଗବେଷଣା କରି ଡିଏସ୍‌ସି ଉପାଧି ଲାଭ କରିଥିବାରେ ଡଃ. ମିଶ୍ର ଭାରତ ବର୍ଷର ପ୍ରଥମ ବୈଜ୍ଞାନିକ ଅଟନ୍ତି।

ଡଃ. ମିଶ୍ର କୁହନ୍ତି ସଫଳ ମଣିଷ ସର୍ବଦା ଦୁଃଖୀ ହୋଇଥାନ୍ତି। ଯେଉଁ ବ୍ୟକ୍ତି ଦୁଃଖ ଅସୁବିଧାକୁ ଆଲିଙ୍ଗନ କରିଥାନ୍ତି, ସେ ସଫଳ। ସଫଳ ମଣିଷ ଲୁହ, ଲହୁ, ଯନ୍ତ୍ରଣା ଭିତରେ ଗତି କରିଥାଏ। ତାଙ୍କ ମତରେ ସମସ୍ୟାଟିକୁ ଘରକୁ ଅତିଥିଭାବରେ ଡାକିଆଣି ସତ୍କାର କରିବା ସହଜ କଥା ନୁହେଁ। ଯିଏ କରିପାରିଛି ସେ ସଫଳ ବ୍ୟକ୍ତିତ୍ୱ। ନିଜ ବାପାଙ୍କ ବାହାଘରରେ ଢୋଲ ବଜାଇବା ସହଜ କଥା ନୁହେଁ। ଯିଏ କରିପାରିଛି, ସେ ସଫଳ ବ୍ୟକ୍ତିତ୍ୱ। ସେ ଆହୁରି କୁହନ୍ତି ମଣିଷ ସଫଳତା ପାଇବାକୁ ହେଲେ କେତେଗୁଡ଼ିଏ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ସେଥିମଧ୍ୟରୁ କଠିନ ପରିଶ୍ରମ, କର୍ମପ୍ରତି ସମର୍ପଣ ଭାବ, ସମୟାନୁବର୍ତ୍ତିତା, ସାଧୁତା ଏବଂ ସ୍ୱପ୍ନ ଦେଖିବାର ଅଭିଳାଷ ପୂରଣ ପାଇଁ ଅନବରତ ଉଦ୍ୟମ। ସ୍ୱପ୍ନ ଦେଖିବା ଏବଂ ତାକୁ ବାସ୍ତବ ରୂପ ଦେବାର ଅନବରତ ପ୍ରୟାସ ହେଉଛି ସଫଳତାର ମୁଖ୍ୟ ସୋପାନ। ନିଜ ମୁଣ୍ଡ ଉପରେ ଆଶାର ଆକାଶ ଗଢ଼ି ତୋଳିବା ସହଜ ନୁହେଁ।

ବିଜ୍ଞାନକୁ ଲୋକାଭିମୁଖୀ କରିବାରେ ତାଙ୍କର ଅବଦାନ-ବିଜ୍ଞାନକୁ ଲୋକପ୍ରିୟ କରିବାରେ ତାଙ୍କର ଅବଦାନ ଅତୁଳନୀୟ। ଓଡ଼ିଆ ଭାଷାରେ ସେ ମୋଟ ଆଠ ଖଣ୍ଡ ଜନପ୍ରିୟ ବିଜ୍ଞାନ ପୁସ୍ତକ ରଚନା କରିଛନ୍ତି। ସେଥିମଧ୍ୟରୁ ଅନ୍ୟତମ ହେଲା ଚେତନା (୧୯୯୮), ବିଜ୍ଞାନର ମାୟା ନଗରୀ (୨୦୦୩), ଜ୍ଞାନର ଐଶ୍ୱର୍ଯ୍ୟ। ୫୦୦ରୁ ଊର୍ଦ୍ଧ୍ୱ ଜନପ୍ରିୟ ବିଜ୍ଞାନ ରଚନାବଳୀ ଓଡ଼ିଆରେ ବିଭିନ୍ନ ଦୈନିକ ସମ୍ବାଦପତ୍ର, ପତ୍ରପତ୍ରିକା ଓ ମାଗାଜିନିରେ ପ୍ରକାଶିତ ହୋଇ ସର୍ବଜନ ସ୍ୱୀକୃତି ଲାଭ କରିଛି। କେନ୍ଦ୍ର ସରକାରଙ୍କର ଆର୍ଥିକ ଅନୁଦାନରେ ଇଂରାଜୀ ଭାଷାରେ - **UNESCO Kalinga Laureates for Universal Peace**'ନାମକ ଏକ ସର୍ବଜନାଦୃତ ପୁସ୍ତକର ରଚନା କରାଯାଇଛି। ଯେଉଁଥିରେ କି ବିଶ୍ୱର ୬୬ଜଣ କଳିଙ୍ଗ ପୁରସ୍କାର ବିଜେତାଙ୍କର ଜୀବନୀ ପ୍ରଥମଥର ପାଇଁ ରଚନା ଓ ସଂକଳନ କରାଯାଇଛି। **UNESCO**' ଦ୍ୱାରା ଏହି ପୁସ୍ତକ ସମଗ୍ର ବିଶ୍ୱର ସର୍ବପ୍ରଥମ ପୁସ୍ତକର ମାନ୍ୟତା ଲାଭ କରିଛି। ଏହି ପୁସ୍ତକଟି କଳିଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟ ଭୁବନେଶ୍ୱର ଦ୍ୱାରା ୨୦୧୨ ମସିହାରେ ପ୍ରକାଶିତ ହୋଇଛି। ଓଡ଼ିଶାର ପ୍ରଥମ କଳିଙ୍ଗ ପୁରସ୍କାର ପାଇ ସେ ଓଡ଼ିଶା ତଥା ଭାରତର ଗୌରବକୁ ବିଶ୍ୱ ଦରବାରରେ ସୁପରିଚିତ କରାଯାଇପାରିଥିଲେ। ୭୦ରୁ ଊର୍ଦ୍ଧ୍ୱ ଗବେଷଣା ନିବନ୍ଧ ଦେଶ ବିଦେଶର ପ୍ରଖ୍ୟାତ ବିଜ୍ଞାନ ଭିତ୍ତିକ ଜର୍ଣ୍ଣାଲମାନଙ୍କରେ ପ୍ରକାଶିତ ହୋଇ ଉଚ୍ଚ ପ୍ରଶଂସିତ। ବହୁ ଜାତୀୟ ଓ ଆନ୍ତର୍ଜାତୀୟ ପେଟେଣ୍ଟର ସେ ଅଧିକାରୀ ଅଟନ୍ତି। ଏହାକୁ ଭିତ୍ତିକରି ନାଲ୍‌କୋ, ଦାମନଯୋଡିସ୍ଥିତ ଆଲୁମିନିୟମ କାରଖାନାରେ ୩୦ କୋଟି ବ୍ୟୟ କରି ବର୍ଷକୁ ଦଶ ହଜାର ଟନ୍ କ୍ଷମତା ବିଶିଷ୍ଟ ଦେଶର ବୃହତ ଡିଟରଜେଣ୍ଟ ଗ୍ରେଡ୍ କିଓଲାଇଟ୍-ଏ ପ୍ରତିଷ୍ଠା ହୋଇପାରିଛି। ବିଜ୍ଞାନକୁ ଦେଶ ତଥା ବିଦେଶରେ ଯଥା ଫ୍ରାନ୍ସ, ବ୍ରାଜିଲ, ଆମେରିକା, ଚୀନ୍, ଜାପାନ ଇତ୍ୟାଦି ତଥା ୟୁରୋପିଆନ୍ ରାଷ୍ଟ୍ରରେ ଲୋକପ୍ରିୟ କରାଇବାରେ ଡଃ. ମିଶ୍ର ବିଶେଷ ଭୂମିକା ଗ୍ରହଣ କରିଛନ୍ତି।

**ଭୁବନେଶ୍ୱର**
*ମୋ-୯୯୩୭୬୮୯୬୮୩*

# ଗଣତନ୍ତ୍ର, ଗଣଚରିତ୍ର ଓ ଗଣମାଧ୍ୟମ



**ସୁଧାଂଶୁ ଶେଖର ମହାପାତ୍ର**

**ଲୋକପ୍ରତିନିଧିମାନଙ୍କ ସହିତ ସାଧାରଣ ଲୋକଙ୍କର ସମ୍ପର୍କ ରହୁନାହିଁ। ଲୋକେ କେବଳ ଭୋଟ ବେଳ ଆସିଲେ ନେତାଙ୍କର ମନେ ପଡୁଛନ୍ତି। ସେମାନଙ୍କର ଦାରିଦ୍ର୍ୟ ଅବସ୍ଥାରୁ ଫାଇଦା ମାରି ଶାସନରେ ରହିବାକୁ ରାଜନେତାମାନେ ପ୍ରୟାସ କରୁଛନ୍ତି। ସାଧାରଣ ଜନତା ସଚେତନ ନହେବା ଫଳରେ ମୁଷ୍ଟିମେୟ ଲୋକଙ୍କ ଦ୍ୱାରା ଗଣତନ୍ତ୍ରକୁ ଜାଣିଶୁଣି ପଙ୍ଗୁ କରିଦିଆଯାଉଛି।**

ଗଣତନ୍ତ୍ରର ସୁସ୍ଥତା, ସାଧାରଣ ଜନତାଙ୍କର ମତିଗତି ଉପରେ ନିର୍ଭର କରେ। ସେମାନେ ଠିକଣା ବାଟରେ ଚାଲିଲେ ହିଁ ଗଣତନ୍ତ୍ରର ଆୟୁଷ ବଢ଼ିବ। ମାତ୍ର ଲୋକଚରିତ୍ରର ଅବକ୍ଷୟ ହିଁ ଗଣତନ୍ତ୍ରକୁ ପଙ୍ଗୁ ଓ ଅଥର୍ବ କରିଦେବାର କାରଣ ସାଜିଛି। ହୀନମନ୍ୟତା, ସଂକୀର୍ଣ୍ଣତା, କଟପଟା, କୁଟିଳତା ଓ ପରଶ୍ରୀକାତରତା ଆଜିର ମଣିଷକୁ କବଳିତ କରିଦେଇଛି। ଫଳରେ ମଣିଷ କ'ଣ କରୁଛି ତାହା ନିଜେ ମଧ୍ୟ ବୁଝିବାକୁ ଅସମର୍ଥ। ସ୍ୱାର୍ଥ ଓ ଅର୍ଥ ପଛରେ ଧାଉଁଥିବା ମଣିଷ ଏହାର ପରିଣତି ସମ୍ପର୍କରେ ସାମାନ୍ୟ ଚିନ୍ତା ମଧ୍ୟ କରୁନାହିଁ। ନିଜର ସ୍ୱାର୍ଥ ପାଇଁ ଅନ୍ୟର ସର୍ବନାଶ କରିବାକୁ ଆଦୌ କୁଣ୍ଠାବୋଧ କରୁନାହିଁ। ଯାହାଫଳରେ ଗଣତନ୍ତ୍ର ପ୍ରତି ବିପଦ ଘନେଇ ଆସୁଛି। ଗଣତନ୍ତ୍ର ସୁସ୍ଥ ରହିଲେ ହିଁ ମଣିଷ ସୁଖ, ଶାନ୍ତିରେ ଜୀବନ ବିତାଇ ପାରିବ। ଗଣତନ୍ତ୍ରରେ ନିର୍ବାଚନ ଏକ ମୁଖ୍ୟ ପ୍ରସଙ୍ଗ। ସାଧାରଣ ଲୋକେ ନିଜର ଉତ୍ତର ପ୍ରତିନିଧି ବାଛିବା ଲାଗି ନିର୍ବାଚନ ଉଦ୍ଦିଷ୍ଟ। ମାତ୍ର ନିର୍ବାଚନରେ ଅର୍ଥ ଓ ବାହୁବଳ ପ୍ରୟୋଗ କରାଯାଇ ଲୋକଙ୍କର ଭୋଟ ଅଧିକାରକୁ କିଣାଯାଉଛି। ଯାହା ଗଣତନ୍ତ୍ର ପ୍ରତି କୁଠାରଘାତ ଲୋକଙ୍କୁ ସ୍ୱାଧୀନ ଭାବରେ ନିଜର ମତପୋଷଣ କରିବାକୁ ଅଧିକାର ମିଳିବା ନିହାତି ଦରକାର। ନେତାମାନେ ହେଉଛନ୍ତି ସାଧାରଣ ଜନତାଙ୍କର ସେବକ। ମାତ୍ର ସେମାନେ ଲୋକଙ୍କ ଉପରେ ନିଜର ପ୍ରଭୁତ୍ୱ ଜାହିର ଲାଗି ତତ୍ପର ହୋଇଉଠିଛନ୍ତି। ଦେଶରେ ଗଣତନ୍ତ୍ର କିପରି ସୁସ୍ଥ ରହିବ ସେଥିପାଇଁ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ସାଧାରଣ ଜନତାଙ୍କର ମୌଳିକ ଅଧିକାର କିପରି ସୁରକ୍ଷିତ ରହିବ, ସେଥିପାଇଁ ଗଣମାଧ୍ୟମ ଗୁରୁତ୍ୱ ବହନ କରିବାର ଆବଶ୍ୟକତା ରହିଛି। ସମ୍ବିଧାନ ପ୍ରଣେତାମାନେ ଭାରତ ପାଇଁ ଗଣତନ୍ତ୍ର ପଦ୍ଧତି ହିଁ ଶ୍ରେଷ୍ଠ ହେବ ବୋଲି ବିବେଚନା କରିଥିଲେ। ମାତ୍ର ଗଣତନ୍ତ୍ର ଏବେ ବିପନ୍ନ ହୋଇପଡ଼ିଛି। ଗଣସ୍ୱାର୍ଥ ଗୌଣ ହୋଇଯାଇଛନ୍ତି। ଶାସନ କ୍ଷେତ୍ରରେ ରହୁଥିବା ଲୋକେ ଗଣସ୍ୱାର୍ଥକୁ ଉପେକ୍ଷା କରି ନିଜର ସ୍ୱାର୍ଥକୁ ବଡ ବୋଲି ଧରି ନେଇଛନ୍ତି। ଫଳରେ ସ୍ୱାଧୀନତାର ଦୀର୍ଘଦିନ ପରେ ମଧ୍ୟ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ପଡି ରହିଥିବା ଲୋକଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ଦେଶର ମୁଷ୍ଟିମେୟ ଲୋକେ ସବୁ ସୁବିଧା ସୁଯୋଗର ମାଲିକ ସାଜିଲେ, ଏହାକୁ କ'ଣ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା ବୋଲି କହିପାରିବା ? ଆମ ଦେଶରେ ଗଣତନ୍ତ୍ର କେବଳ ନାମକୁ ମାତ୍ର ଚାଲିଛି। ସାଧାରଣ ଲୋକେ ମୌଳିକ ଅଧିକାରରୁ ବଞ୍ଚିତ ରହିଛନ୍ତି। ଗଣମାଧ୍ୟମ ସାଧାରଣ ଜନତାଙ୍କର ସ୍ୱରକୁ ବହୁଳ ଭାବରେ ପ୍ରଚାର, ପ୍ରସାର କରିବା ଦରକାର। ଯେ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କର ଜୀବନ ସୁଖମୟ ହୋଇପାରିନାହିଁ ସେଯାଏ ଦେଶରେ ଗଣତନ୍ତ୍ର ତିଷ୍ଠି ରହିଛି ବୋଲି କହିବା ଠିକ୍ ହେବନାହିଁ। ଗଣତନ୍ତ୍ରରେ ଦେଶର ପ୍ରକୃତ ଶାସକ ହେଉଛନ୍ତି ସାଧାରଣ ଜନତା। ମାତ୍ର ଏହା ଏଯାଏ ବାସ୍ତବ ରୂପ ନେବାରେ ବାଧା ଉପୁଜିଛି। ଲୋକପ୍ରତିନିଧିମାନଙ୍କ ସହିତ ସାଧାରଣ ଲୋକଙ୍କର ସମ୍ପର୍କ ରହୁନାହିଁ। ଲୋକେ କେବଳ ଭୋଟ ବେଳ ଆସିଲେ ନେତାଙ୍କର ମନେ ପଡୁଛନ୍ତି। ସେମାନଙ୍କର ଦାରିଦ୍ର୍ୟ ଅବସ୍ଥାରୁ ଫାଇଦା ମାରି ଶାସନରେ ରହିବାକୁ ରାଜନେତାମାନେ ପ୍ରୟାସ କରୁଛନ୍ତି। ସାଧାରଣ ଜନତା ସଚେତନ ନହେବା ଫଳରେ ମୁଷ୍ଟିମେୟ ଲୋକଙ୍କ ଦ୍ୱାରା ଗଣତନ୍ତ୍ରକୁ ଜାଣିଶୁଣି ପଙ୍ଗୁ କରିଦିଆଯାଉଛି। ସାଧାରଣ ଲୋକେ ଯାହାକୁ ଚାହୁଁଛନ୍ତି ତାଙ୍କୁ ଭୋଟ ଦେଇ ସେମାନଙ୍କର ପ୍ରତିନିଧି ବାଛି ପାରୁନାହାନ୍ତି। ସେମାନଙ୍କ ଉପରେ ପ୍ରାର୍ଥୀଙ୍କୁ ଲଦିଦିଆଯାଉଛି ଯେଉଁମାନେ ଶାସନ କ୍ଷେତ୍ରରେ ରହୁଛନ୍ତି, ସେମାନେ ସାଧାରଣ ଲୋକଙ୍କ ଠାରୁ ନିଜକୁ ବଡ ବୋଲି ଧରିନେଇ ଆଡମ୍ବରପୂର୍ଣ୍ଣ ଜୀବନ ବିତାଇବାକୁ ଇଚ୍ଛା କରୁଛନ୍ତି। ତେଣୁ ଦୁର୍ନୀତି ଓ ବାଟମାରଣା କରି ନିଜର ଲୋଭ ଲାଳସା ଚରିତାର୍ଥ କରୁଛନ୍ତି। ଏପରିକି ଦେଶର ଧନକୁ ହଡପକରି ବଡ ଲୋକ ହେବାର ନିଶା ସେମାନଙ୍କୁ ଘାରୁଛି। ଫଳରେ ସାଧାରଣ ଜନତାଙ୍କ କଥା ଚିନ୍ତା କରିବାକୁ ସେମାନଙ୍କୁ ବେଳ ମିଳୁନି। ଶାସନରେ ରହୁଥିବା ଲୋକେ ଜନମତକୁ ଗ୍ରହଣ ନକରି ନିଜକୁ ସୁହାଇବା ଭଳି କାର୍ଯ୍ୟ କରିବାକୁ ଆଗଭର ହେଉଛନ୍ତି। ଫଳରେ ବିଭିନ୍ନ ଜନକଲ୍ୟାଣମୁଖୀ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚ ପାରୁନାହିଁ। ବିନା ପରିଶ୍ରମରେ ଜୀବନରେ ସବୁ ସୁବିଧା, ସୁଯୋଗ ହାତେଇବାକୁ ଲୋକେ ଆଶା କରୁଛନ୍ତି ଏବଂ ସେଥିପାଇଁ ଅବାଟରେ ଯିବାକୁ ମନ ଡାକୁଛି। ଦେଶ ସ୍ୱାଧୀନତ ହେବା ପରଠାରୁ ଦେଶରେ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଥିଲେ ମଧ୍ୟ, ଯୋଜନା ବାବଦୀୟ ଅର୍ଥ ଦୁର୍ନୀତି ଓ ବାଟମାରଣା ବାଟରେ ଚାଲିଯିବା ଫଳରେ, ଏହାର ଅସଲ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ତେଣୁ ସାଧାରଣ ଲୋକେ ବିଭିନ୍ନ ସମସ୍ୟାରେ ପଡି ତ୍ରାହିତ୍ରାହି ଡାକରା ଦେଉଛନ୍ତି। ଚତୁର୍ଥସ୍ତମ୍ଭ ହେଉଛି ସାଧାରଣ ଜନତାଙ୍କର ରକ୍ଷା କବଚ। ସେମାନଙ୍କ ପ୍ରତି ହେଉଥିବା ଅବହେଳାକୁ ଗଣମାଧ୍ୟମ ପଦାକୁ ଆଣିବା ଦରକାର। ଶାସନ ବ୍ୟବସ୍ଥା ଯେପରି ଜନକଲ୍ୟାଣମୁଖୀ ହେବ, ସେ ଦିଗରେ ଗଣମାଧ୍ୟମ ଦୃଷ୍ଟି ଦେବା ଦରକାର। ସାଧାରଣ ଜନତାଙ୍କର ଦେଶ ପ୍ରତି ଦାୟିତ୍ୱ ସମ୍ପର୍କରେ ଗଣମାଧ୍ୟମ ସେମାନଙ୍କୁ ସଚେତନ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି। କାରଣ ଲୋକେ ନିଜର ଅଧିକାର ସମ୍ପର୍କରେ ସଚେତନ ନହେବା ଫଳରେ, ସେମାନଙ୍କୁ ସମସ୍ୟାରେ ବୁଡିରହିବାକୁ ପଡୁଛି। ଗଣତନ୍ତ୍ରକୁ ଠିକଣା ବାଟରେ ଚଳାଇବା ହେଉଛି ଗଣମାଧ୍ୟମର ନୈତିକ ଦାୟିତ୍ୱ। କାରଣ ଦେଶବାସୀଙ୍କର ଚତୁର୍ଥସ୍ତମ୍ଭ ଉପରେ ବଡ଼ ଭରସା ରହିଛି। ଦେଶରେ ଗଣତନ୍ତ୍ର ପଙ୍ଗୁ ଅବସ୍ଥାରେ ପଡିଯିବା ଲାଗି ଆମେ ସମସ୍ତେ ଦାୟୀ। କାରଣ ଦେଶପ୍ରତି ରହିଥିବା ନିଜର କର୍ତ୍ତବ୍ୟକୁ ଆମେ ଗୁରୁତ୍ୱ ଦେଲେନାହିଁ। ଆମେ ଗଣତନ୍ତ୍ର ଗଣତନ୍ତ୍ର ବୋଲି ଚିତ୍କାର କରୁଛେ, ମାତ୍ର ଏହାର ସୁସ୍ଥତା ସମ୍ପର୍କରେ ଚିନ୍ତା କରୁନେ। ଗଣତନ୍ତ୍ର ଶାସନଠାରୁ ଭଲ ଶାସନ ଆଉନାହିଁ। ମାତ୍ର ଏହା ନାମକୁ ମାତ୍ର ଚାଲିଲେ ଏହାର ଯଥାର୍ଥତା ପ୍ରତିପାଦିତ ହୋଇପାରିବକି ? ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ହେଲେ ନିଜ ସ୍ୱାର୍ଥ ଅପେକ୍ଷା ଗୌଣସ୍ୱାର୍ଥକୁ ବଡ ବୋଲି ଗ୍ରହଣ କରିବାକୁ ପଡ଼ିବ। ମାତ୍ର ସେଥିପାଇଁ ଆମେ ପ୍ରସ୍ତୁତ କି ? ମଣିଷ ମନରେ ଦେଶଭାବନା ଓ ତ୍ୟାଗ ଚିନ୍ତା ବଢ଼ିଲେ ହିଁ ଦେଶର ଗଣତନ୍ତ୍ର ସୁଦୃଢ଼ ହୋଇପାରିବ। ଯେତେଦିନ ଯାଏ ଦେଶର ସାଧାରଣ ଜନତା ନିଜର ମୌଳିକ ଅଧିକାର ଉପଭୋଗ କରିବାର ସୁଯୋଗ ପାଇନାହାନ୍ତି, ସେତେବେଳେ ଯାଏ ଦେଶରେ ଗଣତନ୍ତ୍ର ଠିକ୍‌ଠାକ ଚାଲିବ ବୋଲି କହିବା ଯୁକ୍ତିଯୁକ୍ତ ନୁହେଁ। ଲୋକଚରିତ୍ରକୁ ଠିକଣା ଭାବରେ ଚଳାଇବାର ଗୁରୁଦାୟିତ୍ୱ ଗଣମାଧ୍ୟମ ଉପରେ ନ୍ୟସ୍ତ ରହିଛି। ସେମାନେ ନିଜର ଦାୟିତ୍ୱକୁ ଠିକ ଭାବରେ ନେଇ ଆଣି ଥୋଇପାରିଲେ ହିଁ ଗଣତନ୍ତ୍ରର ମୂଲ୍ୟ ବଢ଼ିବ। ମାତ୍ର ଆଜିର ମଣିଷ ଭିତରେ ସ୍ୱାର୍ଥଚିନ୍ତା ବଢ଼ିଚାଲିଛି, ବିନା ମତଲବରେ କୌଣସି କାର୍ଯ୍ୟ ହେଉନାହିଁ। ଅନ୍ୟର ସ୍ୱାର୍ଥ ଚିନ୍ତାରେ ବୁଡି ରହିବାକୁ ଲୋକେ ଚିନ୍ତା କରୁଛନ୍ତି।

ଏଭଳି ପରିସ୍ଥିତିରେ ଦେଶରେ ଗଣତନ୍ତ୍ରର ଭବିଷ୍ୟତ ଠିକ୍ ରହିବ କିପରି ? ଦେଶ ସ୍ୱାଧୀନ ହେବା ପରେ ନାଗରିକ ଦାୟିତ୍ୱ ପ୍ରତି ଆମକୁ ଅଧିକ ଧ୍ୟାନ ଦେବା ଉଚିତ ଥିଲା। ଗଣତନ୍ତ୍ର ଠିକ୍ ଠାକେ ଚାଲିଥିଲେ, ସାଧାରଣ ଲୋକେ ସମସ୍ୟାମୁକ୍ତ ଜୀବନ ବିତାଇବାକୁ ସୁଯୋଗ ପାଇଥାନ୍ତେ। ମାତ୍ର ତାହା ସମ୍ଭବପର ହେଲାନାହିଁ। ଯାହାଫଳରେ ଦୁର୍ଦ୍ଦଶା ବଢ଼ିବଢ଼ିଚାଲିଛି। ଭଲମନ୍ଦ ବିଚାର ଶକ୍ତି ନଖଟାଇବା ଫଳରେ ଗଣତନ୍ତ୍ର ପ୍ରତି ବିପଦ ମାଡିଆସିଛି। ବିଳମ୍ବ ହେଲେ ମଧ୍ୟ ଦେଶବାସୀ ଏବେ ଆତ୍ମସମୀକ୍ଷା କରିବାର ଅସଲ ବେଳ ଆସିଛି। ଦେଶକୁ ସମୃଦ୍ଧ ପଥରେ ଆଗେଇ ନେବାକୁ ହେଲେ, ଆମକୁ ଦାୟିତ୍ୱବୋଧ ହେବାକୁ ପଡିବ। ଗଣତନ୍ତ୍ର ପଦ୍ଧତିକୁ ମୂଲ୍ୟଦେବାକୁ ହେବ। ଶାସନ ଓ ପ୍ରଶାସନ, ସାଧାରଣ ଲୋକଙ୍କର ସାମୂହିକ କଲ୍ୟାଣ ପାଇଁ ଉଦ୍ଦିଷ୍ଟ। ମାତ୍ର ଏଥିରେ ନାନା ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଗଣମାଧ୍ୟମ ଏହାକୁ ପଦାକୁ ଆଣି ଶାସନ ଓ ପ୍ରଶାସନକୁ ଦାୟିତ୍ୱବୋଧ କରାଇବା ଦରକାର। ସାର୍ବଜନୀନ ଚିନ୍ତାଧାରା ହିଁ ଗଣତନ୍ତ୍ରର ସୁସ୍ଥତାକୁ ଫେରାଇ ଆଣିପାରିବ। ଏଥିପାଇଁ ଲୋକେ ଦୃଢ଼ ସଂକଳ୍ପ ଓ ମାନସିକତା ଗ୍ରହଣ କରିବାର ଆବଶ୍ୟକତା ରହିଛି। ଲୋକେ ଦେଶ ଚିନ୍ତାଠାରୁ ଦୂରେଇ ଯିବାହିଁ ଗଣତନ୍ତ୍ର ପାଇଁ ବିପଦକୁ ଡାକି ଆଣିଛି। ଦେଶବାସୀଙ୍କ ମୁହଁରେ ହସ ଫୁଟାଇବା ପାଇଁ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟାର ଆବଶ୍ୟକତା ରହିଛି।

***ବରିଷ୍ଠ ସାମ୍ବାଦିକ***
***ଭୁବନେଶ୍ୱର, ନୀଳାଦ୍ରି ବିହାର***

**ମହାଶୟ,**

ରାଜନୀତିକୁ ନେଇ କିଛି ନ୍ୟସ୍ତସ୍ୱାର୍ଥ ଲୋକେ ରାଜ୍ୟରେ ହିଂସା ଭିଆଇବାରେ ଲାଗିଛନ୍ତି। ଦୁଇ ସଂପ୍ରଦାୟକୁ ଉସୁକାଇ ଯେଭଳି ଭଦ୍ରକ ଭଳି ଶାନ୍ତିପ୍ରିୟ ସ୍ଥାନରେ ଯେଭଳି ହିଂସାକାଣ୍ଡ ସୃଷ୍ଟି କରାଯାଇଛି, ତାହା ଅତ୍ୟନ୍ତ ନିନ୍ଦନୀୟ। ଭୋଟ୍ ରାଜନୀତି ପାଇଁ ଏଭଳି କରୁଥିବା ରାଜନେତାଙ୍କୁ ଲୋକମାନେ ଆଦୌ କ୍ଷମା ଦେବେନାହିଁ। ଆଗାମୀ ଦିନରେ ଭଦ୍ରକ ତଥା ରାଜ୍ୟବାସୀ ବାଲାଟ୍ କିମ୍ବା ଭୋଟିଂ ମେସିନ୍ ଜରିଆରେ ଏହାର ଉଚିତ ଜବାବ ଦେବେ ନିଶ୍ଚିତ। ଏଭଳି କୁତ୍ସିତ ରାଜନୀତିଜ୍ଞମାନେ ଏବେଠୁ ସତର୍କ ହୋଇଯାଆନ୍ତୁ। ନଚେତ୍ ୨୦୧୯ ସିଂହାସନ ଦଖଲର ସ୍ୱପ୍ନ , କେବଳ ସ୍ୱପ୍ନରେ ହିଁ ରହିଯିବ, ଏହା ନିଶ୍ଚିତ।

***ସୁଶାନ୍ତ ଦାସ, ଖୋର୍ଦ୍ଧା***

ଆମ ଠିକଣା
**ଏକମାତ୍ର**
***ସମ୍ପାଦନା କାର୍ଯ୍ୟାଳୟ***
***ଏଚଆଇଜି-୧୩୭,***
***ଧର୍ମବିହାର***
***ଖଣ୍ଡଗିରି, ଭୁବନେଶ୍ୱର-୩୦***
***ଦୂରଭାଷ : ୦୮୭୬୩୩୬୮୦୨୯***

# ବେଦନାର ବେଦ (୧୨)

ଧାରାବାହିକ ଉପନ୍ୟାସ





**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com

**ମାଟିମନସ୍କ, କଥକତା, ସ୍ମୃତିସଜଳ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଆଞ୍ଜୁଳା ଆଞ୍ଜୁଳା ଆହାପଣ।**

**କା**ହା କଥା ତଳେ ପକାଏନି ଚକ୍ରଧର। ସବୁ କାମକୁ ଅଣ୍ଟାଭିଡ଼େ ସେ। ଯେଉଁ କାମରେ ହାତ ଦିଏ, ଖୁବ୍ ନିଷ୍ଠା ଓ ଶ୍ରମ ଦେଇ ତାକୁ ଶେଷ କରେ। ସେଥିପାଇଁ ଗାଁ'ର ଜଣେ ଦରକାରୀ ମଣିଷ ସିଏ। ତାକୁ ଛାଡ଼ିଦେଲେ ସବୁ ଅଚଳ।

"ଚକ୍ରଧର !" – କହିଲେ ୱାର୍ଡ଼ମେମ୍ବର ରବିବାବୁ – "କାଲି ସକାଳୁ ସକାଳୁ ଚାଲି ଆସିବୁ। ତୋ ଜାଲଟା ବି ନେଇଯାଇଥିବୁ ସାଙ୍ଗରେ। ମାଛଧରା କାମ ବାରଟା ଗୋଟାଏ ଭିତରେ ସାରିବାକୁ ହେବ। ସଂଧ୍ୟାବେଳକୁ ଜନ୍ତାଳ !"

ଚକ୍ରଧର ହୁଁ ହାଁ ମାରୁଥିଲା। ରୋଷେଇଘରେ ଥିଲା ଚମ୍ପା। ରବିବାବୁଙ୍କ ପାଟି ଶୁଣି ଧାଇଁଆସିଲା ବାହାର ଘରକୁ। ମୁଣ୍ଡରେ ଓଢ଼ଣା ଟାଣି କାନ୍ଦ କାନ୍ଦ ହୋଇ ପୁଅର ଦୁର୍ଦ୍ଦଶା ସବୁ ବର୍ଣ୍ଣନା କରିଗଲା ତାଙ୍କ ଆଗରେ। କହି ସାରି କାନ୍ଦି ଉଠିଲା।

ସବୁ ଶୁଣିସାରି ଜଣେ ସବ୍‌ଜାନ୍‌ତା ବିଜ୍ଞ ଲୋକପରି ରବିବାବୁ କହିଲେ– "ପୁଅଟା ଆସି ଏତେସରି ହେଲାଣି ତୁ ଚକ୍ରଧର ଚୁପ୍‌ଚାପ୍ ବସିଛୁ ? ତାକୁ ନେଇ କଟକ ବଡ଼ମେଡ଼ିକାଲ ପଳା। ସେଠି ବହୁତ ଭଲ ଓ ବହୁତ ବଡ଼ ବଡ଼ ଡାକ୍ତର ଅଛନ୍ତି। ସେମାନଙ୍କ ପାଖରେ ନାନା ଯନ୍ତ୍ରପାତି। ଚେକପ୍ କରି ଦେହ ଭିତରେ ଯାହା ସମସ୍ୟା ଥିବ ଚଟ୍ କରି କହିଦେବେ। ଖାଲି କହିବେନି, ସଙ୍ଗେ ସଙ୍ଗେ ଚିକିତ୍ସା ଆରମ୍ଭ କରିଦେବେ। ତୁ ଚକ୍ରଧର ଏ କ୍ଷେତ୍ରରେ ଆଉ ବିଳମ୍ବ କରନା। ଯେତେ ବିଳମ୍ବ କରୁଥିବୁ, ପୁଅର ଦେହ ସେତେ ବିଗିଡ଼ି ଯାଉଥିବ।"

"ବାବୁ !"–ଚକ୍ରଧର କହିଲା, "ସେକଥା ମୁଁ ଅନେକ ଦିନ ହେବ ମନେମନେ ଭାବିଲାଣି। ହେଲେ ଏକା ଏକା ବେମାର ଛୁଆଟାକୁ ବୋହି କଟକ ବଡ଼ମେଡ଼ିକାଲ ନେଇଯିବା ପାଇଁ ମୋର ସାହାସ କୁଳାଉ ନାଇଁ। ମୋ ଜୀବଦ୍ଦଶାରେ ମୁଁ କେବେ କଟକ ସହର ମାଟି ମାଡ଼ିନି। ବଡ଼ ଡାକତରଖାନା ଦେଖିନି କି ସେଠି କାହାକୁ ଚିହ୍ନିନି। ସେଠି ମୋ ପରି ମଳିମୁଣ୍ଡିଆ କଥା କିଏ ଶୁଣିବ ? କାହା ପାଖକୁ ନେବି, କ'ଣ କରିବି, ମତେ କିଛି ବୁଦ୍ଧିବାଟ ଦେଖାଯାଉ ନାଇଁ ଆଜ୍ଞା। ମୋ ମୁଣ୍ଡ ଗୋଳମାଳ ହେଇଯାଉଛି।"

ଚକ୍ରଧରର ସ୍ୱର କାନ୍ଦ କାନ୍ଦ ଶୁଭୁଥିଲା।

"ଆରେ ଚିହ୍ନା ପରିଚୟ ସେଠି କିଛି ଦରକାର ନାହିଁ ? ସେଇଟା ପରା ସରକାରୀ ଡାକ୍ତରଖାନା ! ଡାକ୍ତରମାନେ ସେଠି ଅନେଇ ବସିଛନ୍ତି ରୋଗୀଙ୍କ ସେବା କରିବା ପାଇଁ। ତୁ ଏବେ ବ୍ୟସ୍ତ ହୋଇପଡୁଚୁ କାଇଁକି ?"– ରବିବାବୁ ତାକୁ ଆଶ୍ୱାସନା ଦେଲେ।

"ହେଇଟି ବାବୁ !" ନିଉନ ହେବାପରି ଚମ୍ପା କହିଲା– "ତମେ ଟିକେ ଆମ ସାଙ୍ଗରେ ବଡ଼ ଡାକତରଖାନା ଯାଆନ୍ତ ନି ! ତୁମେ ଜାଣିବା ଶୁଣିବା ପଢୁଆ ଲୋକ ! କେଡ଼େ ବଡ଼ ବଡ଼ ଲୋକଙ୍କ ସହିତ ତୁମର ପରି ! ତମ ଯିବା ଆସିବା ଖାଇବା ପିଇବା ଖର୍ଚ୍ଚ ଆମେ ଦିଅନ୍ତୁ ! ଆମ ଉପରେ ଟିକେ ଦୟାକର ବାବୁ... !

ୱାର୍ଡ଼ମେମ୍ବର ରବିବାବୁଙ୍କ ମୁହଁ ଶୁଖିଗଲା। ଇୟେ ତ ଆ' ବଳଦ ମତେ ବିନ୍ଧ୍ ପରି କଥା ହେଲା ! କାହିଁକି ସେ କଟକ ଯିବାକଥା ତାକୁ କହୁଥିଲେ ? ଶଳା ଆଜି-କାଲିକା ଲୋକଙ୍କୁ ଭଲ ପରାମର୍ଶ ଦେବା ଅନୁଚିତ। ଦେଲ ମାନେ ମଲ।

କଥାଟାକୁ ବାଆଁରେଇ ସେ କହିଲେ–"ଆରେ, ତୁମେ ଦୁହେଁ ଏତେ ନର୍ଭସ କାଇଁକି ହେଉଛ ? କହିଲି ପରା ସେଠି ଚିହ୍ନା ପରିଚିତ କିଛି ଦରକାର ନାଇଁ ! ! ମତେ କହିଲ ଯେ ଯିବାପାଇଁ, ହେଲେ ମୁଁ କ'ଣ ଯାଇପାରିବି ? ମୋର ଏଣେ ଦୁନିଆଯାକର କାମ ! ଆସନ୍ତା ଶନିବାର ଦିନ ୱାର୍ଡ଼ମେମ୍ବରମାନଙ୍କ ଜିଲ୍ଲାସ୍ତରୀୟ ବୈଠକ ଅଛି ବ୍ଲକ୍ ଅଫିସରେ। ଆମ ବିଧାୟକ ଓ ମନ୍ତ୍ରୀ ବି ଆସିବେ। ଆମ ପଞ୍ଚାୟତର ଅଭାବ ଅସୁବିଧା, ଭଲ-ମନ୍ଦ ବିଷୟରେ ଆଲୋଚନା ହେବ। ଇଲେକ୍ସନ ଆସିଗଲାଣି। ଆମ ସରପଞ୍ଚ ରଘୁ ଭାଇନାଙ୍କ କଥା ତ ସମସ୍ତେ ଜାଣନ୍ତି। କଥା ବଡ଼ କାମ ନାସ୍ତି। ଶ୍ରୀଅକ୍ଷର ବିବର୍ଜିତ। ପଦେ କଥା କହି ଆସିବନି ! ସେକଥା ଜାଣି ସଭାର ସବୁ ଦାୟିତ୍ୱ ମୋ ମୁଣ୍ଡ ଉପରେ ଲଦି ଦେଇଛନ୍ତି ବିଧାୟକ ! ମୁଁ ଘଡ଼ିଏ ନ ରହିଲେ ସବୁ ଗୋଳମାଳ। ତା'ଛଡ଼ା ବୁଝିଲୁ ଚକ୍ରଧର, ଆମେ ହେଲୁ ରାଜନିତିଆ ଲୋକ। ଆମର ସେ ଡାକ୍ତର ଫାକ୍ତରଙ୍କ ସହ ବେଶି ଚିହ୍ନା ପରିଚୟ ନାହିଁ।"

ନିଜ ଉପରୁ ଦାୟିତ୍ୱ ହଟାଇବାର ସଫଳ ପ୍ରୟାସ କରି ରବିବାବୁ ପୁଣି କହିଲେ, "ତୁ ଗୋଟେ କାମ କର ଚକ୍ରଧର ! ଏଇ ସଙ୍ଗେ ସଙ୍ଗେ ଜଶିପୁର ଗାଁକୁ ଯା'। ଯଶିପୁରର ବାଇଧର ବାରିକକୁ ଯାଇ ଦେଖା କର। ତା'ପୁଅ ସଞ୍ଜୟ ରହୁଚି କଟକରେ। ବଡ଼ମେଡ଼ିକାଲ କିମ୍ବା କୋଉ ନର୍ସିଂହୋମ୍‌ରେ କାମ କରୁଚି ବୋଧେ ! ପିଲାଟା ଭାରି ଭଲ। ଆମର ଏପଟୁ ଯେତେ ଲୋକ ମେଡ଼ିକାଲ୍ ଯାଆନ୍ତି, ସମସ୍ତେ ଯାଇ ତାକୁ ଦେଖା କରନ୍ତି। ସମସ୍ତଙ୍କୁ ସେ ଆଗଭର ହୋଇ ସାହାଯ୍ୟ କରେ। ମୁଁ ଭାବୁଛି, ତତେ ନିଶ୍ଚୟ ସେ ସାହାଯ୍ୟ କରିବ !"

ଏତକ ପରାମର୍ଶ ଦେଇସାରି ରବିବାବୁ ଖୁବ୍ ଆତ୍ମପ୍ରସାଦ ଲାଭ କରିବା ପରି ମୁହଁରେ କହିଲେ–"ଆଚ୍ଛା ଡେରି ହେଲାଣି, ମୁଁ ଯାଉଛି। କାଲି ସକାଳୁ ତୁ ଶୀଘ୍ର ଆସି ପହଞ୍ଚିବୁ। ମାଛଧରା କାମ ଶୀଘ୍ର ସାରିବା !"

ରବିବାବୁ କହିଲେ ଏବଂ ପଳେଇଲେ।

ରବିବାବୁ ଯଶିପୁର ବାଇଧର ବାରିକ ପୁଅ ସଞ୍ଜୟ ଓରଫ୍ ସଞ୍ଜୁଆ କଥା କହିଲେ। ଚକ୍ରଧର ଚିହ୍ନେ ତାକୁ। ସଞ୍ଜୟ ସେ ଗାଁ'ର ପ୍ରଥମ କଲେଜ ପଢୁଆ ପିଲା। ଆଇଏ ପରେ ବିଏ ପଢ଼ିଲା। ତା'ବାପ ବାଇଧର ବାରିକ ମୁଣ୍ଡଝାଳ ତୁଣ୍ଡରେ ମାରି, ମହାଜନ ସାହୁକାର ଘରେ ବେଠି ଖଟି ତାକୁ ପାଠ ଦି'ଅକ୍ଷର ପଢ଼ାଇଥିଲା। ପୁଅକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲା। ପୁଅ ଏତେ ଗୁଡାଏ ପାଠ ପଢ଼ିସାରିବା ପରେ କୁଆଡ଼େ କିଛି ଚାକିରି ବାକିରି ପାଇଲାନି। ଗାଁରେ ବୁଲିଲା। ଭାଙ୍ଗ ଗଞ୍ଜେଇ ଖାଇ ଦିନରାତି ଚବିଶଘଣ୍ଟା ରାସ୍ତାଛକ ଉପରେ ଯାଇ ଟହଲ ମାରିଲା। ନାନା ଅପବାଦିଆ ଧନ୍ଦାରେ ମୁଣ୍ଡ ପୁରାଇ ଯା'ଠାରୁ ତା'ଠାରୁ ମାଡ଼ଗାଳି ବି ଖାଇଲା। ଥିଲା ଥିଲା, ଦିନେ ଗାଁ ଛାଡ଼ି ପଳାଇଲା କଟକ।

କଟକରେ କ'ଣ କଲା, କି ଧନ୍ଦାରେ ହାତ ଦେଲା, ସେକଥା ମା'ଗଙ୍ଗେଇ ଜାଣନ୍ତି। ହେଲେ ଗାଁରେ ତା'ବୁଢ଼ାବାପ ବର୍ଷ ଦି'ଟାରେ ଚାରିବଖରା କୋଠା ବାଡ଼େଇଲା। ଯଶିପୁର ଗାଁରେ ସେଇ ପ୍ରଥମ କୋଠାଘର। ବାଡ଼ି ଗୁବରେ ଗୁବେ ଜମି ନଥିଲା, ଏବେ ଆଠ ଦଶମାଣ ଜମି କିଣି ସାରିଲାଣି। ବାଇଧର ବାରିକ ଲାଞ୍ଜରେ ଏବେ ହାତମାରିବା ମୁସ୍କିଲ୍। ତା'କଥାବାର୍ତ୍ତା, ଠାଣୀମାଣୀ ସବୁ ବଦଳିଗଲାଣି। ଖଣ୍ଡେ ଗାମୁଛାରେ ଦିନରାତି ଚଳେଇ ନେଉଥିବା ବୁଢ଼ା ଏବେ ସଫା ଧୋତି ଚାଦର ନହେଲେ ପଦାକୁ ଗୋଡ କାଢୁନି। ଫି'ଦିନ ମାଛ ମାଉଁସ ନହେଲେ ଭାତଥାଳି ପାଖରେ ବସୁନି। ନ୍ୟାୟ ନିଶାପରେ ଆଗ ଖୋଜାପଡୁଛି ବାଇଧର ବାରିକକୁ। ସେ ଅଞ୍ଚଳର ଜଣେ ଥିଲାବାଲା ବିଶିଷ୍ଟ ବ୍ୟକ୍ତି ହିସାବରେ ଲୋକେ ଗଣୁଛନ୍ତି ତାକୁ।

ବର୍ଷକୁ ଦି'ଚାରିଥର ଗାଁକୁ ଆସେ ସଞ୍ଜୟ। ମୋଟରସାଇକେଲ ଧରି। ସେ ଚାରି ଛ'ଖଣ୍ଡ ମୌଜାରେ ଗଣିଲେ ଦି'–ଚାରିଗଣ୍ଡା ସାଇକେଲ ବାହାରିବ ସିନା, ମୋଟରସାଇକେଲ କିନ୍ତୁ ଏଇ ଗୋଟାଏ। ରାଜଦୂତ ମୋଟରସାଇକେଲ। ଗାଁରେ ଯେଉଁ ଦି'–ଚାରିଦିନ ସେ ରହେ, ପେଣ୍ଟ ସାର୍ଟ ଚପଲ ତା'ଦେହରୁ ଖସେନା। ଦି'ଖୋଜ ବାଟ ଯିବାକୁ ହେଲେ ଗାଡ଼ି ବାହାର କରେ। ଦାମୀ ଫିଲଟର ସିଗାରେଟ ଟାଣେ। ଆଖିରେ ସବୁବେଳେ କଳା ଚଷମା ପିନ୍ଧିଥାଏ। କି ଦାମୀ ଅତର ଦେହରେ ସିଞ୍ଚେ ଯେ, ଚାଲିଗଲା ବେଳେ କୋଶେ ବାଟଯାଏ ସେ ବାସ୍ନା ଚହଟି ଯାଉଥାଏ।

*କ୍ରମଶଃ...*



# ବୋଉର ବଗିଚା



**ଗାୟତ୍ରୀ ଦାଶ**

**ଫୋ**ନ୍‌ରେ ସେପଟୁ ବୋଉର ପାଟି ଶୁଣି ମୁଁ ଡରିଯାଇଥିଲି। କିଛି ପଚାରିବା ପୂର୍ବରୁ ସେ ଆରମ୍ଭ କଲା, 'ଜାଣିଛୁ ! ମୋ ଗଛ ଆଉ ଗୋଟିଏ ବି ନାହିଁ। ସେ ଯେଉଁ ପିଜୁଳି ଗଛଟି ମାସକ ତଳେ ଲଗେଇଥିଲି, ଆଉ ସେ କୁନ୍ଦୁରିଗଛଟା, ବହେ କଷି ହେଇଥିଲା ସେଥିରେ। ଲଙ୍କାଗଛ ଦି'ଟା ସହିଦନଗର ସମୁଦୁଣୀ କେତେ ଶ୍ରଦ୍ଧାରେ ଦେଇଥିଲେ, ଆଉ କ'ଣ କିଛି ଅଛି ?' ମୁଁ ପଚାରିଲି, 'କାହିଁକି, କ'ଣ ହେଲା ?' 'କ'ଣ ଆଉ ହେବ ? ନନା ଆଜି ମୂଲିଆ ଲଗେଇଥିଲେ ବାଡ଼ି ସଫା କରିବା ପାଇଁ। ତା' ହାତରେ ସବୁ ଗଛ ମୋର ଉପାଡ଼ି ଦେଇଛନ୍ତି। କ'ଣ ନା ସେଗୁଡ଼ାକ ଯିବା ଆସିବା ରାସ୍ତା ଉପରେ ହେଇଥିଲା। ପିଜୁଳି ଗଛରେ କୁଆଡ଼େ ଜମା ଫଳ ଧରି ନ ଥାନ୍ତା। ସତରେ ଯେମିତି କୃଷି ବିଷରଦ।' ବୋଉ ବାତୁଳପ୍ରାୟ ଗପି ଚାଲିଥିଲା। ଘର ବଗିଚାର ଗଛକୁ ନେଇ ନନାବୋଉଙ୍କର ଏମିତି ଝଗଡ଼ା ଆମେ କେତେ ଶୁଣିଛୁ। ବୋଉ ବିଭିନ୍ନ ପ୍ରକାରର ଗଛ ଲଗାଇ ତାକୁ ପାଣି ଦେଇ ବଞ୍ଚାଇବାରେ ଯେତିକି ସଂଗ୍ରାମ କରେ, ନନା ତା'ଠାରୁ ଅଧିକ ଚେଷ୍ଟାରେ ଲାଗିପଡ଼ନ୍ତି ଯେକୌଣସି ବାହାନା ଦେଖାଇ ମଝିରେ ମଝିରେ ସେଥିରୁ କିଛିକିଛି ଉପାଡ଼ିବାରେ। କୃଷି ବିଭାଗର ଅଭିଜ୍ଞତା ଦର୍ଶାଇ ସେ ଯୁକ୍ତି ବାଢ଼ନ୍ତି, 'ଗଛ ଦେଖିଲେ ସେ କହିଦେବେ କେଉଁ ଗଛ ଫଳିବ ଅଥବା କେଉଁ ଗଛରେ କଷି ବି ଧରିବନି। କେଉଁ ଗଛ ବଞ୍ଚିଯିବ ତ' କେଉଁ ଗଛ ବାହାରୁ ଜଣା ନ ପଡୁଥିଲେ ମଧ୍ୟ ପୋକ ତା'ର ମୂଳ ସଫା କରିସାରିଲେଣି। ଦୁଇତିନି ଦିନରେ ଶୁଖି ମରିଯିବ।' ବୋଉ କଥା କିନ୍ତୁ ଠିକ୍ ବିପରୀତ। ଗଛର ଦୁଇଟି ପତ୍ରରୁ ପାଣି ଦେଇ ଦେଇ ଚାରିଟି ଡାଳ ବାହାର କରିସାରିଛି ମାନେ ସେ ଗଛ ନିଶ୍ଚିତ ଫଳିବ। ଦଶବର୍ଷ ଧରି ଯେଉଁ ସପେଟା ଗଛରେ କଷିଟିଏ ମଧ୍ୟ ହୋଇ ନ ଥାଏ, ବୋଉ କହେ, 'ଫଳିବ, ନିଶ୍ଚିତ ଫଳିବ।' ଏୟା କହୁ କହୁ ତା' ମୂଳରେ ସେ ପାଣି ଢାଳିଚାଲେ। ବାସ୍ତବରେ କ'ଣ ଘଟିଲା, ସେ କଥା ଆମେ କେବେ ଦେଖିନୁ କି ଜାଣିବାକୁ ଇଚ୍ଛା କରିନୁ।

କେବେ କେବେ ଛୁଟିଦିନରେ ଘରକୁ ଗଲେ ଖାଇବା ପର୍ବ ସରିବା ପରେ ବୋଉ ମତେ ଡାକେ, 'ଆ, ମୋ ଗଛ ଦେଖିବୁ।' ମୁଁ ତା' ସହିତ ବଗିଚାକୁ ଯାଏ। ପିଜୁଳି ଗଛ ପାଖରେ ଲାଗିଥିବ କଲରା ଗଛ। ଦେବଦାରୁ ଗଛମୂଳେ ଦୁଇତିନିଟି ଲଙ୍କାଗଛ, କନିଅର ଫୁଲ ଗଛରେ ମାଡ଼ିଥିବା କଖାରୁ ଡଙ୍କ। ଆଉ ଆମ୍ବଗଛକୁ ଲାଗି ପୋତା ହୋଇଥିବ ମନ୍ଦାର ଫୁଲର ଡାଳ। ଚମ୍ପାଗଛ ଆଡ଼କୁ ହାତ ଦେଖାଇ ବୋଉ କହିଚାଲିଥିବ 'ଦେଖ୍, ଏ ଗଛରେ କେମିତି କଢ଼ ଭର୍ତ୍ତି ହୋଇଛି। ଠାକୁରଙ୍କ ପାଇଁ ସକାଳେ ଚାଙ୍ଗୁଡ଼ି, ଏ ଫୁଲ ତୋଳୁଛି। ତୋ ଘର ପାଖରେ ହେଇଥିଲେ ସବୁଦିନ ପଠେଇଦିଅନ୍ତି। ଜାଣିଛୁ, ଏ ଗଛର ପ୍ରଥମ କଢ଼ ଗୋଟେ ଗୁରୁବାରରେ ଆସିଥିଲା। ବହୁତ ଭଲ ଦିନରେ। ତା' ପରଠାରୁ ଫୁଟିବା ତ ବନ୍ଦ ନାହିଁ।'

ବୋଉର କଥା ଶୁଣୁଶୁଣୁ ମୁଁ ଭାବବିହ୍ୱଳ ହୋଇଉଠେ। ନିଜ ହାତରେ ଲଗେଇଥିବା ଗଛଗୁଡ଼ିକ ସହିତ କେତେ ନିବିଡ଼ ସମ୍ପର୍କ ତା'ର। ଠିକ୍ ସେହିଭଳି ଯେପରି ନିଷ୍ପାପ, କୋମଳ ସନ୍ତାନଟିର ପ୍ରଥମ ହସିବା, ଗୁରୁଣ୍ଡିବା, କଥା କହିବା ଠାରୁ ଠିଆହେବା, ଚାଲିବା; ସବୁକିଛି ମା'ଟି, ପଲକେ ପଲକେ ନିରୀକ୍ଷଣ କରୁଛି। ମୁଁ ଦେଖିଥିବା ଏ ସହରର ପାର୍କଗୁଡ଼ିକରେ ଅଥବା ବଡ଼ ବଡ଼ ଅଫିସ ଓ ହୋଟେଲ ସାମ୍ନାରେ ଥିବା ଦେଶୀବିଦେଶୀ ଫୁଲଫଳର ଉଦ୍ୟାନ ସବୁ ମୋ ବୋଉର ବଗିଚା ତୁଳନାର ଫିକା ଫିକା ଲାଗନ୍ତି ମୋତେ।

ବୋଉ ପୁଣି ଆରମ୍ଭ କରେ। 'ଦେଖିଲୁ, ଏ ଲଙ୍କା ଗଛଟା ବିଦେଶୀ ଗଛ। ତିନିଟି ବଡ଼ ଲଙ୍କା ହେଇଥିଲା। ଆଉ କ'ଣ ଅଛି ? ଟୋକାଟା ପରା ଦୁଇଟା ଛିଣ୍ଡେଇଦେଲା।'

ମୁଁ ପଚାରିଲି 'କିଏ ସେ ?'

'କିଏ ଆଉ ? ସେଇ ମୋହନ। ମୋ ପଛେ ପଛେ ସବୁଦିନ ଆସେ। ପତ୍ର ଟେକି ଲଙ୍କାକୁ ଦେଖେ। କହେ, ଏଥିରୁ ଗୋଟିଏ ମୋ ନନାଙ୍କୁ ଦେବ। ସେ ଲଙ୍କା ଖାଇବାକୁ ବହୁତ ଭଲ ପାଆନ୍ତି। ମୁଁ ହଁ କହେ। ଥିଲା ଥିଲା ଗୋଟେଦିନ ଚୁପ୍‌କରି ଦୁଇଟି ଲଙ୍କା ଛିଣ୍ଡେଇ ହାତରେ ଧରିଛି। ଡରି ଡରି ମତେ କହିଲା, ମୁଁ ଛିଣ୍ଡେଇ ଦେଲି। କ'ଣ ଆଉ କହିବି ତାକୁ। ପିଲାଲୋକ।' ବୋଉ ଏକଥା କହି ହସିଦିଏ।

ମୁଁ ମଧ୍ୟ ହସେ। କିନ୍ତୁ ମନରେ। ଭାବେ, ଏତିକି ଯଦି ନନା କରିଥାନ୍ତେ, ଥିଲା ପ୍ରଳୟର ଆଶଙ୍କା। ନାତିଟୋକା କରିଛି, ତେଣୁ ସବୁ ମାଫ୍।

ଆମ ଘର ବଗିଚାର ଏଇ ଗଛଗୁଡ଼ିକୁ ନେଇ ନନାବୋଉଙ୍କର ବାଦପ୍ରତିବାଦ କୋଡ଼ିଏ ପଚିଶ ବର୍ଷ ତଳର ପୁରୁଣା। ଦିନେ ଦିନେ ବୋଉ ଫୋନ୍‌ରେ ଅଭିଯୋଗ କରେ, 'ଜାଣିଛୁ, ଲକ୍ଷ୍ମୀ ଯେଉଁ ଗୋଲାପ ଚାରା ଆଣି ଦେଇଥିଲା, ସେ କ'ଣ ଆଉ ଅଛି ? ମୁଁ ଆଜି ଖରାବେଳେ ଶୋଇଛି। ଉପରଘର କାମ ଚାଲିଛି ଯେ ସେ ମୂଲିଆମାନେ ଯେଉଁ ଆସୁଛନ୍ତି, ଗେଟ୍‌କୁ ଖୋଲା ରଖିଦେଇଛନ୍ତି, ଗାଈ ପଶି ଆଉ କିଛି ରଖିନି। କେତେ ସୁନ୍ଦର କଦଳୀ କାନ୍ଧିଟିଏ ପଡ଼ିଥିଲା, ତାକୁ ବି ଖାଇଦେଇଛି।'

ମୁଁ ଭାବେ ରକ୍ଷା ହେଇଛି, ଦୋଷ ଏଥର ମୂଲିଆଙ୍କର, ନନାଙ୍କର ନୁହେଁ। ବୋଉ କିନ୍ତୁ ତା' ପଛକୁ କହେ, 'ବୁଝିଲୁ ! ନନା କେବେ ଚାହାନ୍ତିନି, ମୋ ଗଛଗୁଡ଼ିକ ଭଲରେ ରହୁ। ହେଲା, ମୂଲିଆ ଗେଟ୍ ଖୋଲା ରଖିଲେ। ନନା ସେଠି ପୋର୍ଟିକୋରେ ବସି ଖବରକାଗଜ ପଢୁଛନ୍ତି, ଜମା କ'ଣ ଦେଖି ନ ଥିବେ। ସବୁ ଦେଖି ମଧ୍ୟ ଚୁପ୍‌ଚାପ୍ ବସିଥିବେ। ତାଙ୍କରି ଆଗରେ ଗାଈ ପଶି ମୋ ଗଛସବୁ ଖାଇଦେଲା।' ବୋଉ ଅଭିଯୋଗର ଫର୍ଦ୍ଦ ଯେତିକି ଲମ୍ବା ଥାଏ, ଘରେ ଓ ବାହାରେ ରହୁଥିବା ନିଜ ପିଲାମାନଙ୍କୁ ହାତଲଗା ଗଛର ଫଳ ଖୁଆଇବାରେ ତା'ର ଆନ୍ତରିକତା ଓ ଧୈର୍ଯ୍ୟ କିନ୍ତୁ ସେତିକି ଗଭୀର ଥାଏ। ଦିନେ ଦିନେ ଡବାଭର୍ତ୍ତି ପିଠା, ଖିରି ଓ ତରକାରୀ ସହିତ ଆସେ ଆଠଦଶଟି ସପେଟା କି ଚାରିପାଞ୍ଚଟି ପିଜୁଳି। ଫୋନ୍‌ରେ କହେ, 'ଗାୟତ୍ରୀ, ବିନୋଦକୁ ଦେବୁ। ସେ ଭାରି ଭଲପାଏ। ଗୋପୀକୁ ଯେମିତି ହଉ ଦେବୁ। ସପେଟା ବହୁତ ମିଠା। କେତେ କଷ୍ଟ କରି ଗଛରେ ପାଣି ଦେଇଥିଲି। ଯା' ହେଉ ଫଳିଲାରୁ ସିନା ତୁମମାନଙ୍କୁ ଦେଇପାରିଲି।'

ବେଳେବେଳେ ଖାଦ୍ୟ ସହିତ ଆସିଥାଏ ଗୋଟେ ଛୋଟ ଜରିରେ ଚାରିପାଞ୍ଚଟା ଲଙ୍କା। ଆସେ ମଧ୍ୟ ସଶ୍ରଦ୍ଧ ଆଦେଶ, ଫୋନ୍‌ରେ। 'ଏ ଲଙ୍କା ଏମିତି ସେମିତି ଲଙ୍କା ନୁହେଁ। ପଖାଳ ସହିତ ଖାଇବୁ। ଦେଖିବୁ, କେମିତି ବାସ୍ନା ତା'ର। ଆଳୁସିଝାରେ ସୋରିଷ ତେଲ ପକେଇ ସେ ଲଙ୍କାରୁ ଟିକେ ଚକଟିଦେବୁ। ଖାଇବାକୁ ଭାରି ଭଲ ଲାଗିବ।' ସବୁ ସପ୍ତାହରେ ମାର୍କେଟରୁ ଆସୁଥିବା କେଜି କେଜି ସେଓ, ଅଙ୍ଗୁର ବା ପନିପରିବା ବୋଉ ପଠେଇବା ସ୍ନେହମିଶ୍ରିତ ସପେଟା, ପିଜୁଳି, କଞ୍ଚାଲଙ୍କା ସାମ୍ନାରେ ତୁଚ୍ଛ ବୋଧହୁଏ। ଝିଅଜ୍ୱାଇଁ, ପୁଅବୋହୂ, ନାତିନାତୁଣୀଙ୍କ ଜଞ୍ଜାଳ ଭିତରେ ବୋଉ ବଞ୍ଚାଇ ରଖିଥାଏ ତା' ବଗିଚାଟିକୁ। ସେଇ ବଗିଚା ପାଇଁ ଦୂରଦୂରାନ୍ତର ମାଉସୀ ପିଉସୀଙ୍କଠାରୁ ସେ ମାଗିଆଣେ ଜହ୍ନିମଞ୍ଜି, କଲରାମଞ୍ଜି। କେତେବେଳେ ବଉଳଗଛ, କନିଅର ଗଛର ଚାରା ନାଇଁ ତ ସଜନା ଗଛର ଡାଳ। ପାଣି ଢାଳି ଢାଳି ସେ ଗଛକୁ ବଞ୍ଚାଏ, ବଢ଼ାଏ। କେହି ଦିନେ ତା' ଗଛରେ ମଗ୍‌ଟିଏ ପାଣିଦେବା ମୁଁ ଦେଖିନି। ଗଛମୂଳ ଖୁସେଇଦେଇ ଖତସାର ଦେବା ଶୁଣିନି। ସେଥିରେ ବୋଉର ଆଗ୍ରହ। ତେଣୁ ପାଣିଦେବା, ଖତସାର ଦେବା କି ଭାଡ଼ି ତିଆରି କରି ରଞ୍ଜା ମଡ଼େଇବା କାମ ତା'ର। ଗଛଗୁଡ଼ିକୁ ବଞ୍ଚେଇରଖିବା ପାଇଁ ସେ ପାରୁପର୍ଯ୍ୟନ୍ତ ଚେଷ୍ଟା କରେ, ଏକା ଏକା। ଅଥଚ, କେଉଁଦିନ ବାଡ଼ିର ପାଚିଲା ପିଜୁଳିଟିଏ ସେ ଖାଇବା କେହି ଦେଖିନାହାନ୍ତି। ଗଛରେ ଯେତେବେଳେ ଫୁଲ ଫୁଟେ କି ଫଳ ଧରେ, ତାକୁ ସେ ତୋଳିଆଣି ଧରେଇଦିଏ ସ୍ୱାମୀ, ପୁଅଝିଅ କି ନାତିନାତୁଣୀଙ୍କ ହାତରେ। ନୂଆଗଛରେ ଆମ୍ବ, ସପେଟା କି ପିଜୁଳି କଷି ଧରୁ ଧରୁ ସେ ମନେମନେ ବାଣ୍ଟୁଥାଏ ପିଲାମାନଙ୍କ ଭିତରେ। କିଏ କ'ଣ ଭଲପାଏ ତାକୁ ସେ ଜିନିଷଟା ଦେବା ପାଇଁ ତା'ର ଯେଉଁ ଉତ୍କଣ୍ଠା, ତତ୍ପରତା ସେ ଶ୍ରଦ୍ଧା ମତେ ଦୁର୍ମୂଲ୍ୟ ମନେହୁଏ।

ବହୁତ ଦିନ ପରେ ଦିନେ ମୁଁ ନନାବୋଉଙ୍କୁ ଦେଖିବାକୁ ଯାଇଥାଏ। ଦୁମ୍‌ଦୁମ୍ ଖରାବେଳ। ଆଗ ଘରେ ନନା ବସି ଖବରକାଗଜ ପଢୁଥାନ୍ତି। ମୁଁ କହିଲି, 'ନନା, ଆମ ଘରେ ବହୁତ ଗରମ। ଏଠି ତ କିନ୍ତୁ ଭଲ ଥଣ୍ଡା ବଡ଼ ଆଶ୍ଚର୍ଯ୍ୟ କଥା।' ନନା କହିଲେ, 'ତୋ ବୋଉକୁ ଏଥିପାଇଁ ଧନ୍ୟବାଦ ଦେବାକୁ ପଡ଼ିବ।' ମୁଁ ବୁଝିପାରିଲିନି। କଥା ସ୍ପଷ୍ଟ କରିବା ଉଦ୍ଦେଶ୍ୟରେ ସେ ପୁଣି କହିଲେ, 'ଏତେ ସୁବିଧା ଅସୁବିଧା ଭିତରେ ବୋଉ ଯେଉଁ ଗଛ ଲଗେଇ ଚାଲିଛି ଏ ଘର ଚାରିକଡ଼େ, ପାଣି ଦେଇଚାଲିଛି ସକାଳେ ସନ୍ଧ୍ୟାରେ, ଏ ଥଣ୍ଡା କେବଳ ସେଇଥିପାଇଁ। ଗଛ ମରିଯାଉଛି। ଗାଈ ଖାଇ ଦେଉଛି। ଝଡ଼ବତାସରେ ଭାଙ୍ଗିପଡୁଛି। ସେ କିନ୍ତୁ ଛାଡୁନି। ଚାରିଟି ଗଛ ଚାଲିଗଲେ ସେ ଦଶଟି ଗଛ ଲଗେଇଦେଉଛି। ତାକୁ ବଞ୍ଚେଇବା ପାଇଁ, ବଢ଼େଇବା ପାଇଁ ଅହରହ ଚେଷ୍ଟା କରୁଛି। ଏବେ ଭାବୁଛି, ଏଇସବୁ ଗଛ ପାଇଁ ସିନା ଆମେ ଥଣ୍ଡାରେ ରହିପାରୁଛୁ।' ମୁଁ ଘର ଭିତରକୁ ଚାହିଁଲି। ବୋଉ କାହିଁ ? ନନାଙ୍କର ଏ ଅପ୍ରତ୍ୟାଶିତ ସ୍ୱୀକାରୋକ୍ତି ସେ ଟିକେ ଶୁଣନ୍ତାକି ! ଯାହାଙ୍କ ସହ ଏଇ ଗଛ ନେଇ ତା'ର ଏତେ ବିବାଦ, ସେଇ ନନା ଏ କ'ଣ କହୁଛନ୍ତି ? ଘର ଭିତରେ ବୋଉକୁ ଖୋଜି ଖୋଜି ମୁଁ ବାହାରକୁ ଆସିଲି। ବଗିଚା ପଟକୁ ଚାହେଁ ତ ଦେଖିଲି, ସଜନା ଗଛପାଖରେ ଠିଆହୋଇଛି ସେ। ଭାଙ୍ଗପଡ଼ିଥିବା ଛୋଟ ସଜନାଡାଳଟିଏ ହାତରେ ଧରି ଏପଟ ସେପଟ କରୁଛି। ବୋଧହୁଏ ଭାବୁଛି,ଡାଳଟି ଫୋପାଡ଼ି ଦେବ ନା ମାଟିରେ ପୋତି ପୁନର୍ବାର ନୂଆଗଛଟିଏ ସୃଷ୍ଟି କରିବାର ପ୍ରୟାସ ଜାରିରଖିବ ?

*ବଡ଼ଗଡ଼, ଭୁବନେଶ୍ୱର*



## ଅବିଶ୍ୱାସ

**ଲିଜାତା ଦାସ**

**ବ**ୟସର ରଙ୍ଗ ତୁମ ଫିକା ପଡ଼ିଗଲେ
ମନତଳ ସବୁ ଗର୍ବ ଭାଙ୍ଗିଯିବା ପରେ
ସୁଖସୂର୍ଯ୍ୟ ଅସ୍ତମିତ ହୋଇଯିବା ପରେ
ଦୁନିଆଁର ସବୁ ଡୋରି କଟିଗଲା ପରେ
ନିଃଶ୍ୱାସରୁ ବିଶ୍ୱାସ ବି ତୁଟିଯିବା ପରେ
ଆସିବ ମୋ ପାଶେ, ପରଖିବ ଥରେ
ତଥାପି ରହିଥିବି ତୁମରି ପ୍ରେମରେ
ଦେଖିବ ସେଦିନ
ଅବିଶ୍ୱାସୀ ମୁଁ ନୁହେଁ,
ଅବିଶ୍ୱାସ ଅଛି ତୁମ ମନର ଭିତରେ ॥

*ରାଜସୁନାଖଳା,*
*ନୟାଗଡ଼*

## ଉଦଣ୍ଡ ଆସ୍ପର୍ଦ୍ଧା

**ଲିପ୍‌ସା ପଟେଲ**



**ନି**ଜ ନିଜ ଅସହାୟତାରେ
ଜଳି ଜଳି ମରିବାକୁ ହୁଏ,
ଭାଙ୍ଗିବା, ଗଢ଼ିବା... ଭିତରେ
ଯୋଡ଼ି ଯୋଡ଼ି ଜୀବନଟିଏ
ଜିଇଁବାକୁ ହୁଏ।
ପ୍ରଲମ୍ବିତ ଅନ୍ଧାର ଭିତରେ
ଅଙ୍ଗାରଟିଏ ହୋଇ
ଦପ୍‌ଦପ୍ ଜଳିଛି ସତେ,
କିନ୍ତୁ ବିନାଶ ପାଇଁ ନୁହେଁ
କାହା ଉଦଣ୍ଡ ମନର
ଯାନ୍ତବ କ୍ଷୁଧାକୁ ପରାସ୍ତ ପାଇଁ...
ନିଜ ଏକଲାପଣକୁ
ନିଲାମ ଡାକିପାରିଲିନି ବଜାରରେ
ସେଥିପାଇଁ ଏ ନିଶୂନ୍ ଜାଗାରେ
ସଶସ୍ତ୍ର ଦେହ ମୋର
ପାଲଟିଲା ଚିତାଭସ୍ମ,
ସୁବାସିତ ଫୁଲ ହୋଇ ବି
ପାରିଲିନି ଭିଆଇ
ସଂକ୍ରମଣର କୁହୁକମନ୍ତ୍ର।
ବରଫ ଗୁମ୍ଫାରେ ଧପ୍ ଧପ୍ ଧମନୀ
ରାତିସାରା ଅଣ୍ଡାଳିବସେ
ଗଣ୍ଠିପାରି ରଖିବାକୁ
କିଛି ବୟସ୍କ ଲୋଭ,
କିନ୍ତୁ ଅଝଟ, ଅବୁଝା ବାଳୁତ ପରି
ସବୁତକ ପାକଳ ଈର୍ଷାରେ
ମିଳେଇଯାଏ ମୋ ସ୍ପର୍ଦ୍ଧା।

*ଭବାନୀପାଟଣା, କଳାହାଣ୍ଡି*
*ଦୂରଭାଷ : ୯୪୩୯୪୦୦୩୪୮*

## ତୁମେ ଗଲାଦିନୁ

**ନୃସିଂହଚରଣ ବେହେରା**

**ତୁ**ମେ ଗଲା ଦିନୁ ନୟନରୁ ମୋର
ଝରେ ଟୋପା ଟୋପା ଲୁହ।
ଏ ଅବୁଝା ମନ ବୁଝୁନାହିଁ ଜମା
ଅଟକି ଯାଉନି କୋହ।
ଶାଶୁ ଶ୍ୱଶୁରଙ୍କ ସେନେହ ଆଦର
ଦିଅର ନଣନ୍ଦ ଅଳି
ପତି ଦେବତାଙ୍କ ସେବାରେ ତୁମର
ସଂସାର ଯାଉଛି ଚଳି।
ମୋ ଜୀବନେ ସିନା ଅମା ଅନ୍ଧକାର
ଘୋଟିଛି ଅନେକ ଦିନୁ
ତୁମେ କି ବୁଝିବ ଅନ୍ତର ବେଦନା
ପାସୋରି ପାରୁନି ମନୁ।
ତୁମରି ଗଭାରେ ଭରି ଦେଇଥିଲି
ପ୍ରେମର କୁସୁମଟିଏ
ସେ କୁସୁମ ସିନା ଝଡ଼ି ପଡ଼ିଗଲା
ଝାଡ଼ିଦେଇ ଦାଗଟିଏ।
ଏକା ଏକା ମୁହିଁ ଏ ସାରା ଜୀବନ
କେମିତି କାଟିବି କୁହ
ବଡ଼ ଦୁର୍ବିସହ ପ୍ରତିଟି ମୁହୂର୍ତ୍ତ
ବଞ୍ଚିବାକୁ ନାହିଁ ମୋହ।
କରୁଥିବି ତୁମ ସୁଖର କାମନା
ଯେଉଁଠି ବି ତୁମେ ରୁହ
ତୁମେ ଗଲାଦିନୁ ନୟନରୁ ମୋର
ଝରେ ଟୋପା ଟୋପା ଲୁହ।

*୨୧୭/(ପି), ଭୋଇନଗର*
*ଭୁବନେଶ୍ୱର-୭୫୧୦୨୨*
*ଦୂରଭାଷ : ୯୦୯୦୪୫୯୭୪୫*

## କଳ୍ପନାର ପ୍ରତିଛବି ...

**ପ୍ରଦୀପ ବନ୍ଧ**



**ଅ**ତୀତର ଗତି ପଥକୁ ରୁଦ୍ଧକରି
ତୁମେ ଆସିଥିଲ ଏ ମରୁଭୂମି ହୃଦୟକୁ
ସୁନ୍ଦର ଗାଲିଚା ପରି
ସ୍ୱପ୍ନ ଆଦେଶରେ ଆସିଥିଲ ବୋଲି
ଜାଣିପାରିଲିନି ମୁଁ ...।।
କ୍ଲାନ୍ତ ଲାଗେ ତୁମ ବିନା
ଏ ତୁଚ୍ଛ ହୃଦୟଟା କାହିଁକି. ?
କ'ଣ ପାଇଁ ମୁଁ ଜାଣେନା ...।।
ଏ ଫେନିଳ ଆକାଶର ଉଦୁଉଦିଆ ଜହ୍ନ
ପରି, ଦିଗ୍‌ବଳୟର କଳା ମେଘର ଛାଇ
ହୋଇ, ଏ ଗରମ ଦେହର ତୁମ ନରମ
ସ୍ପର୍ଶରେ, ଲାଗୁଥିଲା ଶୀତ ସକାଳର
ଘନଘୋଟ କୁହୁଡ଼ି ପରି...
ତୁମେ କ'ଣ ସତରେ ସେହି ...।।
ମନର ମହକ କଳ୍ପନାର ଛବି
ମନ୍ଦ୍ରଗହନର ବନେ
ପ୍ରକୃତରେ ମାପେ ଆଖିର ଚେହେରା
କାହିଁକି ଆସୁଛି ମୋ ମନ ଉପବନେ...।।
ମନ ଆବେଗର ଗୁପ୍ତ କଥା ନେଇ
ସତରେ କ'ଣ ? ତୁମେ ଆସିଥିଲ ଦିନେ
ହୃତ୍‌ପିଣ୍ଡ ବି ଥମିଯାଇ ଥିଲା
ତୁମ କଥା ଶୁଣି
ସ୍ୱପ୍ନରେ ଆସିଥିଲ ଚୁପି ଚୁପି କହୁଥିଲ
ମୋ କାନେ ...।।
ଏ ଶିତୁଆ ଦେହଟା ବରଫରେ ମିଶିଯାଏ
ଆଜି ତୁମେ ବି ପଡୁଛ ମନେ
ସତରେ କ'ଣ ? ତୁମେ ଆସିବ ଆଜି
ମୋ କଳ୍ପନାର ସାଜି ପ୍ରତିଛବି...।।

*ରାଜଘର ପୋଖରୀ,*
*ବାସୁଦେବପୁର, ଭଦ୍ରକ*






# ଉଦ୍ୟୋଗ ସୃଷ୍ଟି ପାଇଁ ଇଡିଆଇଆଇର ଉଦ୍ୟମ

**ଭୁବନେଶ୍ୱର :** ନୂଆ ଉଦ୍ୟୋଗ ସୃଷ୍ଟି କରି ଲୋକଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ଆଣିବାକୁ ଉଦ୍ୟମ କରୁଛି ଇଡିଆଇଆଇ (ଏଣ୍ଟରପ୍ରେନ୍ୟୁଅରସିପ୍ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ)। ଉଦ୍ୟୋଗୀ ସୃଷ୍ଟି ପାଇଁ ଅନେକ କୋର୍ସ ପ୍ରଚଳନ କରୁଛି। ଇଡିଆଇଆଇ ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ୩୦୦ ଛାତ୍ରଛାତ୍ରୀଙ୍କୁ ସଫଳ ଉଦ୍ୟୋଗୀ କରିପାରିଛି। ରାଜ୍ୟର ଉଦ୍ୟୋଗୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ ପାଇଁ ଲକ୍ଷ୍ୟ ରହିଛି ବୋଲି ଇଡିଆଇଆଇ ଭୁବନେଶ୍ୱର ଆଞ୍ଚଳିକ ମୁଖ୍ୟ ପ୍ରଫେସର ସିଆର୍ ପଟ୍ଟନାୟକ କହିଛନ୍ତି। ସ୍ଥାନୀୟ ଏକ ହୋଟେଲ୍‌ରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିବା ଅବସରରେ ଶ୍ରୀ ପଟ୍ଟନାୟକ ଏହା କହିଛନ୍ତି। ସେହିପରି ଇଡିଆଇଆଇରେ ପ୍ରଶିକ୍ଷଣ ପରେ ସଫଳ ହୋଇଥିବା ରାଜ୍ୟର କିଛି ଉଦ୍ୟୋଗୀଙ୍କ ବିଷୟରେ ସେ ସୂଚନା ପ୍ରଦାନ କରିଛନ୍ତି। ଇଡିଆଇଆଇ, ଅହମ୍ମଦାବାଦରେ ପଢ଼ିବା ପରେ ଓଡ଼ିଶାରୁ ମଧ୍ୟ ଅନେକ ସଫଳ ଉଦ୍ୟୋଗୀ ହୋଇଛନ୍ତି। ଇଡିଆଇଆଇ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଇନ୍ ବିଜନେସ୍ ଏଣ୍ଟରପ୍ରେନରସିପ୍ ମ୍ୟାନେଜମେଣ୍ଟ ଓ ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ଇନ୍ ଡେଭଲପମେଣ୍ଟ ଷ୍ଟଡିଜ୍ କୋର୍ସ ପ୍ରଦାନ କରୁଛି। ଇଡିଆଇଆଇରେ ପାଠ ପଢୁଥିବା ଛାତ୍ରଛାତ୍ରୀ ନୂଆ ବ୍ୟବସାୟ ପ୍ରତିଷ୍ଠା ପାଇଁ ଆବଶ୍ୟକ ଜ୍ଞାନ ଓ କମ୍ପାନୀ ଆରମ୍ଭଠାରୁ ନେଇ ମାର୍କେଟିଂ, ଫାଇନାନ୍ସ ଓ ଉତ୍ପାଦର ବିକାଶ ଯାଏ ସବୁ ସହଯୋଗ ଦିଆଯାଉଛି। ଓଡ଼ିଶାରୁ ପ୍ରଶାନ୍ତ ବିଶ୍ୱାଳ ଓ ଦିବ୍ୟଜ୍ୟୋତି ପଟ୍ଟନାୟକ ଡିଗ୍ରୀ ହାସଲ ପରେ ନିଜ ଉଦ୍ୟୋଗ ପ୍ରତିଷ୍ଠା କରି ସଫଳ ହୋଇଛନ୍ତି ବୋଲି ଇଡିଆଇଆଇର ସହକାରୀ ବରିଷ୍ଠ ଅଧ୍ୟାପକ ସତ୍ୟ ଆଚାର୍ଯ୍ୟ କହିଛନ୍ତି। ସଫଳ ବୋନସ ପଏଣ୍ଟ ହାସଲକାରୀଙ୍କୁ ଇଡିଆଇଆଇ ନୂତନ ବ୍ୟବସାୟ ପ୍ରତିଷ୍ଠା ପାଇଁ ସିଡ୍ ପାଣ୍ଠି ପ୍ରଦାନ କରାଯାଉଛି ବୋଲି ସେ କହିଛନ୍ତି।

# ନିଜସ୍ୱ ଖର୍ଚ୍ଚରେ ତାଲିମ ନେବେ ଅଣତାଲିମପ୍ରାପ୍ତ ଶିକ୍ଷକ

**ଭୁବନେଶ୍ୱର :** ରାଜ୍ୟରେ କାର୍ଯ୍ୟ କରୁଥିବା ଅଣତାଲିମପ୍ରାପ୍ତ ଶିକ୍ଷକଙ୍କୁ ସରକାରୀ ତାଲିମ ଦେବେ। ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକଙ୍କୁ ଏହି ତାଲିମ ଦିଆଯିବ। ଓଡ଼ିଶା ଶିକ୍ଷା ଅଧିକାର ଅନୁସାରେ ସବୁ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ତଥା ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ସରକାର ଏହାକୁ ଆରମ୍ଭ କରିବାକୁ ଯାଉଛନ୍ତି। ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ରାଜ୍ୟର ସବୁ ଅଣତାଲିମପ୍ରାପ୍ତ ବର୍ଗର ଶିକ୍ଷକ ଏହି ତାଲିମ ନେଇପାରିବେ। ତେବେ ସରକାର ଏହି ତାଲିମ ଦେବାକୁ କିଛି ଯୋଗ୍ୟତା ଧାର୍ଯ୍ୟ କରିଛନ୍ତି। ଅଣସଂରକ୍ଷିତ ବର୍ଗ ପାଇଁ ୫୦ ପ୍ରତିଶତ ନମ୍ବର ଓ ସଂରକ୍ଷିତ ବର୍ଗର ଥିଲେ ତାଲିମ ପାଇଁ ଯୋଗ୍ୟ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ପ୍ରାଥମିକ ଶିକ୍ଷକଙ୍କୁ ସିଟି ଓ ହାଇସ୍କୁଲ ଶିକ୍ଷକଙ୍କୁ ବିଇଡି ବା ବିଏଚ୍‌ଇଡି ତାଲିମ ଦିଆଯିବ। ୫ ବର୍ଷ ଯାଏ ଏହି ତାଲିମ ପ୍ରଦାନ କରାଯିବ। ଆବଶ୍ୟକ ହେଲେ ଏହି ତାଲିମ ଅବଧିକୁ ବଢ଼ାଇଯାଇପାରିବ। ଅଣତାଲିମପ୍ରାପ୍ତ ଶିକ୍ଷକ ନିଜସ୍ୱ ଖର୍ଚ୍ଚରେ ତାଲିମ ନେବେ। ତାଲିମ ସମୟରେ କୌଣସି ପାରିଶ୍ରମିକ ମଧ୍ୟ ଦିଆଯିବନାହିଁ। ତାଲିମ ପରେ ଅତି କମ୍‌ରେ ୧୦ ବର୍ଷ ଯାଏ ଚାକିରି ଛାଡିହେବନି ବୋଲି ସରକାର ସର୍ତ୍ତ ରଖିଛନ୍ତି। ଅଣତାଲିମପ୍ରାପ୍ତ ଶିକ୍ଷକଙ୍କୁ ତାଲିମ ଦେବାକୁ ନିର୍ଦ୍ଦେଶନାମା ପ୍ରକାଶ ପରେ ରାଜ୍ୟ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। ସଂଘ ଦୀର୍ଘ ଦିନ ହେବ ଏହାକୁ ଦାବି କରି ଆସୁଥିଲେ। ଗତ ମାସରେ ସଂଘ ପକ୍ଷରୁ ହୋଇଥିବା ଆନ୍ଦୋଳନ ସମୟରେ ଗଣଶିକ୍ଷା ମନ୍ତ୍ରୀଙ୍କ ପାଖରେ ଦାବି ଉପସ୍ଥାପନ କରାଯାଇଥିଲା। ଶୀଘ୍ର ଏହାକୁ ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

**ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଡିଜିଙ୍କ ନିର୍ଦ୍ଦେଶ**

# ଲୋକଙ୍କ ସମସ୍ୟା ଶୁଣ

**କଟକ :** ଥାନାଗୁଡିକରେ ଅଭ୍ୟର୍ଥନା ପ୍ରକୋଷ୍ଠ ଖୋଲାଯାଇଛି। ହେଲେ ଏହି ପ୍ରକୋଷ୍ଠ ଅଧିକାଂଶ ସମୟରେ ଖାଲିପଡୁଛି। କୌଣସି କର୍ମଚାରୀ ରହୁନାହାନ୍ତି। ବିଭିନ୍ନ ସମସ୍ୟା ନେଇ ଯାଉଥିବା ସାଧାରଣ ଲୋକେ ଅଭ୍ୟର୍ଥନା ପ୍ରକୋଷ୍ଠର ସୁଫଳ ପାଇପାରୁନାହାନ୍ତି। ଥାନାମାନଙ୍କରେ ଥିବା ଅଭ୍ୟର୍ଥନା ପ୍ରକୋଷ୍ଠଗୁଡିକୁ ତୁରନ୍ତ ସଜାଡ଼ିବାକୁ ପୁଲିସ ମହାନିର୍ଦ୍ଦେଶକ କେ.ବି. ସିଂହ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିନେଇ ଡିଜି ଶ୍ରୀ ସିଂହ ଏକ ନିର୍ଦ୍ଦେଶନାମା ସମସ୍ତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ପଠାଇଛନ୍ତି। ରାଜ୍ୟର ସମସ୍ତ ଥାନାରେ ଅଭ୍ୟର୍ଥନା କକ୍ଷ ବ୍ୟବସ୍ଥା ସହିତ ଏହାର ସଫଳ କାର୍ଯ୍ୟକାରିତା ଉପରେ ଡିଜି ଶ୍ରୀ ସିଂହ ଆଜି ସମସ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସହିତ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଥିଲେ। ଯେଉଁ ଥାନାମାନଙ୍କରେ ଅଭ୍ୟର୍ଥନା କକ୍ଷ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ, ସେଠାରେ ଉପଲବ୍ଧ ଭିତ୍ତିଭୂମିକୁ ଏ ଦିଗରେ ବ୍ୟବହାର କରାଯିବ। ଆରକ୍ଷୀ ଅଧୀକ୍ଷକମାନେ ନିଜ ନିଜ ଜିଲାର ବିଭିନ୍ନ ଥାନାରେ ଥିବା ଅଭ୍ୟର୍ଥନା କକ୍ଷଗୁଡିକର କାର୍ଯ୍ୟ ସମୀକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି। ଅଭ୍ୟର୍ଥନା କକ୍ଷରେ ଏକ ରେଜିଷ୍ଟର ରଖାଯିବା ସହିତ କେଉଁ ବ୍ୟକ୍ତି କେତେବେଳେ କେଉଁ କାର୍ଯ୍ୟ ପାଇଁ ଥାନାକୁ ଆସୁଛନ୍ତି, ସେ ସଂକ୍ରାନ୍ତରେ ସବିଶେଷ ତଥ୍ୟ ରଖିବାକୁ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ରେଜିଷ୍ଟରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଦସ୍ତଖତ ରଖାଯିବା ସହିତ ସେମାନଙ୍କ ଫୋନନମ୍ବର ଲେଖିବା ସକାଶେ ପରାମର୍ଶ ଦିଆଯାଇଛି। ଆରକ୍ଷୀ ଅଧୀକ୍ଷକମାନେ କେଉଁ ମାସରେ କେତେଜଣ ବ୍ୟକ୍ତି ଅଭ୍ୟର୍ଥନା କକ୍ଷକୁ ଆସିଛନ୍ତି, ସେମାନେ କେଉଁ କାର୍ଯ୍ୟ ପାଇଁ ଆସିଥିଲେ ଓ ସେମାନଙ୍କ ଅଭିଯୋଗ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ବାବଦରେ ବିସ୍ତୃତ ରିପୋର୍ଟ ଦେବାକୁ ଡିଜି ଶ୍ରୀ ସିଂହ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ଚର୍ଚ୍ଚାରେ ରହିବାକୁ ଚାହାନ୍ତି ଦାମ !

**ଭୁବନେଶ୍ୱର :** ଗତ ଗୁରୁବାର ରାଜ୍ୟ ବିଜେଡି କାର୍ଯ୍ୟାଳୟରେ ଚାଲିଥିବା ପଞ୍ଚାୟତ ସମୀକ୍ଷା ବୈଠକ ମଝିରୁ କିଛି ସମୟ ପରେ ଉଠିଆସିଥିଲେ ମନ୍ତ୍ରୀ ଡା.ଦାମୋଦର ରଉତ। ବାହାରେ ସେ ଜଗତସିଂହପୁର ଜିଲ୍ଲାର କିଛି ବିଜେଡି କର୍ମୀଙ୍କ ସହିତ ଆଲୋଚନାରେ ଏମିତି ମଜିଗଲେ ଯେ ଭୁଲିଗଲେ ସମୀକ୍ଷା ବୈଠକ କଥା। ଦାମବାବୁ ବୈଠକରୁ କାହିଁକି ଉଠିଗଲେ ଏହାକୁ ନେଇ ବାହାରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏ ବାବଦରେ ଗଣମାଧ୍ୟମ ପ୍ରତିନିଧିମାନେ ଦାମବାବୁଙ୍କୁ ଘେରି ଯାଇଥିଲେ। ହୁଏତ ଦାମବାବୁ ଅଭିମାନରେ ଉଠି ଯାଇଥିବା ଅନୁମାନ କରି ସାମ୍ବାଦିକମାନେ ପ୍ରଶ୍ନ ପଚାରିବାରୁ ମନ୍ତ୍ରୀ ବିଗିଡି ଯାଇଥିଲେ, 'ମୁଁ ମହିଳା ନୁହେଁ, ମୁଁ ଜଣେ ପୁରୁଷ, ଅଭିମାନ କରିବି କାହା ଉପରେ ? ଆମ ପ୍ରତିନିଧିମାନେ ଆସି କେଉଁଠି ଅଛନ୍ତି ଜାଣିବା ପାଇଁ ବାହାରକୁ ଆସିଥିଲି। ମୁଖ୍ୟମନ୍ତ୍ରୀ ପଞ୍ଚାୟତ ପ୍ରତିନିଧିଙ୍କ ସମୀକ୍ଷା ବୈଠକ ଡାକିଥିବାରୁ ସେମାନେ



ବକ୍ତବ୍ୟ ରଖୁଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ସେମାନଙ୍କ ସହିତ ଆଲୋଚନା କରୁଛନ୍ତି। ମନ୍ତ୍ରୀ, ବିଧାୟକ, ସାଂସଦଙ୍କର ସେଠି କହିବାର ସୁଯୋଗ ନାହିଁ। ତେଣୁ ତାଙ୍କର ବି ସେଠି କିଛି କହିବାର ସୁଯୋଗ ନଥିଲା। ଏହି ବୈଠକରେ ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା ଯେ ବିଭିନ୍ନ ସମୟରେ ପରସ୍ପର ବିରୋଧରେ ରାଜନୈତିକ ବିବୃତ୍ତି ରଖୁଥିବା ଦାମ ଓ ବିଷ୍ଣୁ ନବୀନଙ୍କ ସମୀକ୍ଷା କାଳରେ ଖୁବ୍ ପାଖାପାଖି ବସିଥିଲେ। ରାଜଶ୍ରୀଙ୍କ ପାଖରେ ଦାମ ଓ ତାଙ୍କ ପାଖକୁ ଲାଗି ବିଷ୍ଣୁ ଦାସ ବସିଥିବା ଦୃଶ୍ୟ ସମସ୍ତଙ୍କୁ ଚକିତ କରିଥିଲା। ସୂଚନାଯୋଗ୍ୟ ରାଜ୍ୟରେ ଚାଷୀ ଆତ୍ମହତ୍ୟା ପ୍ରସଙ୍ଗରେ ମଧ୍ୟ ଦାମବାବୁ କହିଥିଲେ ଯେ ଋଣ ନେଇ ଚାଷୀ ମଦ ପିଉଛି, ଝିଅ ବାହାଘର କରୁଛି। ତେଣୁ ଉତ୍ତରପ୍ରଦେଶ ପରି ଏଠାରେ କୃଷିଋଣ କାହିଁକି ଛାଡ କରାଯିବ। ଯାହାକୁ ନେଇ ବିରୋଧୀ ଦଳମାନେ ଦାମବାବୁଙ୍କୁ ସମାଲୋଚନା କରିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏହି କଥାକୁ ନାପସନ୍ଦ କରିଥିଲେ। ତେଣୁ ସବୁବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କଥାରେ ଦାମବାବୁ ହାଲକା ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହିବାକୁ ପସନ୍ଦ କରୁଛନ୍ତି କି ବୋଲି ଆଲୋଚନା ହେଉଛି।

# ମିଳିତ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଓ ଏସ୍‌ପି

**କେନ୍ଦୁଝର :** ଅପ୍ରେଲ ୦୩ ତାରିଖ ଦିନ କେନ୍ଦୁଝର ଜିଲ୍ଲାପାଳ ଡ଼ଃ ଏନ୍. ତିରୁମାଲା ନାୟକ ଏବଂ ଏସ୍.ପି. ରାଜେଶ ପଣ୍ଡିତ୍ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୋଟ୍ ୨୮୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା ଏବଂ ଏଥିମଧ୍ୟରୁ ଅଭିଯୋଗ ପ୍ରକୋଷ୍ଠରେ ୧୮୬ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୭୩ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟା ମୂଳକ ହୋଇଥିବାବେଳେ ୨୧୫ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ



ପର୍ଯ୍ୟବେସିତ ଥିଲା । ଏହି ଅଭିଯୋଗ ଶୁଣାଣିବେଳେ ଜଣେ ରୋଗୀଙ୍କୁ ଚିକିତ୍ସା ନିମନ୍ତେ ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସଂଗ୍ରାମ କେଶରୀ ସ୍ୱାଇଁ, ପିଏ ଆଇଟିଡିଏ ଅରୁଣ କୁମାର ମହାପାତ୍ର, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ (ଜାତୀୟ ରାଜପଥ) ସନ୍ତୋଷ କୁମାର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କବିନ୍ଦ୍ର ପ୍ରସାଦ ସାହୁ, ଏ.ପି.ଡି.(ପ୍ରଶାସନ) ଡିଆରଡିଏ ପରେଶ ଚନ୍ଦ୍ର ମାର୍ଣ୍ଡି, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଉମେଶ ଚନ୍ଦ୍ର ମିଶ୍ର, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଦୟାନିଧି ସାହୁ, କେନ୍ଦୁଝର ବିଡିଓ ପ୍ରଦୀପ ଡାଙ୍ଗ, ଆସିଷ୍ଟାଣ୍ଟ କଲେକ୍ଟର ସୁରିକା ବେହେରାଙ୍କ ସମେତ ଜିଲ୍ଲାସ୍ତରୀୟ ଏବଂ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ନୂଆ ଶାସନର ସମ୍ଭାବନା ଦେଉଛି ବିଜେପି

**ପାଟକୁରା :** ଓଡ଼ିଶାରେ ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବା ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତରେ ଏକ ମିଶ୍ରଣପର୍ବ ଆୟୋଜିତ ହୋଇଯାଇଛି। ପାଟକୁରାର ବିଜେପି ବିଧାୟକ ପ୍ରାର୍ଥୀ ଇଂ.ମାନସ ରଞ୍ଜନ ମହାନ୍ତିଙ୍କ ବଳିଷ୍ଠ ନେତୃତ୍ୱ ଓ ଆଦର୍ଶ ଚରିତ୍ରକୁ ଅନୁସରଣ କରି ଅପ୍ରେଲ ୨ ତାରିଖରେ ଏହି ପଞ୍ଚାୟତର ୨୦୦ରୁ ଉର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ଯୋଗଦାନ କରିଛନ୍ତି। ଇଂ. ମହାନ୍ତିଙ୍କ ଉପସ୍ଥିତିରେ ଏହି ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମପଞ୍ଚାୟତ ସଭାପତି ରଞ୍ଜନ କୁମାର ସେଠୀ, ବିଜେପି ମଣ୍ଡଳ ସଭାପତି ପ୍ରିୟଦର୍ଶନ ସ୍ୱାଇଁ, ଜୋନ୍ ସାଧାରଣ ସମ୍ପାଦକ ପଦ୍ମନାଭ ତ୍ରିପାଠୀ, ଜୋନାଲ ସଭାପତି ପ୍ରାର୍ଥୀ ନମିତା ବୁଲା, ମହିଳା ମଣ୍ଡଳ ସଭାନେତ୍ରୀ ସଂଯୁକ୍ତା ପରିଜା ଏବଂ ପୂର୍ବତନ ସରପଞ୍ଚ ନୀହାର ପରିଜା, ଅଜୟ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି



ଅବସରରେ ନୂଆ ବନ୍ଧୁମିଳନ ସହ ପାଟକୁରା ଅଞ୍ଚଳର ବିକାଶ ପାଇଁ ମାନସବାବୁଙ୍କୁ ଅକୁଣ୍ଠ ସମର୍ଥନ ଦେବାକୁ ଶପଥ ନିଆଯାଇଥିଲା। ବିଜେପିରେ ଯୋଗଦାନ କରିଥିବା ନୂତନ କର୍ମୀଙ୍କୁ ଇଂ.ମହାନ୍ତି ସମ୍ବୋଧିତ କରିବା ସହ କୃତଜ୍ଞତା ଜଣାଇଛନ୍ତି।

**ଡିଲର୍ ନିଯୁକ୍ତିରେ ସାଂଘାତିକ କେଳେଙ୍କାରୀ**

# ବଢ଼ିଲା ପାର୍ଥସାରଥୀଙ୍କ ଅଡୁଆ

**କଟକ :** ଓଏସ୍‌ଆଇସିର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତଥା ଆଇଏଏସ୍ ଅଫିସର ପାର୍ଥସାରଥୀ ମିଶ୍ରଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଶ୍ରୀ ମିଶ୍ରଙ୍କ ସମେତ ଓଏସ୍‌ଆଇସିର ୩ଜଣ ଅଧିକାରୀ ଓ ୪୯ ଜଣ ଡିଲରଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଫୌଜଦାରି ମାମଲା ରୁଜୁ କରାଯାଇଛି। ଭିଜିଲାନ୍ସ ସେଲ୍ ଥାନାରେ ରୁଜୁ କରାଯାଇଥିବା ଏହି ମାମଲା (୭/୨୦୧୭)ରେ ତଦନ୍ତ ଚାଲିଥିବା ଏସ୍ପି ସ୍ୱରୂପ ପରିଡା କହିଛନ୍ତି। ଭିଜିଲାନ୍ସ ମାମଲାରେ ପକ୍ଷଭୁକ୍ତ ହୋଇଥିବା ଅଧିକାରୀଙ୍କ ମଧ୍ୟରେ ଅଛନ୍ତି ଓଏସ୍‌ଆଇସିର ପୂର୍ବତନ ଡିଜିଏମ୍ (କମର୍ସିଆଲ ଡିଭିଜନ) ଅଜିତ କୁମାର ପାଢ଼ୀ, ଯୁଗ୍ମ ପରିଚାଳକ ଶାନ୍ତନୁ କୁମାର ତ୍ରିପାଠୀ ଓ କନିଷ୍ଠ ପରିଚାଳକ ଶୁଭ୍ରାଂଶୁ ଶେଖର ଓତା। ଭିଜିଲାନ୍ସ ସେଲ୍ ଦେଇଥିବା ସୂଚନା ମୁତାବକ, ୨୦୧୬ ଫେବୃଆରୀରୁ ଏପ୍ରିଲ ମଧ୍ୟରେ ଓଏସ୍‌ଆଇସିରେ ୪୯ଜଣ ଡିଲର ନିଯୁକ୍ତି ପାଇଥିଲେ। ଟିସ୍କନ ରଡ୍ ବିକ୍ରି କରିବା ପାଇଁ ଏହି ଡିଲରମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ମାତ୍ର ଟାଟା ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ଏହି ଡିଲରମାନଙ୍କୁ କୌଣସି ନୋ ଅବଜେକ୍ସନ ସାର୍ଟିଫିକେଟ୍ ଦିଆଯାଇ ନଥିଲା। ଓଏସ୍‌ଆଇସିର ପୂର୍ବତନ ପରିଚାଳନା ପାର୍ଥସାରଥୀ ଓ ଉପରୋକ୍ତ ୩ ଅଧିକାରୀମାନେ ଅପରାଧିକ ଷଡଯନ୍ତ୍ର କରି ଏହି ଡିଲରମାନଙ୍କୁ ନିଯୁକ୍ତି ଦେଇଥିଲେ। ଯେଉଁଥିରେ ନୀତିନିୟମକୁ ଉଲ୍ଲଙ୍ଘନ କରାଯାଇଥିଲା। ସୂଚନାଥାଉ କି, ଗତ



ଫେବୃଆରୀରେ ଭିଜିଲାନ୍ସ ପକ୍ଷରୁ ମିଶ୍ରଙ୍କ ଗାଡିରୁ ୨ଲକ୍ଷ ୧୪ ହଜାର ୭୫୦ ଟଙ୍କା ଠାବ କରାଯାଇଥିଲା। ଉକ୍ତ ଟଙ୍କା ସେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଠାରୁ ଅନୈତିକ ଉପାୟରେ ଆଦାୟ କରିଥିବା ଭିଜିଲାନ୍ସ କହିଥିଲା। କାରଣ ଟଙ୍କା ସମ୍ପର୍କରେ ପାର୍ଥସାରଥି ଭିଜିଲାନ୍ସ ଅଧିକାରୀଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ପାର୍ଥସାରଥୀଙ୍କ ଭୁବନେଶ୍ୱର ୟୁନିଟ୍-୨୦ରେ ଥିବା ଆବାସିକ ସରକାରୀ ଘର, କଟକର ବଜ୍ରକବାଟି ରୋଡ୍‌ଠାରେ ଥିବା ଘର ସମେତ ଓଏସ୍‌ଆଇସି କାର୍ଯ୍ୟାଳୟକୁ ତନଖି କରାଯାଇଥିଲା। ତନଖି ପରେ ପାର୍ଥସାରଥୀଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଭିଜିଲାନ୍ସ ସେଲ୍ ଥାନାରେ ୩/୨୦୧୭ରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରାଯାଇଥିଲା।

# ସଂସ୍କୃତି ଓ ପରମ୍ପରା ହିଁ ଆମ ପରିଚୟ : ଜିଲ୍ଲାପାଳ

**କେନ୍ଦ୍ରାପଡ଼ା :** ପାଇକା ମହୋତ୍ସବର ସଭାପତି ପ୍ରତାପ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାର ଏହି ମହୋତ୍ସବର ବର୍ଣ୍ଣାଢ୍ୟ ପରିବେଶରେ କେନ୍ଦ୍ରାପଡା ଜିଲ୍ଲାର ଜିଲ୍ଲାପାଳ ମୁରଲୀଧର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ପ୍ରାଚିନ ସଂସ୍କୃତି ପରମ୍ପରା ଧୀରେ ଧୀରେ ହଜିଯିବାକୁ ବସିଥିବା ବେଳେ ଗ୍ରାମାଂଚଳରେ ଏଭଳି ଏକ ମହୋତ୍ସବର ଆୟୋଜନ ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ମୁଖ୍ୟବକ୍ତାଭାବେ ପାରାଦ୍ୱିପ ଇଫ୍‌କୋ ସାର କାରଖାନାର ଚିଫ୍ ମ୍ୟାନେଜର (ଏଚ୍.ଆର) ଜି.ସି. ଆଚାରିୟା ଯୋଗଦେଇ ପଲ୍ଲି ଅଂଚଳରେ ଫ୍ରେଣ୍ଡସ୍ କ୍ଲବର କର୍ମକର୍ତାମାନଙ୍କ ତରଫରୁ କଳା ସଂସ୍କୃତି ଐତିହ ବଂଚାଇ ରଖିବା ପାଇଁ ଯେଉଁ ଉଦ୍ୟମ କରାଯାଇଛି ତାହା ଅତ୍ୟନ୍ତ ପ୍ରଶଂସନୀୟ । ଏ ଅଞ୍ଚଳର ବିକାଶ ପାଇଁ ମଧ୍ୟ ଇଫକୋ ସହୟତାର ହାତ ବଢାଇବ । ପରିବେଶର ସୁରକ୍ଷା ପାଇଁ ବୃକ୍ଷ ରୋପଣ ସାଙ୍ଗକୁ ସ୍ୱଚ୍ଛ ଭାରତ ମିଶନ ପାଇଁ ଗ୍ରାମାଞ୍ଚଳରେ କମନ ଟଏଲେଟ୍ ନିର୍ମାଣ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥିଭାବେ ଇଫ୍‌କୋ କର୍ମଚାରି ସଂଘର ସଭାପତି ତୁଷାର ରଂଜନ ସାମନ୍ତରାୟ ଓ ପି. ଆର. ଓ. ପ୍ରସନ୍ନ କୁମାର ବେଉରିଆ ପ୍ରମୁଖ ଯୋଗ କେନ୍ଦ୍ରାପଡା ଓ ଜଗତସଂହପୁର ଜିଲ୍ଲାର କୃଷି ଓ କୃଷକର ଉନ୍ନତି ପାଇଁ ଇଫ୍‌କୋ ତରଫରୁ ବିଭିନ୍ନ ସହୟତା ଯୋଗାଇ ଦିଆଯିବା ସହ ମାଗଣାରେ କୃଷକ ମାନଙ୍କୁ ତାଲିମ ପ୍ରଦାନ ହାତକୁ ନିଆଯାଉଥିବା ନିଜର ବକ୍ତବ୍ୟରେ କହିଥିଲେ । ଅନ୍ୟତମ ଅତିଥି ଭାବେ କେନ୍ଦ୍ରାପଡା ଡି.ପି.ଏମ. ଓ ଅନିଲ କୁମାର ମହାନ୍ତି , ଶିକ୍ଷାବିତ ତଥା ପରିବେଶବିତ ଡ. ଅଶୋକ କୁମାର ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ । ସମାଜସେବୀ ଗଙ୍ଗାଧର ପରିଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ୪ ସ୍ଥାନରେ ନୂଆ ବସଷ୍ଟାଣ୍ଡ୍

**ଭୁବନେଶ୍ୱର :** ରାଜ୍ୟର ଜୟପୁର, ନବରଙ୍ଗପୁର, ବଲାଙ୍ଗୀର, ଅନୁଗୋଳ ଆଦି ଚାରିଟି ସ୍ଥାନରେ ନୂତନ ବସଷ୍ଟାଣ୍ଡ ନିର୍ମିତ ହେବ। ଏଥିସହ କଟକ ବାଦାମବାଡ଼ି ବସଷ୍ଟାଣ୍ଡର ନବୀକରଣ କରାଯିବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୪୦କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି କହିଛନ୍ତି। ମନ୍ତ୍ରୀ ଶ୍ରୀ ମାଝିଙ୍କ ଅଧ୍ୟକ୍ଷତାରେ ବସଷ୍ଟାଣ୍ଡର ବିକାଶ ଉପରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ନୂତନ ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ପୁଲିସ ଗୃହ ନିର୍ମାଣ ନିଗମ କରିବ। ଏହାବ୍ୟତୀତ କଟକ ଓ ଭୁବନେଶ୍ୱରରେ ଟ୍ରକ ଟର୍ମିନାଲ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। କଟକରେ ଟ୍ରକ ଟର୍ମିନାଲ ପାଇଁ ଆବଶ୍ୟକ ଜାଗା ପ୍ରଦାନ କରିବା ନେଇ ସିଡିଏକୁ ପରିବହନ ବିଭାଗ ଚିଠି ଲେଖିବାକୁ ନିଷ୍ପତ୍ତି ହୋଇଛି।

ସ୍ପିଡ ଗଭର୍ଣ୍ଣର ମିଳୁନଥିବାରୁ ରାଜ୍ୟରେ ଥିବା ସମସ୍ତ ଟ୍ରକରେ ଏହା ଲଗାଯାଇ ପାରିନଥିବା ଟ୍ରକ ମାଲିକ ସଂଘ ଓ ଫେଡେରେସନ ପ୍ରତିନିଧିମାନେ କହିଥିଲେ। ରାଜ୍ୟରେ ଥିବା ପ୍ରାୟ ୧ଲକ୍ଷ ଟ୍ରକ ମଧ୍ୟରୁ ମାତ୍ର ୨ହଜାର ଟ୍ରକରେ ସ୍ପିଡ ଗଭର୍ଣ୍ଣର ଲାଗିଛି। ସ୍ପିଡ ଗଭର୍ଣ୍ଣର ଉପଲବ୍ଧ କରାଇବା ନେଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ମାଝି କହିଥିଲେ।

# ସଞ୍ଜୀୟ କହିଲେ ଗରିବଙ୍କୁ ଉପହାସ

**ଭୁବନେଶ୍ୱର :** କେଇଦିନ ହେଲା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଲାଗିଥିବା 'କିରାସିନି' ନିଆଁ ଏବେ ହୁତୁହୁତୁ ହୋଇ ଜଳିବାରେ ଲାଗିଛି। ୨୪ ଲିଟର କିରାସିନି ସମୁଦ୍ରକୁ ଶଙ୍ଖେ, ଏହା କେବଳ ଜରୁରୀ ଆବଶ୍ୟକତାକୁ ଭରଣା କରାଯାଇ ପାରିବ ବୋଲି ଉଲ୍ଲେଖ କରି ରାଜ୍ୟ ଯୋଗାଣ ମନ୍ତ୍ରୀ ସଞ୍ଜୟ ଦାସବର୍ମା ପରିବାରକୁ ବାର୍ଷିକ ଅନ୍ୟୁନ ୨୫୦ ଲିଟର ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି। କେବଳ ସେତିକି ନୁହେଁ କେନ୍ଦ୍ରମନ୍ତ୍ରୀ ଓଡ଼ିଶାର ସ୍ୱାର୍ଥକୁ ଉପେକ୍ଷା କରୁଛନ୍ତି ବୋଲି ସେ ଅଭିଯୋଗ କରିବା ସହ କହିଛନ୍ତି ଏହା ଓଡ଼ିଶାର ଗରିବଙ୍କୁ ଉପହାସ। ଅପରପକ୍ଷେ ସଞ୍ଜୟଙ୍କ ଦାବି ଓ ମନ୍ତବ୍ୟକୁ ଖଣ୍ଡନ କରିଛି ରାଜ୍ୟ ବିଜେପି। ମନ୍ତ୍ରୀ ସରକାର କିରାସିନି କୋଟା ବଢ଼ାଇବାକୁ ଦାବି କରୁଛନ୍ତି, କିନ୍ତୁ ଯେତିକି କିରାସିନି ଦିଆଯାଉଛି ତାହାକୁ ଉଠାଇବାକୁ ସମର୍ଥ ହେଉ ନାହାନ୍ତି ବୋଲି ବିଜେପି ପାଲଟା ଉତ୍ତର ଦେଇଛି। ମନ୍ତ୍ରୀ ଶ୍ରୀ ଦାସବର୍ମା କହିଛନ୍ତି ଯେ ୨୦୧୫-୧୬ରେ ଓଡ଼ିଶାକୁ ୩.୮୯ ଲକ୍ଷ କିଲୋଲିଟର କିରାସିନି ଦିଆଯାଇଥିଲା । ପରିବାର ପିଛା ଏହାର ପରିମାଣ ଥିଲା ୩.୬୬ ଲିଟର। ମାତ୍ର ୨୦୧୬-୧୭ରେ କେନ୍ଦ୍ର ଏହାକୁ ୨.୯୨ ଲକ୍ଷ କିଲୋଲିଟରକୁ ହ୍ରାସ କରିଥିଲେ। ତେଣୁ କେନ୍ଦ୍ର ସରକାର ବର୍ଷକ ମଧ୍ୟରେ ରାଜ୍ୟକୁ ୯୭,୪୨୮ କିଲୋଲିଟର କିରାସିନି ହ୍ରାସ

**କିରାସିନି କୋଟା ହ୍ରାସ ପ୍ରସଙ୍ଗ**

**ଚୋରଙ୍କ ମୁହଁ ଟାଣ : ସମୀର**

କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ସେ ୨୫ ଫେବୃଆରୀ ୨୦୧୫ରେ ଚିଠି ଲେଖିଥିଲେ। ତଥାପି ପରିସ୍ଥିତିରେ ଉନ୍ନତି ଘଟିନାହିଁ। କୋଟା ବୃଦ୍ଧି ନିମନ୍ତେ କେନ୍ଦ୍ରକୁ ରାଜ୍ୟ ଅନୁରୋଧ କରିଛି । ଦିନ ମଜୁରିଆ, ଦୁର୍ଗମ ଅଞ୍ଚଳ ଆଦିମ ଅଧିବାସୀ, ପ୍ରାକୃତିକ ବିପର୍ଯ୍ୟୟ ସମ୍ମୁଖୀନ ହେଉଥିବା ରାଜ୍ୟବାସୀଙ୍କ ସ୍ୱାର୍ଥ ପ୍ରତି କୁଠାରାଘାତ ସଦୃଶ। ଆଲୋକ ଜାଳିବା ପାଇଁ କିରାସିନି ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ପରିବାରଗୁଡ଼ିକ ପାଇଁ ୨୪ ଲିଟର କିରାସିନିର କିଛି ମୂଲ୍ୟ ନାହିଁ ଓ ଏହା ସମୁଦ୍ରକୁ ଶଙ୍ଖେ । ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ୩.୨୩ କୋଟି ପରିବାରକୁ କିରାସିନି ଦିଆଯାଉଛି। କିରାସିନି ଯୋଗାଣରେ କୌଣସି ଅସ୍ୱଚ୍ଛ ବ୍ୟବସ୍ଥା ହୋଇ ନାହିଁ ବୋଲି ଉଲ୍ଲେଖ କରି ସେ ପୂର୍ବରୁ ଦିଆଯାଉଥିବା କିରାସିନି ପରିମାଣ ଅକ୍ଷୁଣ୍ଣ ରଖିବା ଏବଂ ଲୋକଙ୍କ ଆବଶ୍ୟକତାକୁ ଉପଲବ୍ଧି କରି ଅଧିକ ୪୦ ହଜାର କିଲୋଲିଟର କିରାସିନି ଯୋଗାଇବାକୁ ଶ୍ରୀ ଦାସବର୍ମା ଦାବି କରିଛନ୍ତି। ଅପରପକ୍ଷରେ କିରାସିନି ପ୍ରସଙ୍ଗରେ ଯୋଗାଣ ମନ୍ତ୍ରୀ ଉଠାଇଥିବା ମନ୍ତବ୍ୟକୁ କଡ଼ା ଭାଷାରେ ନିନ୍ଦା କରିଛି ବିଜେପି। ଦୋଷ ଘୋଡ଼ାଇବାକୁ ମନ୍ତ୍ରୀ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଛନ୍ତି ବୋଲି ବିଜେପି ଅଭିଯୋଗ କରିଛି। ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ବିଜେପି ପକ୍ଷରୁ କୁହାଯାଇଛି ଯେ କିରାସିନି ଓ ରନ୍ଧନଗ୍ୟାସ ଯୋଗାଇ ଦିଆଯାଇଥିଲେ କିରାସିନି ଯୋଗାଇ ଦିଆଯିବ ନାହିଁ ବୋଲି ନିୟମ ହୋଇଛି। ରାଜ୍ୟରେ ୪୦% ଘରକୁ ଏଲପିଜି ଓ ୬୦% ଘରକୁ ବିଜୁଳି ସଂଯୋଗ ହୋଇଥିବା ସରକାର କହୁଛନ୍ତି । ତେଣୁ ୬୦% ଘରକୁ କିରାସିନିର ଆବଶ୍ୟକତା ରହିଥିବା ଯୁକ୍ତି ବାଢୁଛନ୍ତି। ବାସ୍ତବିକତା ହେଲା ରାଜ୍ୟକୁ ଯେତିକି କିରାସିନି ଦିଆଯାଉଛି ସେତିକି ପରିମାଣ ଉଠାଇବାକୁ ସରକାର ଅକ୍ଷମ । ୨୦୧୬ ଏପ୍ରିଲ ମାସରେ ୭୭୮୦ କିଲୋଲିଟର କିରାସିନି ଉଠାଇବାରେ ସକ୍ଷମ ହୋଇନାହାନ୍ତି। ପରବର୍ତ୍ତୀ ୨ ମାସରେ ୯୮ ଓ ୧୨ କିଲୋଲିଟର କିରାସିନି ଉଠା ଯାଇ ନାହିଁ କହିବା ସହିତ ଏହା ଚୋରଙ୍କ ମୁହଁ ଟାଣ ସଦୃଶ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି।

# 'ସମ୍ମିଳିତ ଉଦ୍ୟମରେ ବିକାଶ ସାଧିତ ହୁଏ'



**ଭୁବନେଶ୍ୱର :** ସମ୍ମିଳିତ ଉଦ୍ୟମ ନହେଲେ ଗୋଟିଏ ଅଞ୍ଚଳର ବିକାଶ ସାଧିତ ହୋଇନଥାଏ। ସେଥିପାଇଁ ରାଜଧାନୀରେ ନୂତନ ଭାବେ ଗଢ଼ି ଉଠୁଥିବା ଜନବସତି ଅଞ୍ଚଳରେ ବସବାସ କରୁଥିବା ପରିବାରଗୁଡିକ ନିଜ ନିଜ ମଧ୍ୟରେ ସୁସମ୍ପର୍କ ସ୍ଥାପନ କଲେ ଅନେକ ସମସ୍ୟା ଦୂର ହୋଇପାରିବ ବୋଲି ଡୁମଡୁମା ସ୍ଥିତ ପଞ୍ଚଶାଖା ନଗର ଉନ୍ନୟନ ପରିଷଦର ବାର୍ଷିକ ଅଧିବେଶନ ଅବସରରେ ବରିଷ୍ଠ ଆଇନଜୀବୀ ହାଡିବନ୍ଧୁ ଦାସ ମତବ୍ୟକ୍ତ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ହରିହର ପରମାଣିକଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ଆଗାମୀ ବର୍ଷ ପାଇଁ ପରିଷଦର ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇ ସ୍ଥାନୀୟ ଅଞ୍ଚଳରେ ଭାଇଚାରା ପ୍ରତିଷ୍ଠା କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ସଭାପତି ଭାବେ ଦିନବନ୍ଧୁ ପରିଡା, ଉପସଭାପତି ଭାବେ ଶ୍ରୀବତ୍ସଲାଞ୍ଛନ ଜେନା, ସମ୍ପାଦକ ଭାବେ ହାଡିବନ୍ଧୁ ଦାସ, ସହ ସମ୍ପାଦକ ଭାବେ ଶ୍ରୀବତ୍ସ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଭାବେ ରଜନୀକାନ୍ତ ପ୍ରିୟଦର୍ଶୀ ଓ ସଭ୍ୟ ଭାବେ କେ.ନରସିଂହ ମୁର୍ତ୍ତି, ଅକ୍ଷୟ କୁମାର ଖୁଣ୍ଟିଆ, ତାରାପ୍ରସାଦ ଧଳ, କୁମାରୀ ପି.ତ୍ରୀସଂଧ୍ୟା, ଜେମା ତୁଷାରକାନ୍ତି ରାୟ, ନିଳଚକ୍ର ଦାସ ନିର୍ବାଚିତ ହୋଇଥିବା ପରିଷଦର ନିର୍ବାଚନ ଅଧିକାରୀ ବିଜୟାନନ୍ଦ ମହାନ୍ତି ଘୋଷଣା କରିଥିଲେ।

# ନକଲି କାର୍ଡ ଯୋଗୁଁ ଭତ୍ତାରୁ ବଞ୍ଚିତ ବୃଦ୍ଧ

**କେନ୍ଦୁଝର :** ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ହୁଣ୍ଡା ପଞ୍ଚାୟତରେ ଜଣେ ଦଲାଲ ଜଣେ ବୃଦ୍ଧଙ୍କ ଅସଲ ବାର୍ଦ୍ଧକ୍ୟ ଭତ୍ତା କାର୍ଡଟି ନେଇ ଯାଇ ଏକ ନକଲି ବାର୍ଦ୍ଧକ୍ୟ ଭତ୍ତା କାର୍ଡ ଦେଇଥିବା ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ନ୍ୟାୟ ପାଇବା ପାଇଁ ବୃଦ୍ଧ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ତଅଁଣାହତା ଗ୍ରାମର ଜଣେ ଦଲାଲ ବିଭିନ୍ନ ଉପାୟରେ ଲୋକଙ୍କୁ ଠକୁଥିବା ଦେଖିବାକୁ ମିଳିଛି । ଏନେକ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ଏହି ବ୍ୟକ୍ତି ଜଣକ ଶାସକ ଦଳର ଜଣେ କର୍ମୀ ହୋଇଥିବାରୁ ପ୍ରଶାସନ ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହେଉଥିବା ଚର୍ଚ୍ଚା ହେଉଛି । ଜିଲ୍ଲାପାଳଙ୍କ ନିକଟରେ ଜଣେ ବୃଦ୍ଧ ନ୍ୟାୟ ପାଇବା ପାଇଁ ଆକୁଳ ନିବେଦନ କରିଥିବା ବ୍ୟକ୍ତି ଜଣକ ହେଉଛନ୍ତି ତଅଁଣାହତା ଗ୍ରାମର ଉମା ମହାକୁଡ । ସେ ଆଜକୁ ୫ବର୍ଷ ହେବ ୩୦୦ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ପାଇ ଆସୁଥିଲେ। କିନ୍ତୁ ହଠାତ ଦିନେ ଜନୈକ ଦଲାଲ ଜଣକ ତୁମର ୫ ଶହ ଟଙ୍କା ଭତ୍ତା ହୋଇ ଯାଇଛି କହି ଅସଲି ଭତ୍ତା କାର୍ଡଟି ନେଇ ଯାଇ ଏକ ନକଲି ୫ଶହ ଟଙ୍କା ଲେଖା ହୋଇଥିବା ବାର୍ଦ୍ଧକ୍ୟ ଭତ୍ତା କାର୍ଡଟି ଦେବା ସହ କହିଥିଲେ ତୁମର ୫ଶହ ଟଙ୍କା ଭତ୍ତା ମୁଁ କରିଦେଇଛି। ତମେ ଆମ ଲୋକଙ୍କୁ ଭୋଟ ଦେବ। ପରେ ସମ୍ପୃକ୍ତ ବୃଦ୍ଧ ହରିଚନ୍ଦନପରୁ ବିଡିଓଙ୍କୁ ଏହି କାର୍ଡଟି ଦେଖାଇଥିଲେ । ହେଲେ ବିଡିଓ ଦେଖିଲା ପରେ ଏହା ନକଲି ଓ ଏ ଦସ୍ତଖତ ମଧ୍ୟ ଆମର ନୁହେଁ ବୋଲି ଜଣାଇଥିଲେ । ବର୍ତ୍ତମାନ ବୃଦ୍ଧ ଜଣକ ନକଲି କାର୍ଡ ଖଣ୍ଡକ ହାତରେ ଧରି ଭତ୍ତା ପାଇଁ ଧାଉଁଥିଲେ ଭତ୍ତା ପାଉ ନାହାନ୍ତି । ଏ ସମ୍ପର୍କରେ ପଣ୍ଡାପଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସମ୍ପୃକ୍ତ ଥାନା ଅଧିକାରୀ ଏହି ଦଲାଲଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇନଥିବା ସମ୍ପୃକ୍ତ ବୃଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ନ୍ୟାୟ ପାଇବା ପାଇଁ ନିବେଦନ କରିଛନ୍ତି ।







ଉପସ୍ଥାପନା : ଜାହ୍ନବୀସୁତ

# ଭୂତଙ୍କ ଗାଁ କୁଳଧରା

**ଭୂ**ତକୁ ନେଇ ଅନେକ ପ୍ରଶ୍ନ ରହିଛି ଜନସାଧାରଣଙ୍କ ମନଭିତରେ। ସତରେ କ'ଣ ଭୂତ ଆମ ମଣିଷମାନଙ୍କ ସମାଜରେ ରହିଛନ୍ତି।

ଏ ପ୍ରଶ୍ନ ଏବେ ବି ବିତର୍କରେ। ଭୂତପ୍ରେତକୁ ବିଶ୍ୱାସ କରୁ ନ ଥିବା ଲୋକେ ଏହାକୁ ମିଛ ବୋଲି କହିଥାନ୍ତି, ଆଉ ଯେଉଁମାନେ ଏସବୁକୁ ମାନନ୍ତି, ସେମାନଙ୍କ ବିଶ୍ୱାସରେ ଏବେ ବି ଭୂତପ୍ରେତ ରହିଛନ୍ତି। ସେହିଭଳି ଏକ ବିଶ୍ୱାସକୁ ନେଇ ରାଜସ୍ଥାନର ରହସ୍ୟମୟ ଭୂତ ଗାଁ କୁଳଧରା। ଏହି ଗାଁକୁ ନେଇ ରହିଛି ଅନେକ ଶୁଣାକଥା। ଏସବୁ କଥାକୁ ସାଧାରଣ ବିଜ୍ଞାନୀମନ ସହଜରେ ଗ୍ରହଣ କରିପାରୁନାହିଁ। ତେବେ ଲୋକବିଶ୍ୱାସରେ ଏବେ ବି ଏହି ଗାଁ ହେଉଛି ଭୂତ ଗାଁ।

ରାଜସ୍ଥାନର ମରୁଭୂମି ସହର ଜୟସାଲମିରରୁ ପଶ୍ଚିମକୁ ପ୍ରାୟ ୨୦ କିଲୋମିଟର ଯିବାପରେ ପଡ଼େ ଏହି ରହସ୍ୟମୟ ଗାଁ, ଯାହାର ନାଁ କୁଳଧରା। ଗାଁର ନିକଟବର୍ତ୍ତୀ ଅଞ୍ଚଳରେ ମଧ୍ୟ ଏତେ ଜନବସତି ଦେଖିବାକୁ ମିଳେନାହିଁ। ଏକ ନିକାଞ୍ଚନ ସ୍ଥାନରେ ଅନେକ ରହସ୍ୟକୁ ନିଜ ଭିତରେ ଚାପି ଧରି ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି ଏହି ଗାଁ। ଜନଶ୍ରୁତିରୁ ଶୁଣାଯାଏ ଯେ ପାଖାପାଖି ୨୦୦ରୁ ୩୦୦ ବର୍ଷ ତଳେ ଏହି ସ୍ଥାନରେ ଏକ ସମ୍ପୂର୍ଣ୍ଣ ଗାଁ ରହିଥିଲା। ପାଲିୱାଲ ବ୍ରାହ୍ମଣମାନଙ୍କର ଏହା ଥିଲା ବାସସ୍ଥାନ। କୁହାଯାଏ ଯେ ସେ ସମୟରେ ଜୟସାଲମିରର ଦିୱାନ ଥିବା ସଲିମ୍ ସିଂ ଏହି ଗାଁର ଜଣେ ତରୁଣୀଙ୍କ ପ୍ରେମରେ ପଡ଼ିଥିଲେ। ଆଉ ସଲିମ ସିଂ ସ୍ୱଭାବରେ ଥିଲେ ଖୁବ୍ ଅତ୍ୟାଚାରୀ। ତେଣୁ ଗାଁର ଏକ ଝିଅକୁ ଜବରଦସ୍ତ ବିବାହ କରିବାକୁ ଚାହିଁଥିଲେ।

ଆଉ ଯଦି ଗ୍ରାମବାସୀ ତାଙ୍କୁ ଏହି ବିବାହରେ ବାରଣ କରନ୍ତି ତେବେ ସେ ସେମାନଙ୍କ ଉପରେ ଅତ୍ୟଧିକ କରବୋଝ ଦେବେ। ଆଉ ଦିୱାନଙ୍କ ଏହି ଚେତାବନୀରେ ଭୟଭୀତ ହୋଇ ଗ୍ରାମବାସୀ ଏକ ରାତିରେ ପୂରା ଅଞ୍ଚଳକୁ ଖାଲିକରି ଚାଲିଯାଇଥିଲେ। ତେବେ ଏ ଘଟଣା ଲୋକମୁଖରେ ହିଁ ଜୀବିତ ଅଛି। ଏ ଘଟଣାର କେହି ସାକ୍ଷୀ ମଧ୍ୟ ନାହାନ୍ତି। ଗ୍ରାମରେ ବାସ କରୁଥିବା ଏତେ ସଂଖ୍ୟକ ଗ୍ରାମବାସୀ କୁଆଡ଼େ ଗଲେ, ତା'ର କୌଣସି ଖବର କାହା ପାଖରେ ନାହିଁ। ତେଣୁ ଏହି ଗାଁ ସେହିଦିନଠାରୁ ସେମିତି ଏତେ ରହସ୍ୟମୟ ଘଟଣାର ମୂକସାକ୍ଷୀ ହୋଇରହିଛି। ତେବେ ସତରେ କ'ଣ ଗ୍ରାମବାସୀ ସେଠାରୁ ପଳାଇଛନ୍ତି ? ତେବେ ଭୂତ ଆସିଲେ କେଉଁଠୁ ? କାହିଁକି ଏ ଗାଁର ନାଁ ଭୂତ ଗାଁ ଦିଆଯାଇଛି ? କ'ଣ ଭୂତମାନେ କେବଳ ମଣିଷ ଦ୍ୱାରା ପରିତ୍ୟକ୍ତ ସ୍ଥାନରେ ହିଁ ରହିଥାନ୍ତି ?

ଭୂତପ୍ରେତରେ ବିଶ୍ୱାସ ରଖୁ ନ ଥିବା ଲୋକମାନଙ୍କ ମନରେ ଏଭଳି ପ୍ରଶ୍ନ ଆସିବା ସ୍ୱାଭାବିକ। ତେଣୁ ଏ ରହସ୍ୟମୟ କୁଳଧରା ଗାଁ ସବୁବେଳେ ଜିଜ୍ଞାସୁ ମନକୁ ଆକର୍ଷିତ କରୁଛି। ୨୦୦ରୁ ୩୦୦ ବର୍ଷର ଲୋକବିଶ୍ୱାସ। ଆଜିର ଆଧୁନିକ ଯୁଗରେ ବି ଲୋକଙ୍କ ମନରେ ବସା ବାନ୍ଧିଛି ଭୂତପ୍ରେତର ଭୟ। ରାଜସ୍ଥାନର କୁଳଧରା ଗାଁ ଲୋକଙ୍କ ମୁହଁରେ ପାଲଟିଛି ଭୂତ ଗାଁ। କାହିଁକି ଏ ଲୋକବିଶ୍ୱାସ ? କ'ଣ ପାଇଁ ଶହଶହ ବର୍ଷଧରି ଏପରି ଗାଁ ପଡ଼ିଛି ପରିତ୍ୟକ୍ତ ହୋଇ ? ଏମିତି ଅନେକ ପ୍ରଶ୍ନ ରହିଛି ବିଜ୍ଞାନୀ ମଣିଷର ମନରେ। ତେବେ ଆଜି ବି କୁଳଧରା ନିକଟରେ ବସବାସ କରୁଥିବା ଅନେକ ଗ୍ରାମବାସୀ ସୂର୍ଯ୍ୟାସ୍ତ ହେବା ସହ ପରିତ୍ୟକ୍ତ କୁଳଧରା ଗାଁର ମୁଖ୍ୟ ପ୍ରବେଶପଥରେ ଥିବା ଫାଟକକୁ ବନ୍ଦ କରିଦିଅନ୍ତି। ଆଉ ବିଶ୍ୱାସ ରହିଛି ଯେ ସୂର୍ଯ୍ୟାସ୍ତ ପରେ ଅନ୍ଧାର ବିରାଜମାନ କରିବା ମାତ୍ରେ ଏଠାରେ ଭୂତପ୍ରେତ ବିଚରଣ କରିଥାନ୍ତି।

ସତରେ କେତେ ରହସ୍ୟମୟ ଏ ଲୋକବିଶ୍ୱାସ। ବିଶ୍ୱାସ ଅନୁସାରେ ଅତ୍ୟାଚାରୀ ଦିୱାନ ସଲିମ ସିଂର ଅତ୍ୟାଚାରରୁ ମୁକ୍ତି ପାଇବା ପାଇଁ ସେ ସମୟରେ ପ୍ରାୟ ୮୫ କୋଟି ଗାଁର ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ଦିୱାନ ସଲିମ ସିଂଙ୍କ କ୍ରୁରଦୃଷ୍ଟିରୁ ବଞ୍ଚିବା ପାଇଁ କୁଳଧରାରେ ସେତେବେଳେ ବସବାସ କରୁଥିବା ପାଲିୱାଲ ବ୍ରାହ୍ମଣମାନେ ତାଙ୍କ ପ୍ରିୟ ବାସସ୍ଥାନକୁ ଛାଡ଼ିବା ପୂର୍ବରୁ ଅଭିଶାପ ଦେଇଥିଲେ। ଆଉ ତାଙ୍କ ଅଭିଶାପ ଅନୁସାରେ କେହି ତାଙ୍କ ଦ୍ୱାରା ପରିତ୍ୟକ୍ତ ହୋଇଥିବା ଏହି କୁଳଧରା ଗାଁରେ ଆଉ ବସତିସ୍ଥାପନ କରିପାରିନାହାନ୍ତି। ଏପରିକି ଯଦି କେହି ଏହି ସ୍ଥାନରେ ରାତ୍ରିଯାପନ କରିବାକୁ ଚାହିଁଛି, ସେହି ସମୟରେ ତାଙ୍କୁ ଭୂତପ୍ରେତ ଭୟଭୀତ କରାଇଛନ୍ତି, ଆଉ ସେମାନେ ଏ ସ୍ଥାନ ଛାଡ଼ିବାକୁ ବାଧ ହୋଇଛନ୍ତି। ଏଭଳି ବିଶ୍ୱାସ ପଛରେ କେତେ ସତ ରହିଛି, ତାହା ନିହାତି ଅନୁସନ୍ଧାନ ସାପେକ୍ଷ। ତେବେ ଭୂତପ୍ରେତରେ ବିଶ୍ୱାସ କରୁ ନ ଥିବା ମଣିଷମାନଙ୍କ ପାଇଁ ଏହା ଖୁବ୍ ସାଧାରଣ କଥା। କିନ୍ତୁ ଯେଉଁ କାରଣରୁ ଗ୍ରାମବାସୀଙ୍କୁ ନିଜ ବାସସ୍ଥାନ ଛାଡ଼ିବାକୁ ପଡ଼ିଲା, ତାହା ଯଦି ସତ ହୋଇଥାଏ, ତେବେ ଖୁବ୍ ଦୁଃଖଦାୟକ। କାରଣ ଜଣେ ଅତ୍ୟାଚାରୀ ଶାସକର ଏକତରଫା ପ୍ରେମର କରୁଣ ପରିଣତି ଦେଖିବାକୁ ମିଳୁଛି ଏହି ପରିତ୍ୟକ୍ତ ଗାଁ କୁଳଧାରାରେ। ଏବେ ବି ସେହି ଗାଁରେ ଅନେକ ଘର ସାମାନ୍ୟ ସୁରକ୍ଷିତ ଅବସ୍ଥାରେ ରହିଛି। ଏପରିକି ଏକ ପରିତ୍ୟକ୍ତ ମନ୍ଦିର ମଧ୍ୟ ସେଠାରେ ଦେଖିବାକୁ ମିଳୁଛି। ଆଉ ସେଠାରେ ଏକ ସଭ୍ୟସମାଜ ବାସ କରୁଥିବାର ଅନେକ ପ୍ରମାଣ ମିଳୁଛି। କିନ୍ତୁ ପାଲିୱାଲ ବ୍ରାହ୍ମଣମାନଙ୍କ ଅଭିଶାପ ଓ ଗାଁରେ ଭୂତଙ୍କ ବିଚରଣ ଏସବୁ ନିହାତି ରହସ୍ୟଘେରରେ। ତେବେ ବର୍ଷ ବର୍ଷ ଧରି ଲୋକବିଶ୍ୱାସରେ ଲୁଚି ରହିଥିବା ଏଭଳି ରହସ୍ୟ ଆମ ଭଳି ଆଧୁନିକ ମଣିଷମାନଙ୍କୁ ସବୁବେଳେ ମାନସିକ ସଂଗ୍ରାମ କରିବାକୁ ଉତ୍ସାହିତ କରିଛି। ତେବେ କୁଳଧରା ଗାଁ ଏବେ ଭାରତ ସରକାରଙ୍କ ଆର୍କୋଲୋଜି ବିଭାଗର ଅଧୀନରେ ରହିଛି।






## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପଞ୍ଚାୟତକୁ ...

ପାଇନାହାନ୍ତି, ସେମାନେ ପଦ ହରାଇପାରନ୍ତି ବୋଲି ଆଲୋଚନା ହେଉଛି। ହେଲେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଜିଲ୍ଲାୱାରି ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା ଅବସରରେ ନବନିର୍ବାଚିତ ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଛନ୍ତି ଯେ ଦଳୀୟ ସଂଗଠନକୁ ମଜଭୁତ କରିବା ସହ ଲୋକଙ୍କ ସୁଖଦୁଃଖରେ ସାମିଲ ହୁଅ। ଏଥିସହ ଆଗାମୀ ଦିନରେ ବିଜୁ ଜନତା ଦଳ କିଭଳି ଲୋକଙ୍କ ହୃଦୟ ଜିଣିପାରିବ, ସେଥିନେଇ ଭରସା ଦେଉଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଜନତା ପାର୍ଟି (ବିଜେପି) ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କରି ଦଳକୁ ଓଡ଼ିଶାରେ ମଜବୁତ ସ୍ଥିତିରେ ପହଞ୍ଚାଇ ପାରିଥିବାରୁ କେନ୍ଦ୍ର ବିଜେପି ସରକାର ଖୁସି ପ୍ରକଟ କରିଛନ୍ତି। ଆସନ୍ତା ୧୫ ଓ ୧୬ ତାରିଖରେ ବିଜେପିର ଜାତୀୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଯୋଗ ଦେବେ ବୋଲି ଜଣାପଡିଛି। ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ ଅନ୍ୟ ବରିଷ୍ଠ ନେତା ଓ କେନ୍ଦ୍ରମନ୍ତ୍ରୀ ଏହି ବୈଠକରେ ଯୋଗଦେବେ। ତେଣୁ ଆଗାମୀ ୨୦୧୯ ନିର୍ବାଚନରେ ବିଜେପି ଓଡ଼ିଶା ଜିତିବାକୁ ରଣନୀତି ପ୍ରସ୍ତୁତ କରୁଛି ବୋଲି ଚର୍ଚ୍ଚା ଜୋର ଧରିଛି। ସେପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଞ୍ଚାୟତକୁ ଯାଇ ତୃଣମୂଳସ୍ତରରେ ବିଜେଡି ନେତା ଓ କର୍ମୀଙ୍କ ସହ ଆଲୋଚନା କରିବେ କହିଛନ୍ତି। ଏଭଳି ସ୍ଥିତିରେ ବିଜେପି ମଧ୍ୟ ନିଜ ରଣନୀତିରେ ପଞ୍ଚାୟତକୁ ଯିବା ପାଇଁ ନିଷ୍ପତ୍ତି ନେଇଛି। ଉତ୍ତରପ୍ରଦେଶ ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଞ୍ଚାୟତ ନିର୍ବାଚନରେ ବିଜେପିର ସଫଳତାକୁ ନେଇ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଭୁବନେଶ୍ୱରରେ ଦଳର କାର୍ଯ୍ୟକାରିଣୀ ବୈଠକରେ ଓଡ଼ିଶାବାସୀଙ୍କୁ କୃତଜ୍ଞତା ଜଣାଇବେ ମୋଦି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ରାଜ୍ୟବାସୀଙ୍କୁ ଆଗୁଆ କୃତଜ୍ଞତା ଜଣାଇବା ପାଇଁ ରାଜ୍ୟ ବିଜେପି ମଧ୍ୟ ଖସଡ଼ା ପ୍ରସ୍ତୁତ କରିଛି। ବୈଠକ ପୂର୍ବରୁ ଦଳର ବଡନେତା ଓ କେନ୍ଦ୍ରମନ୍ତ୍ରୀମାନେ ରାଜ୍ୟର ୨୧ଟି ଯାକ ସଂସଦୀୟ ନିର୍ବାଚନ ମଣ୍ଡଳୀକୁ ଗସ୍ତ କରିବେ ବୋଲି ଜଣାଯାଇଛି। ଏହି ନେତାମାନେ ସାଧାରଣଲୋକଙ୍କ ନିକଟତର ହୋଇ ଓଡ଼ିଶାରେ ପଦ୍ମଫୁଲକୁ ଅଧିକ ବିକଶିତ କରାଇବାର ମନ୍ତ୍ର ଦେବେ। ଏନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ପଷ୍ଟ କରିଦେଇଛନ୍ତି ଯେ, ଆସନ୍ତା କାର୍ଯ୍ୟକାରିଣୀ ବୈଠକରେ ଓଡ଼ିଶା ବିଜୟ ସମ୍ପର୍କରେ ବିଜେପି ସ୍ୱତନ୍ତ୍ର ରଣନୀତି ଚୂଡ଼ାନ୍ତ କରିବ। ୨୧ଟି ଲୋକସଭା କ୍ଷେତ୍ରକୁ ଯାଇ ଦଳର ନେତା ଓ ମନ୍ତ୍ରୀମାନେ ଲୋକମାନଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରିବେ। ଏହାର ପ୍ରଧାନ ଉଦ୍ଦେଶ୍ୟ ହେଲା, ପଞ୍ଚାୟତ ସ୍ତରରେ ବିଜେପିକୁ ଯେଉଁ ସଫଳତା ମିଳିଛି ତାହାକୁ ଆହୁରି ସୁଦୃଢ଼ କରି ୨୦୧୯ ସାଧାରଣ ନିର୍ବାଚନରେ ଶାସନ ଗାଦିକୁ ଅକ୍ତିଆର କରିବା। ଏହି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଦେଇଥିବା ମନ୍ତବ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ। ଶ୍ରୀ ଓରାମ କହିଛନ୍ତି ଯେ, ବିଜେଡି ଓ ଅନ୍ୟ ଦଳର କେତେକ ତୁଙ୍ଗନେତା ଏବଂ ପୂର୍ବତନ ମନ୍ତ୍ରୀ, ସାଂସଦ, ବିଧାୟକ ବିଜେପିରେ ମିଶିବେ। ଜୁଏଲଙ୍କ ମନ୍ତବ୍ୟର କଡା ଜବାବ ରଖିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କହିଥିଲେ, ଏହା ହେଉଛି ଏକ ଅବାସ୍ତବ ପରିକଳ୍ପନା। ଏହାକୁ ନେଇ ବିଜେଡି ମୁଖ୍ୟପାତ୍ର ପ୍ରତାପ ଦେବ କଟାକ୍ଷ କରି କହିଛନ୍ତି, କେନ୍ଦ୍ରମନ୍ତ୍ରୀଙ୍କ କଥା କାହାଣୀ ପରି ଲାଗୁଛି। ବିଜେଡିର କେହି ନେତା ବିଜେପିରେ ଯୋଗଦେବାର ସମ୍ଭାବନା ନାହିଁ। ଅପରପକ୍ଷେ ରାଜ୍ୟ କଂଗ୍ରେସ କୋଷାଧ୍ୟକ୍ଷ ମହମ୍ମଦ ମୁକିମ୍ ମଧ୍ୟ କେନ୍ଦ୍ରମନ୍ତ୍ରୀ ଜୁଏଲଙ୍କ ମନ୍ତବ୍ୟକୁ ଅସ୍ୱୀକାର କରି କହିଛନ୍ତି, ବିଜେପି ହୁଏତ ଶକ୍ତିଶାଳୀ ହୋଇପାରେ, କିନ୍ତୁ କଂଗ୍ରେସର କେହି ନେତା ବିଜେପି ମୁହାଁ ହେବେନାହିଁ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଛି। ହେଲେ ଏସବୁ ଭିତରେ ଶାସକ ବିଜେଡିର ଲୋକପ୍ରିୟତା ଆଧାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତ୍ୟେକ୍ଷ ଭାବେ ସମରକୁ ଓହ୍ଲାଇ ଯେଭଳି ଭାବେ ନିର୍ବାଚିତ ପ୍ରତିନିଧିଙ୍କୁ ଡାକି ଆନ୍ତରିକ ଭାବେ ଆଲୋଚନା ଆରମ୍ଭ କରିଛନ୍ତି, ତାହା ମଧ୍ୟ ଦଳୀୟ ସମ୍ପର୍କକୁ ମଜଭୁତ କରି ରଖିବାରେ ସହାୟକ ହେବ ବୋଲି ଚର୍ଚ୍ଚା ଚାଲିଛି। ଯୋଜନା ସ୍ୱରୂପ ରାଜ୍ୟ ମନ୍ତ୍ରିମଣ୍ଡଳ ପରିବର୍ତ୍ତନ ଇସାରା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ବିଜେଡିର ଛାତ୍ର, ଯୁବ ସଂଗଠନକୁ ସୁଦୃଢ଼ କରିବାକୁ ବିଜେଡି ପ୍ରୟାସ କରୁଥିବା ଜଣାପଡିଛି। ତେଣୁ ବିଜେଡି-ବିଜେପି ଉଭୟ ଦଳ ରାଜ୍ୟବାସୀଙ୍କ ପାଇଁ ବେଶ୍ ତତ୍ପର ହୋଇ ଉଠିଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ହିଁ ଓଡ଼ିଶାରେ ଉଭୟ ଦଳର ଭବିଷ୍ୟତ ପାଇଁ ନିର୍ଣ୍ଣାୟକ ଭୂମିକା ନେଇପାରିବ। ସେତିକିବେଳେ ଜଣାପଡିବ କାହା ଯୋଜନା କେତେ ଟାଣ ! ହେଲେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପାଲଟା ଜାବ ରଖି କହିଛନ୍ତି, ସମୟ କହିବ କିଏ ସ୍ୱପ୍ନ ଦେଖୁଛି। ତେବେ ବିଜେପିର ଜାତୀୟ କାର୍ଯ୍ୟକାରିଣୀ ପୂର୍ବରୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦେଶର ବିକାଶ ପାଇଁ କରୁଥିବା ଯୋଜନାକୁ ନେଇ ରାଜ୍ୟ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ହୋଇଯାଇଛି। ୨୦୧୯ରେ ଓଡ଼ିଶାରେ ପଦ୍ମ ଫୁଟିବ ଓ ରାଜ୍ୟବାସୀଙ୍କ ବିକାଶରେ ନବକଳେବର ହେବ ବୋଲି ଦଳର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି। ଏହି ଅବସରରେ ଅନିଲ ବାଲୋନୀ ଏବଂ ରାଜ୍ୟ ବିଜେପି ମୁଖପାତ୍ର ସଜ୍ଜନ ଶର୍ମା ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। କିନ୍ତୁ ଏହି ବୈଠକକୁ ନାପସନ୍ଦ କରି ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଭାଜପା ନେତାମାନେ ବିଚଳିତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ କାର୍ଯ୍ୟକାରିଣୀକୁ ନେଇ ଓଡ଼ିଶାରେ ଶାସନ ପରିବର୍ତ୍ତନର ଏକ ବଡ ପ୍ରଭାବ ସୃଷ୍ଟି କରିବା ପାଇଁ ବିଜେପି ଯେଉଁ ଆଶା ବାନ୍ଧିଛି ରାଜ୍ୟରେ ତାହାର କୌଣସି ପ୍ରଭାବ ପଡିବନାହିଁ ବୋଲି କହିଛନ୍ତି।

### ପ୍ରଦୀପଙ୍କ ନୂଆ ...

ଏଭଳି ରାୟ ଶୁଣାଇଛନ୍ତି। ପ୍ରଦୀପଙ୍କୁ ୭ ବର୍ଷ ଜେଲ୍ ଦଣ୍ଡାଦେଶ ଦେବା ସହିତ ୩୦,୦୦୦ ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦାୟ ତାଙ୍କୁ ଆଉ ୬ ମାସ ଜେଲ୍‌ରେ ରହିବାକୁ ହେବ।

ସେହିପରି ଅର୍ଥତତ୍ତ୍ୱର ଅନ୍ୟତମ ନିର୍ଦ୍ଦେଶକ ମନୋଜଙ୍କୁ ବିଚାରପତି ୪ ବର୍ଷ ଜେଲ୍‌ଦଣ୍ଡ ଦେବା ସହିତ ୧୦,୦୦୦ ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦାୟ ତାଙ୍କୁ ଆଉ ୪ ମାସ ଜେଲଦଣ୍ଡ ଭୋଗିବାକୁ ହେବ। ସାଧାରଣ ଲୋକଙ୍କ ଠାରୁ ଚିଟ୍‌ଫଣ୍ଡ୍ ମାଧ୍ୟମରେ ଠକେଇ କରିଥିବା ୨୫୦ କୋଟି ଟଙ୍କା କୋର୍ଟରେ ଦାଖଲ କରିବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଏହି ଅର୍ଥ ଫେରସ୍ତ କରାଯିବ। ଏହି ଅର୍ଥ ଦାଖଲ କରା ନ ଗଲେ ସିବିଆଇ ପକ୍ଷରୁ ଜବତ ହୋଇଥିବା ସମ୍ପତ୍ତିକୁ ବାଜ୍ୟାପ୍ତ କରାଯିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ତେବେ ଏହି ମାମଲାରେ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ମାମଲାର ଶୁଣାଣି ଚାଲିବ ବୋଲି ଜଣାପଡିଛି। ଗତକାଲି ସେମାନେ ଦୋଷ ସ୍ୱୀକାର କରିବା ପରେ ସେମାନଙ୍କ ବିରୋଧରେ ଚାର୍ଜଫ୍ରେମ୍ କରାଯାଇ କୋର୍ଟ ଏକ ପ୍ରକାର ଦଣ୍ଡାଦେଶ ଧାର୍ଯ୍ୟ କରିଥିଲେ। ଅର୍ଥତତ୍ତ୍ୱ ମୁଖ୍ୟ ପ୍ରଦୀପ ଏବଂ ନିର୍ଦ୍ଦେଶକ ମନୋଜ ସେମାନଙ୍କ ଦୋଷ ସ୍ୱୀକାର କରି କୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ। ଏହି ପିଟିସନ୍ ଉପରେ ଗତକାଲି ଶୁଣାଣି ହୋଇଥିଲା। ସେମାନେ କୋର୍ଟରେ ଦୋଷ ସ୍ୱୀକାର କରିଥିଲେ। ସାଧାରଣଲୋକଙ୍କୁ ଅଧିକ ସୁଧ ଦେବାର ପ୍ରଲୋଭନ ଦେଖାଇ କୋଟି କୋଟି ଟଙ୍କା ଜମା ନେଇଥିଲେ। ଏସବୁ ଅର୍ଥରେ ସେମାନେ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିଥିଲେ। ଅର୍ଥତତ୍ତ୍ୱ ବିରୋଧରେ ୨୦୧୨ରେ କମିଶନରେଟ୍ ପୁଲିସ ମାମଲା ରୁଜୁ କରିଥିଲା। ୨୦୧୩ ମେ ୧୨ରେ ପ୍ରଦୀପଙ୍କୁ ଗିରଫ କରାଯାଇଥିଲା। ଖାରବେଳନଗର ଥାନା ପୁଲିସ ଅର୍ଥତତ୍ତ୍ୱ ବିରୋଧରେ ମାମଲା ରୁଜୁ କରିଥିଲା। ୨୦୧୪ରେ ସୁପ୍ରିମକୋର୍ଟ ସିବିଆଇକୁ ଏହାର ତଦନ୍ତ ଭାର ନ୍ୟସ୍ତ କରିବା ପରେ ସିବିଆଇ ପକ୍ଷରୁ ଆଇପିସିର ଧାରା ୧୨୦(ଖ), ୪୨୦, ୪୦୬, ୪୧୧,୪୬୮ ଓ ୪୭୧ ଏବଂ ୪,୫,୬ ପ୍ରାଇସ୍ ଚିଟ୍‌ସ୍ ଆଣ୍ଡ ମନି ସର୍କୁଲେସନ୍ ସ୍କିମ୍(ବ୍ୟାନିଂ) ଆକ୍ଟ ୧୯୭୮ରେ ମାମଲା ରୁଜୁ କରାଯାଇଥିଲା।

### ରଣଭାର ...

ସୂଚନାଯୋଗ୍ୟ ଯେ ରାଜଧାନୀର ସର୍ବପୁରାତନ କୋଚିଂ ସେଣ୍ଟର ପାଢ଼ୀ ଟ୍ୟୁଟୋରିଆଲ ଓ କଳିଙ୍ଗ ଭାରତୀ ରେସିଡେଣ୍ଟାଲ କଲେଜର ମାଲିକଙ୍କ ଆତ୍ମହତ୍ୟା ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। କେଉଁ ପରିସ୍ଥିତିରେ ଜଣେ ବରିଷ୍ଠ ଶିକ୍ଷାବିତ୍ ତଥା ଶିକ୍ଷାନୁଷ୍ଠାନର ମୁଖ୍ୟ ଆତ୍ମହତ୍ୟା କରିବାକୁ ବାଧ ହେଲେ ତାହା ବିସ୍ମୟ ସୃଷ୍ଟି କରିଛି। ବରଗଡ଼ ଥାନା ବ୍ରହ୍ମେଶ୍ୱର ପାଟଣା ବାସନ୍ତିବିହାରର ପ୍ଲଟ ନମ୍ବର-୫୫ରେ ପରିବାର ସହ ରହୁଥିଲେ ଜାନକୀ ପାଢ଼ଇ। ପ୍ରତିଦିନ ଭଳି ରାତିରେ ସେ କିଛି ଲେଖାଲେଖି କରିବା ପରେ ପରିବାର ଲୋକଙ୍କ ସହ ଏକାଠି ଖାଇଥିଲେ। ପରେ ସେ ଏକୁଟିଆ ନିଜ କୋଠରୀକୁ ଯାଇଥିଲେ। ସକାଳୁ ଚା' ଦେବାକୁ ତାଙ୍କ ପତ୍ନୀ ଡାକିଥିବା ବେଳେ ସେ କବାଟ ଖୋଲି ନଥିଲେ। ଏପରିକି ମୋବାଇଲକୁ ବାରମ୍ବାର ରିଙ୍ଗ କରିଥିଲେ ମଧ୍ୟ ସେ ଉଠାଇ ନଥିଲେ। ଏହାକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ସନ୍ଦେହ ହେବାରୁ ସେମାନେ କବାଟ ଭାଙ୍ଗିବାର ନିଷ୍ପତ୍ତି ନେଇଥିଲେ। କବାଟ ଭାଙ୍ଗିବା ପରେ ସେମାନେ ଦେଖିଥିଲେ ଯେ, ଫ୍ୟାନ୍‌ରେ ଜାନକୀ ଝୁଲୁଛନ୍ତି। ଏନେଇ ପରିବାର ଲୋକେ ତୁରନ୍ତ ବଡଗଡ଼ ପୋଲିସକୁ ଫୋନ୍ କରି ଜଣାଇଥିଲେ। ବରଗଡ଼ ଥାନା ଅଧିକାରୀ ଶୁଭେନ୍ଦୁ ସିଂହ୍ନା ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚିବା ପରେ ପରିବାର ଲୋକଙ୍କ ଉପସ୍ଥିତିରେ ପୋଲିସ ଶବକୁ ଜବତ କରିଥିଲା। ତାଙ୍କ ରୁମ୍‌ରୁ ୧୦ ପୃଷ୍ଠାର ଏକ ସୁଇସାଇଡାଲ ନୋଟ୍ ଜବତ କରିଛି। ପରିବାର ଲୋକଙ୍କ କହିବା ଅନୁସାରେ ଗତ କିଛିଦିନ ଧରି ସେ ଚିନ୍ତାରେ ରହୁଥିଲେ। ମିଳିଥିବା ସୂଚନା ଅନୁସାରେ ଗତ କିଛିବର୍ଷ ଧରି ବ୍ୟବସାୟରେ କ୍ଷତିକାରଣରୁ ସେ ବିଭିନ୍ନ ସ୍ଥାନରୁ ହାତ ଉଧାରି କରିବାକୁ ବାଧ ହୋଇଥିଲେ। ବ୍ୟାଙ୍କରୁ ମଧ୍ୟ ଋଣ କରିଥିଲେ। ଦୁଇଟି ବ୍ୟାଙ୍କ ପକ୍ଷରୁ ଜାନକୀଙ୍କ ନାମରେ ଋଣ ପଇଠ ପାଇଁ ନୋଟିସ୍ ମଧ୍ୟ ଆସିଥିଲା। ଏପରିକି କଟକ ପ୍ରତାପନଗରୀ ସ୍ଥିତ କଳିଙ୍ଗଭାରତୀ ରେସିଡେନ୍ସିଆଲ କଲେଜକୁ ସିଜ୍ କରିବା ପାଇଁ ଚେତାବନୀ ଦିଆଯାଇଥିଲା। ଯାହା ପାଢ଼ୀଙ୍କୁ ବଡ ଚିନ୍ତାରେ ପକାଇଥିଲା। ସେ ପାଖାପାଖି ୩୦ କୋଟି ଟଙ୍କାର ଋଣ ଭାରତରେ ବୁଡି ରହିଥିଲେ। ଏହି କାରଣରୁ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି କୁହାଯାଇଥିଲା ବେଳେ ଆତ୍ମହତ୍ୟା ପଛରେ ପାରିବାରିକ କଳହ ମଧ୍ୟ ଆଉ ଏକ କାରଣ ହୋଇଥାଇପାରେ ବୋଲି କୁହାଯାଉଛି। ଜାନକୀଙ୍କ ମୃତ୍ୟୁକୁ ନେଇ ଆରମ୍ଭ ହୋଇଯାଇଛି ଚର୍ଚ୍ଚା। ତାଙ୍କ ଆତ୍ମହତ୍ୟାକୁ ସହଜରେ ପରିବାର ଲୋକେ ମଧ୍ୟ ଗ୍ରହଣ କରିପାରୁନାହାନ୍ତି। ଏପରିକି ତାଙ୍କ କର୍ମଚାରୀମାନେ ମଧ୍ୟ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ବିଶ୍ୱାସ କରିବାକୁ ନାରାଜ। ପୋଲିସ ଯଦିଓ ତଦନ୍ତ ଆରମ୍ଭ କରିଛି ତେବେ ଜବତ ହୋଇଥିବା ୧୦ ପୃଷ୍ଠାର ସୁଇସାଇଡାଲ ନୋଟ୍‌କୁ ସମସ୍ତେ ଅପେକ୍ଷା କରିଛନ୍ତି। ଏହି ନୋଟ୍‌ରେ କ'ଣ ରହିଛି ତାହା ଜଣାପଡିନାହିଁ। ତେବେ ଏହା ପୋଲିସର ତଦନ୍ତ ଧାରାକୁ ଆଉ ଆଗକୁ ନେବ ବୋଲି ଆଶା କରାଯାଉଛି। ମୁଖ୍ୟତଃ ଋଣ ବୋଝ କାରଣରୁ ସେ ଆତ୍ମହତ୍ୟା କରିଛନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଯଦି ଏହାସତ ତେବେ ସେ କାହାଠାରୁ, କେଉଁମାନଙ୍କ ସହଯୋଗରେ ହାତ ଉଧାରି କରିଥିଲେ ତାହା ତଦନ୍ତ ପରେ ଜଣାପଡିବ। ଏପରିକି ପରିବାର ଲୋକଙ୍କ କହିବାନୁସାରେ ଗତ କିଛିଦିନ ଧରି ସେ ମାନସିକ ଅବସାଦରେ ରହୁଥିଲେ। ତେବେ ଏହି ମାନସିକ ଅବସାଦ ପାଇଁ ଋଣ ଭାର ଦାୟୀ ନା ଅନ୍ୟ କିଛି କାରଣ ରହିଛି ତାହା ଏହି ସୁଇସାଇଡାଲ ନୋଟ୍‌ରୁ ଜଣାପଡିପାରେ ବୋଲି ଆଶା କରାଯାଉଛି।

### ୩ ବିଭାଗର ...

ଏଣିକି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ପଞ୍ଚାୟତିରାଜ ବିଭାଗ ଅଧୀନରେ କାର୍ଯ୍ୟ କରିବ। ଏହି ଆଧାରରେ ପଞ୍ଚାୟତିରାଜ ବିଭାଗର ନାମ 'ପଞ୍ଚାୟତିରାଜ ଏବଂ ପାନୀୟଜଳ' ବିଭାଗ ରଖାଯାଇଛି। ସେହିପରି ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗକୁ ବିଲୀନ କରାଯାଇ ଏହାକୁ ସାଧାରଣ ପ୍ରଶାସନ ବିଭାଗରେ ମିଶ୍ରଣ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗର ନାମ ପରିବର୍ତ୍ତନ କରାଯାଇ 'ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ' ବିଭାଗ ରଖାଯାଇଛି। ମିଶନ ଶକ୍ତି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବ। ଏହା ମାଧ୍ୟମରେ ଅଧିକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ରଖି ସରକାର ମହିଳା ଓ ଶିଶୁ ବିକାଶ ବିଭାଗର ନାମ ପରିବର୍ତ୍ତନ କରି 'ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି' ବିଭାଗ ରଖିଛନ୍ତି। ବିଭାଗରେ ମିଶନ ଶକ୍ତି ନିର୍ଦ୍ଦେଶାଳୟ କାର୍ଯ୍ୟ କରିବ।

ମନ୍ତ୍ରୀ ଶ୍ରୀ ଆରୁଖ କହିଥିଲେ, ସମ୍ବିଧାନର ୭୩ତମ ସଂଶୋଧନ ଅନୁଯାୟୀ ଗ୍ରାମପଞ୍ଚାୟତକୁ ଗ୍ରାମାଞ୍ଚଳର ମୌଳିକ ସୁବିଧା ସହିତ ପିଇବା ପାଣି ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବାରେ କ୍ଷମତା ଅର୍ପଣ କରାଯାଇଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ କରୁଥିବାରୁ ପଞ୍ଚାୟତିରାଜ ଅନୁଷ୍ଠାନ ସହ ମିଶି କାର୍ଯ୍ୟ କରିବାରେ ବ୍ୟତିକ୍ରମ ଦେଖା ଯାଉଛି। ୧୪ତମ ଅର୍ଥ କମିଶନ ଏବଂ ଚତୁର୍ଥ ରାଜ୍ୟ ଅର୍ଥ କମିଶନ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ପର୍ଯ୍ୟାପ୍ତ ଅର୍ଥ ବରାଦ କରିଛନ୍ତି। ଏହାର ସଦୁପଯୋଗ ପାଇଁ ବୈଷୟିକ ତାଲିମପ୍ରାପ୍ତ ଗ୍ରାମ୍ୟ ଉନ୍ନୟନ(ଜଳଯୋଗାଣ)ର ସମସ୍ତ ଅଧିକାରୀ କୁଶଳୀ ଓ ଅଣକୁଶଳୀ କର୍ମଚାରୀ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ଅଧୀନରେ କାର୍ଯ୍ୟ କରିବେ। ଏହାର କାର୍ଯ୍ୟାନ୍ୱୟନ ପାଇଁ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଗଠନ ହୋଇଛି। ଏଥିରେ ଅର୍ଥ ବିଭାଗ ପ୍ରମୁଖ ସଚିବ ଓ ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ସଦସ୍ୟ ଅଛନ୍ତି। ୧୫ ଦିନ ଭିତରେ କମିଟି ଏହା ଉପରେ ପଦକ୍ଷେପ ନେବ। ସାଧାରଣ ପ୍ରଶାସନ ବିଭାଗରେ ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗ ମିଶ୍ରଣ ସମ୍ପର୍କରେ ସେ କହିଛନ୍ତି, ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗରେ ଥିବା ଅଧିକାରୀଙ୍କ ସେବାକୁ ପୂର୍ଣ୍ଣମାତ୍ରାରେ ବିନିଯୋଗ କରିବା ଓ ପେନସନ ପ୍ରଶାସନର ସୁପରିଚାଳନା ପାଇଁ ଏହାକୁ ସାଧାରଣ ପ୍ରଶାସନ ବିଭାଗରେ ମିଶ୍ରଣ କରାଯାଇଛି। ଅଧିକାଂଶ ସାଧାରଣ ଅଭିଯୋଗ ସରକାର ଏବଂ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଲୋକମାନେ ପ୍ରଦାନ କରୁଛନ୍ତି। ସେଗୁଡ଼ିକ ଉପରେ ଆଲୋଚନା ଓ ପ୍ରତିବିଧାନ ନିମନ୍ତେ ସାଧାରଣ ପ୍ରଶାସନ ବିଭାଗର ତତ୍ତ୍ୱାବଧାନରେ ଅନ୍ୟ ସମସ୍ତ ବିଭାଗ ଓ ଜିଲାପାଳମାନଙ୍କ ସହ ସଂଯୋଜନା କରାଯାଇପାରିବ। ସେହିପରି ମିଶନଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଗଠନ, ଗୋଷ୍ଠୀ ଓ ମହାସଂଘର ସୁଦୃଢ଼ୀକରଣ, ତାଲିମ ଓ ପରିଦର୍ଶନ ମାଧ୍ୟମରେ ଦକ୍ଷତା ବୃଦ୍ଧି ଓ ବଜାର ସଂଯୋଗୀକରଣର ଆବଶ୍ୟକତା ଥିବାରୁ ଏହାକୁ ସରକାର ଗୁରୁତ୍ୱ ଦେଇଛନ୍ତି। ରାଜ୍ୟର ମହିଳାମାନଙ୍କ ଅର୍ଥନୈତିକ ଏବଂ ସାମାଜିକ ଅଭିବୃଦ୍ଧି ପାଇଁ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ମିଶନଶକ୍ତି ଓ ଏହାର କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଏ ଦୃଷ୍ଟିରୁ ମହିଳା ଓ ଶିଶୁ ବିକାଶ ବିଭାଗର ନାମ ପରିବର୍ତ୍ତନ କରାଯାଇଛି। ମହାନଦୀ କୋଲ ଫିଲ୍ଡ ବକେୟା ଶିଳ୍ପ ଜଳ କର ବାବଦରେ ସରକାରଙ୍କୁ ବହୁ ପରିମାଣର ଅର୍ଥ ଦେବ। ଏମସିଏଲ ଠାରୁ ମାସିକ ଶତକଡ଼ା ୨% ଚକ୍ରବୃଦ୍ଧି ସୁଧ ସହିତ ଜୋରିମାନା ମିଶାଇ ଅର୍ଥ ଆଦାୟ ହେଉଥିଲା। ବିନା ଅନୁମତିରେ ଜଳ ନେବା ଯୋଗୁ ପୁନର୍ବାର ୬% ହିସାବରେ ଜୋରିମାନା ଆଦାୟ ହେଉଥିଲା। ଏମସିଏଲ ଏହା ଉପରେ ଆପତ୍ତି ଉଠାଇ ବିଭିନ୍ନ ଅଦାଲତରେ ମକଦ୍ଦମା କରିଛି। ଏହି ବକେୟା ଶିଳ୍ପ ଜଳକରର ନ୍ୟାୟ ସଙ୍ଗତ ବନ୍ଦୋବସ୍ତ ପାଇଁ ଏମସିଏଲ ଠାରୁ ଏକକାଳୀନ ଦେୟ ସଂଗ୍ରହ ଜରୁରୀ। ଏହି ବୁଝାମଣା ପୂର୍ବରୁ ଏମସିଏଲକୁ ମକଦ୍ଦମା ପ୍ରତ୍ୟାହାର କରିବାକୁ ପଡ଼ିବ। ଏହାଦ୍ୱାରା ରାଜ୍ୟର ରାଜସ୍ୱ ବୃଦ୍ଧି ପାଇବ। ମାସିକ ସରଳ ସୁଧ ୧୨% ହିସାବରେ ବକେୟା ଥିବା ମୂଳ ଉପରେ ଆଦାୟ କରାଯିବ। ବକେୟା ଜୋରିମାନା ଉପରେ ସୁଧ ଆଦାୟ ହେବ ନାହିଁ। ଏମସିଏଲ ଦେଇଥିବା ଅର୍ଥରୁ ପ୍ରଥମେ ସୁଧ ଏବଂ ପରେ ଜୋରିମାନା ଓ ତା ପରେ ମୂଳ ବାବଦ ବକେୟା ଅର୍ଥ କଟାଯିବ। ଏହି ବ୍ୟବସ୍ଥାରେ ଅନ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟୋଗ ରାଜି ହେଲେ ଏହା ସେମାନଙ୍କ ପାଇଁ ଲାଗୁ ହେବ। ଏମସିଏଲ ଉପରେ ୧୫୦ କୋଟି ଟଙ୍କା ବକେୟା ରହିଛି। ଗଞ୍ଜାମ ଜିଲା କନିଷି ତହସିଲର ଲୌଡ଼ିଗାଁ ମୌଜାରେ ୨୦୦.୪୩୫ ଏକର ସରକାରୀ ଜମିରେ ବ୍ରହ୍ମପୁର ଆଇଜରର ସ୍ଥାୟୀ କ୍ୟାମ୍ପସ ପ୍ରତିଷ୍ଠା ହେବ। ଏଥିପାଇଁ ସରକାର ରିଆତି ମୂଲ୍ୟରେ ଭୂ ଟିକସ ଓ ସେସ୍ ନେବେ। ବାର୍ଷିକ ପ୍ରତି ଏକର ପିଛା ୧୦୦ଟଙ୍କା ହାରରେ ଏବଂ ବାର୍ଷିକ ସେସ୍‌ରୁ ରାଜସ୍ୱର ୭୫% ଦେବା ସର୍ତ୍ତରେ ଲିଜ୍ ମଞ୍ଜୁର କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥି ନିମନ୍ତେ ରାଜକୋଷକୁ ଅଣପୌନପୁନିକ ୧୦୫,୬୪,୪୪,୭୮୧ଟଙ୍କା ଏବଂ ପୌନପୁନିକ ୪୧,୬୬,୬୯୩ଟଙ୍କା କ୍ଷତି ସହିବାକୁ ପଡ଼ିବ। ଏହାବ୍ୟତୀତ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଯନ୍ତ୍ରୀ ଅଶୋକକୁମାର ସାହୁଙ୍କୁ କାମଚଳା ସହକାରୀ ଯନ୍ତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। ତାଙ୍କ ନାମକୁ ନିୟମିତ କ୍ୟାଡରଭୁକ୍ତ କରିବା ପାଇଁ ବିଧିମାନ୍ୟ ଅଧିନିୟମର ଆବଶ୍ୟକ ଥିବାରୁ ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି ମିଳିଛି।

### ଚାଲିଛି ...

ସେହିପରି ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀ ଗସ୍ତରେ ଥିଲେ ମଧ୍ୟ ଭଦ୍ରକ ସ୍ଥିତି ନେଇ ନଜର ରଖିଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ମାର୍ଚ୍ଚ ୧୯ ତାରିଖରେ ସହରସାରା କଥା ଉଠିଲା ଯେ ହିନ୍ଦୁ ଦେବାଦେବୀଙ୍କ ଫଟୋରେ କେହି ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ଅଶାଳୀନ ମନ୍ତବ୍ୟ ଦେଇଦେଇଛି। ଏହାପରେ କଥାଟି ସହରରେ ବିଜୁଳି ପରି ପ୍ରଘଟ ହୋଇଥିଲା। ସନ୍ଧ୍ୟାବେଳକୁ କେତେକ ଲୋକେ ରାସ୍ତାରୋକ କରିବା ସହ ରାଜପଥରେ ଟାୟାର ଜାଳି ନାରାବାଜି କରିଥିଲେ। ଏହିଠାରୁ ଆରମ୍ଭ ହୋଇଥିଲା ଅଶାନ୍ତ ବାତାବରଣ। ଦୀର୍ଘ ୩ରୁ ୪ ଘଣ୍ଟା ରାସ୍ତାରୋକ ହେବାପରେ ଘଟଣାସ୍ଥଳରେ ପୋଲିସ ପ୍ରଶାସନ ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ଘଉଡ଼ାଇବା ସହ ରାସ୍ତାରୋକ ହଟାଇଥିଲା। ରାସ୍ତା ଉପରେ ଜଳୁଥିବା ଟାୟାରକୁ ଦମକଳ ବାହିନୀ ଆସି ଲିଭାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ସହରରେ ୧୪୪ ଧାରା ଜାରି କରାଯାଇଥିଲା। ମାତ୍ର ପରଦିନ ମଧ୍ୟ ଅବସ୍ଥା ତଦ୍ରୂପ ରହିଥିଲା। ସହରରେ ବ୍ୟାପକ ଜଳାପୋଡ଼ା ଓ ହିଂସା ଲାଗିରହିବା ଯୋଗୁଁ ପ୍ରଶାସନ ପକ୍ଷରୁ ସମଗ୍ର ଭଦ୍ରକ ସହରରେ କର୍ଫ୍ୟୁ ଜାରି କରାଯାଇଥିଲା।

ଏଥିପାଇଁ ଭଦ୍ରକ ଗସ୍ତରେ ଆସିବାକୁ ଥିବା କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ କ୍ରିଷ୍ଣପାଲ ଗୁଜର ଗସ୍ତ ବାତିଲ କରାଯାଇଛି। ପ୍ରଶାସନ ପକ୍ଷରୁ ମନ୍ତ୍ରୀଙ୍କ ଗସ୍ତ ପାଇଁ ଅନୁମତି ଦିଆଯାଇ ନ ଥିବା ବେଳେ ମନ୍ତ୍ରୀ କଟକ ଜିଲ୍ଲାର ବଡ଼ମ୍ବାରେ ନିଜର କାର୍ଯ୍ୟକ୍ରମ କରିବା ନେଇ ନିଷ୍ପତ୍ତି ନେଇଛନ୍ତି।

### ଗୀତା ଚର୍ଚ୍ଚାରେ ...

ପଞ୍ଚାୟତ ନର୍ବାଚନରେ ବିଜେଡିକୁ ଝଟ୍‌କା ଲାଗିବା ପରେ ଏହା ପଛରେ କି କାରଣ ରହିଛି ସେ ସଂକ୍ରାନ୍ତରେ ଗତ ଦୁଇ ଦିନ ହେଲା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ କାର୍ଯ୍ୟାଳୟରେ ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କୁ ଭେଟି ସମୀକ୍ଷା କରୁଛନ୍ତି। ଏହି କ୍ରମରେ ଆଜି ମୟୂରଭଞ୍ଜ ଜିଲାର ନିର୍ବାଚିତ ପ୍ରତିନିଧିଙ୍କୁ ନବୀନ ଭେଟିବା ସହିତ ସେମାନଙ୍କ ସମସ୍ୟା ଶୁଣିଥିଲେ ଏବଂ ତୃଣମୂଳ ସ୍ତରରେ ଅଧିକ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେବାବେଳେ ଗୀତା ରାଜନୀତିକୁ ଆସିବା ନେଇ ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀ ତତ୍କାଳ ଏହାର ଉତ୍ତର ଦେବାକୁ ଯାଇ କହିଥିଲେ ଯେ ତାଙ୍କ ଭଉଣୀଙ୍କର ରାଜନୀତିରେ ପ୍ରବେଶ କରିବା, ରାଜ୍ୟସଭା ଯିବା କିମ୍ବା ଅନ୍ୟ କୌଣସି ପଦରେ ରହିବା ପାଇଁ ଆଗ୍ରହ ନାହିଁ। ମୁଖ୍ୟମନ୍ତ୍ରୀଙ୍କର ଏହି ସ୍ପଷ୍ଟ ପ୍ରତିକ୍ରିୟା ପରେ ଗୀତାଙ୍କୁ ନେଇ ବିଜେଡ଼ି ରାଜନୀତିରେ ଚାଲିଥିବା ଚର୍ଚ୍ଚା ଆପାତତଃ ଶେଷ ହୋଇଛି ।

ସୂଚନାଯୋଗ୍ୟ ଯେ ପଞ୍ଚାୟତ ନିର୍ବାଚନରେ ବିଜେଡ଼ି ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହେବା କାରଣ ସମ୍ପର୍କରେ ସମୀକ୍ଷା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ନୂଆଦିଲ୍ଲୀ ଗସ୍ତରୁ ଫେରିବା ପରେ ମନ୍ତ୍ରିମଣ୍ଡଳରେ ଅଦଳବଦ ବିଷୟରେ ଚିନ୍ତା କରାଯିବ ବୋଲି ସୁରାକ ଦେଇଥିଲେ। ଏହାର ଠିକ ଦିନକ ପରେ ହଠାତ ରାଜ୍ୟସଭା ସାଂସଦ ବିଷ୍ଣୁ ଦାସଙ୍କୁ ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ଓ ବିଜେଡି ଦଳିତ ସେଲ୍‌ର ଆବାହକ ପଦରେ ଅବସ୍ଥାପିତ କରାଯାଇଥିଲା। ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଯୋଜନାବୋର୍ଡ଼ ଉପାଧ୍ୟକ୍ଷ କ୍ୟାବିନେଟ୍ ପାହ୍ୟା ହୋଇଥିବାରୁ ବିଷ୍ଣୁ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । କାକତାଳୀୟ ନ୍ୟାୟରେ ଏହି ସମୟରେ ଗୀତାଙ୍କ ଓଡିଶା ଗସ୍ତ ବିଜେଡ଼ି ରାଜନୀତିକୁ ସରଗରମ କରି ଦେଇଛି। କେଉଁ କାରଣ ପାଇଁ ନବୀନ ଏଭଳି ମାଷ୍ଟର ଷ୍ଟ୍ରୋକ ଖେଳିଲେ ସେ ସମ୍ପର୍କରେ ଏ ପର୍ଯ୍ୟନ୍ତ ଦଳର ବରିଷ୍ଠ ନେତାଙ୍କ ପାଖରେ କୌଣସି ଖବର ନାହିଁ। ଏଭଳି ସ୍ଥିତିରେ ଗୀତା ମେହେଟ୍ଟା ଓଡ଼ିଶା ଗସ୍ତରେ ଆସିବା ଏବଂ ନବୀନ ଭଉଣୀଙ୍କୁ ଧରି ପୁସ୍ତକ ଷ୍ଟଲ ବୁଲିବା ଖବର ଗଣମାଧ୍ୟମରେ ବେଶ ଚର୍ଚ୍ଚାର ବିଷୟ ହୋଇଥିଲା। ଏପରିକି ଗୀତା ରାଜ୍ୟସଭାକୁ ଯାଇପାରନ୍ତି ଏବଂ ବିଜେଡିର ଗୁରୁଦାୟିତ୍ୱ ବହନ କରିପାରନ୍ତି ବୋଲି ବିଜେଡ଼ି ଭିତରେ ଓ ବାହାରେ ଏକ ଧାରଣା ସୃଷ୍ଟି ହୋଇଥିଲା। ଏପରିକି ସାମାଜିକ ଗଣମାଧ୍ୟମରେ ଏ ଚର୍ଚ୍ଚା ଛାଇଯାଇଥିଲା। ନିକଟରେ ଗୀତା ପୁଣି ଥରେ ଓଡ଼ିଶା ଆସିଥିବାବେଳେ ସେ ବିଜେଡ଼ିର ବରିଷ୍ଠ ଓ ଯୁବ ନେତୃତ୍ୱଙ୍କୁ ଭେଟି ଦଳୀୟ ରାଜନୀତି ଓ ପଞ୍ଚାୟତ ନିର୍ବାଚନରେ ଦଳର ପ୍ରଦର୍ଶନ ନେଇ ରୁଦ୍ଧଦ୍ୱାର ବୈଠକରେ ବିଚାର ବିମର୍ଶ କରିଥିଲେ ଏବଂ ଦଳକୁ କିପରି ବିପର୍ଯ୍ୟୟରୁ ରକ୍ଷା କରାଯିବ ସେ ସମ୍ପର୍କରେ ନକ୍ସା ଆଙ୍କିଥିବା ନେଇ ବି ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ବିଜେଡିରେ ଗୀତାଙ୍କୁ ନେଇ ଚର୍ଚ୍ଚା ଜୋର ଧରିବା ପରେ ଦଳର କିଛି ମୁଖପାତ୍ର ଏହା ସମ୍ପୂର୍ଣ୍ଣ ଅମୂଳକ ବୋଲି କହିଥିଲେ। ତଥାପି ରାଜନୈତିକ ମହଲରେ ସଂଶୟ ଲାଗି ରହିଥିଲା। ଏପରିକି ବିଜେଡି ସାଂସଦ ପ୍ରସନ୍ନ ପାଟ୍ଟଶାଣୀ ଗୀତା ମେହେଟ୍ଟା ଜଣେ ପ୍ରସିଦ୍ଧ ଲେଖିକା ଏବଂ ସେ ରାଜନୀତିକୁ ଆସିଲେ ଭଲ ହେବ ବୋଲି ମଧ୍ୟ ଗଣମାଧ୍ୟମରେ ମନ୍ତବ୍ୟ ଦେଇଥିଲେ। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ପ୍ରକାର ସମ୍ଭାବନାକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିବା ଗୀତାଙ୍କୁ ନେଇ ଚାଲିଥିବା ସବୁ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

### ସତର୍କ ନହେଲେ ...

ପିଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ଦେହରୁ ଜଳୀୟ ଅଂଶ କମ୍‌ହେବ ନାହିଁ। ଫଳରେ ଅଂଶୁଘାତରୁ ବର୍ତ୍ତିଯାଇ ହେବ। ସତର୍କତା ଅବଲମ୍ବନ କଲେ ହିଁ ଅଂଶୁଘାତକୁ ରୋକାଯାଇପାରିବ। ପୂର୍ବରୁ ଏହା ପ୍ରମାଣିତ ହୋଇସାରିଛି। ସରକାରୀ ରିପୋର୍ଟ ଅନୁସାରେ ଅସାବଧାନତା ଯୋଗୁଁ ୧୯୯୮ ମସିହାରେ ପ୍ରଥମେ ଅଂଶୁଘାତ ୨୦୪୨ ଜଣ ଲୋକଙ୍କ ଜୀବନ ନେଇଥିଲା। ତେବେ ପରବର୍ତ୍ତୀ ସମୟରେ ସରକାର ଲୋକଙ୍କୁ ସଚେତନ କରାଇବାକୁ ଚେଷ୍ଟା କରିଥିଲେ। ଫଳରେ ୧୯୯୯ ମସିହାରେ ଏହି ସଂଖ୍ୟା କମି ୯୧ରେ ପହଞ୍ଚିଥିଲା। ତା' ପରବର୍ଷ ଅର୍ଥାତ୍ ୨୦୦୦ ମସିହାରେ ୨୯ ଜଣ, ୨୦୦୧ ମସିହାରେ ୨୫ ଜଣ, ୨୦୦୨ ମସିହାରେ ୪୧ ଜଣ, ୨୦୦୩ ମସିହାରେ ୬୮ ଜଣ, ୨୦୦୪ ମସିହାରେ ୪୫ ଜଣଙ୍କର ପ୍ରାଣହାନୀ ଘଟିଥିଲା। ତେବେ ୨୦୦୫ ମସିହାରେ ଏହି ସଂଖ୍ୟା ବୃଦ୍ଧି ପାଇ ୨୩୬ରେ ପହଞ୍ଚିଲା। ଏହାପରେ ୨୦୦୬ ମସିହାରେ ୨୧, ୨୦୦୭ ମସିହାରେ ୪୭, ୨୦୦୮ ମସିହାରେ ୬୮ ଏବଂ ୨୦୦୯ ମସିହାରେ ୮୧ ଜଣ ମୃତ୍ୟୁ ବରଣ କରିଥିଲେ। ତେବେ ୨୦୦୯ ମସିହା ପରଠାରୁ ଏହି ସଂଖ୍ୟା କ୍ରମାଗତ ଭାବେ କମିଚାଲିଛି। ଚଳିତ ବର୍ଷ ସରକାରୀ ଭାବେ ଅଂଶୁଘାତରେ କେହି ମୃତ୍ୟୁବରଣ କରିଥିବା ପ୍ରକାଶ କରାଯାଇନାହିଁ। ତେବେ ଏସବୁ ସମ୍ଭବ ହୋଇପାରିଛି କେବଳ ସତର୍କତା ଓ ସାବଧାନତା ଯୋଗୁଁ। ସେହିପରି ଚଳିତବର୍ଷ ଗ୍ରୀଷ୍ମପ୍ରବାହ ଯୋଗୁଁ ଜଳ ସମସ୍ୟା ମଧ୍ୟ ଉତ୍କଟ ରୂପ ନେଉଛି। ବାଲ୍‌ଟିଏ ପାଣି ପାଇଁ ମହିଳାମାନେ ମାଇଲ ମାଇଲ ବାଟ ଚାଲୁଥିବା ଦେଖିବାକୁ ମିଳିଛି। ବିଶେଷକରି ଉପାନ୍ତ ଅଞ୍ଚଳରେ ଏସବୁ ସମସ୍ୟା ଆହୁରି ଜଟିଳ ହୋଇପଡିଛି। କେଉଁଠି କୂଅ ଶୁଖିଗଲାଣି ତ ପୁଣି କେଉଁଠି ନଳକୂପରୁ ଗୋଳିଆ ପାଣି ବାହାରୁଛି। ପୁଣି କେଉଁଠି ଲୋକେ ଜଳାଭାବ ଯୋଗୁଁ ଗାଡ଼ିଆ ଓ ପୋଖରୀରୁ ପିଇବା ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। କେତେକ ସ୍ଥାନରେ ନଳକୂପ ଅଚଳ ହେବା, ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ଯୋଜନା ଅକାମୀ ହେବା ଯୋଗୁଁ ମଧ୍ୟ ଏହି ସମସ୍ୟା ବୃଦ୍ଧି ପାଇଛି।

ଏକମାତ୍ର
ଅନୁସନ୍ଧାନ ପରେ ଖବର
Bhubaneswar, 10th-16th Apr, 2017
ଭୁବନେଶ୍ୱର, ୧୦-୧୬ ଏପ୍ରିଲ, ୨୦୧୭









# ଆଇପିଏଲ୍-୧୦ ଆରମ୍ଭ



**ହାଇଦରାବାଦ :** ଏକ ସଂକ୍ଷିପ୍ତ ତଥା ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ସହ ବିଶ୍ୱର ସବୁଠାରୁ ଧନଶାଳୀ ତଥା ପେସାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୦ମ ସଂସ୍କରଣର ବିଗୁଲ୍ ବାଜିଯାଇଛି। ଆସନ୍ତା ୪୭ ଦିନ ଧରି ଏହି ଗ୍ରୀଷ୍ମକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସାରାବିଶ୍ୱର କ୍ରିକେଟ୍‌ପ୍ରେମୀଙ୍କୁ ଆନ୍ଦୋଳିତ କରିବ। ସ୍ଥାନୀୟ ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ବୁଧବାର ସନ୍ଧ୍ୟାରେ ଗତବର୍ଷର ଚମ୍ପିଆନ୍ ତଥା ଘରୋଇ ଦଳ ସନ୍‌ରାଇଜର୍ସ ହାଇଦରାବାଦ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଅଧଘଣ୍ଟାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଅଧିନାୟକ ତଥା କ୍ରିକେଟ ଭାଷ୍ୟକାର ରବି ଶାସ୍ତ୍ରୀ ଏହି ଉଦ୍‌ଘାଟନୀ ଉତ୍ସବ ପରିଚାଳନା କରିଥିଲେ। ପ୍ରଥମେ ଭାରତୀୟ କ୍ରିକେଟ୍‌ର ୪ କିମ୍ବଦନ୍ତୀ- ସଚିନ ତେନ୍ଦୁଲକର, ବୀରେନ୍ଦ୍ର ସେହ୍ୱାଗ, ଭିଭିଏସ୍ ଲକ୍ଷ୍ମଣ ଓ ସୌରଭ ଗାଙ୍ଗୁଲିଙ୍କୁ ସମ୍ମାନୀତ କରା ଯାଇଥିଲା। ଏମାନଙ୍କୁ ସୁନାର ବ୍ୟାଟ୍ ଦେଇ ସମ୍ମାନୀତ କରିଥିଲେ ଆଇପିଏଲ ଅଧ୍ୟକ୍ଷ ରାଜୀବ ଶୁକ୍ଲା, ବିସିସିଆଇ ପ୍ରଶାସକ କମିଟିର ଅଧ୍ୟକ୍ଷ ବିନୋଦ ରାୟ, ବିସିସିଆଇ ଉପଭାପତି ସି.କେ. ଖାନ୍ନା ଓ ବିସିସିଆଇ ଯୁଗ୍ମ ସମ୍ପାଦକ ଅନିରୁଦ୍ଧ ଚୌଧୁରୀ। ଏହି ଉତ୍ସବରେ ଅନ୍ୟତମ କ୍ରିକେଟ କିମ୍ବଦନ୍ତୀ ରାହୁଲ ଦ୍ରାବିଡ଼ ସମ୍ବର୍ଦ୍ଧିତ ହେବାର ଥିଲେ ହେଁ ତାଙ୍କ ବିମାନ ପହଞ୍ଚିବାରେ ବିଳମ୍ବ ହେବାରୁ ଉତ୍ସବରେ ସେ ଯୋଗ ଦେଇ ପାରିନଥିଲେ।

# ରାକ୍ଷୀ ଗିରଫ !



**ମୁମ୍ବାଇ :** ସବୁବେଳେ ବିବଦମାନ ବୟାନ ଦେଇ ଚର୍ଚ୍ଚାରେ ରହିଆସୁଥିବା ରାକ୍ଷୀ ସାୱନ୍ତ ଗିରଫ ହୋଇଥିବା ନେଇ ଚର୍ଚ୍ଚା ଚାଲିଛି। ମହର୍ଷି ବାଲ୍ମିକୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ସେ ଗିରଫ ହୋଇଥିବା କୁହାଯାଇଛି। ଗତବର୍ଷ ଏକ ଘରୋଇ ଟିଭି ଚ୍ୟାନେଲରେ ସେ ବାଲ୍ମିକୀଙ୍କୁ ନେଇ ଏଭଳି ମନ୍ତବ୍ୟ ଦେବା ପରେ ବାଲ୍ମିକୀ ସମ୍ପ୍ରଦାୟ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଥିଲା। ଏ ନେଇ ଲୁଧିଆନାର ଏକ ଥାନାରେ ମାମଲା ରୁଜୁ ହେବା ସହ କୋର୍ଟରେ ଏହାର ଶୁଣାଣି ବି ହୋଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କୁ ଗିରଫ କରାଯାଇଥିବା କୁହାଯାଉଛି।

ତେବେ ତାଙ୍କ ଗିରଫଦାରୀକୁ ନେଇ ଦ୍ୱନ୍ଦ୍ୱ ଲାଗିରହିଛି। ରାକ୍ଷୀଙ୍କ ବ୍ୟକ୍ତିଗତ ପ୍ରମୁଖଙ୍କ କହିବା ଅନୁସାରେ କୋର୍ଟଙ୍କ ନିର୍ଦ୍ଦେଶ ପାଇବା ପରେ ରାକ୍ଷୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତେବେ ଲୁଧିଆନା ପୋଲିସ ଡେପୁଟି କମିଶନରଙ୍କ କହିବା ଅନୁସାରେ ରାକ୍ଷୀଙ୍କୁ ଗିରଫ ପାଇଁ ପୋଲିସ ଟିମ୍ ଯାଇ ମଧ୍ୟ ଖାଲି ହାତରେ ଫେରିଛି। ଏହାକୁ ନେଇ ବଲିଉଡ଼ରେ ଚର୍ଚ୍ଚା ଲାଗିରହିଛି।

## ଖବର କିଛିକିଛି

- **ନୂଆଦିଲ୍ଲୀ :** ଏଣିକି ଦେଶର ତୈଳଦର ଦୈନିକ ବଦଳିବ। ଦେଶର ୯୦ ପ୍ରତିଶତରୁ ଅଧିକ ରିଟେଲ ତୈଳବଜାର ଉପରେ ନିୟନ୍ତ୍ରଣ ରଖୁଥିବା ରାଷ୍ଟ୍ରାୟତ୍ତ ତୈଳମାର୍କେଟିଂ କମ୍ପାନୀଗୁଡ଼ିକ ଏ ନେଇ ଏକ ଯୋଜନା ଉପରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।
- **ନୂଆଦିଲ୍ଲୀ :** ସାମାଜିକ ସୁରକ୍ଷା ଯୋଜନା ଅଧୀନରେ କର୍ମଚାରୀମାନଙ୍କୁ ଭବିଷ୍ୟନିଧି ପାଣ୍ଠି (ପିଏଫ୍) ପରିସରଭୁକ୍ତ କରିବା ଲାଗି ଅବସରକାଳୀନ ପାଣ୍ଠି ପରିଚାଳକ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଏହାର କର୍ମଚାରୀଙ୍କ ବେତନ ସୀମା ମାସିକ ୨୫,୦୦୦ ଟଙ୍କାକୁ ବୃଦ୍ଧି ଘଟାଇବାକୁ ଯୋଜନା କରୁଛି।
- **ପୁରୀ :** ପୁରୀ-କଟକ ମଧ୍ୟରେ ଯାତ୍ରୀବାହୀ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି। କେନ୍ଦ୍ରାଞ୍ଚଳ ପୋଲିସ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଅଧ୍ୟକ୍ଷତାରେ ବସ୍‌ମାଲିକ ଓ ମୋଟର କର୍ମଚାରୀ ସଂଘ କର୍ମକର୍ତ୍ତାଙ୍କୁ ନେଇ ବୈଠକ ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି।
- **କଟକ :** ଓଡ଼ିଶା ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବରେ କାର୍ଯ୍ୟରତ ଜଷ୍ଟିସ୍ କୃଷ୍ଣରାମ ମହାପାତ୍ର, ଜଷ୍ଟିସ୍ ଯତୀନ୍ଦ୍ର ପ୍ରସାଦ ଦାସ ଓ ଜଷ୍ଟିସ ଡ. ଦୁର୍ଗାପ୍ରସନ୍ନ ଚୌଧୁରୀ ଶୁକ୍ରବାର ସ୍ଥାୟୀ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି।
- **ଭୁବନେଶ୍ୱର :** ବହି ପାଇବା ପାଇଁ ଶ୍ରେଣୀପ୍ରବେଶର ଅଢ଼େଇ ମାସ ପର୍ଯ୍ୟନ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅପେକ୍ଷା କରିବାକୁ ପଡ଼ିବ। ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ପିଲାଙ୍କ ପାଖରେ ବହି ପହଞ୍ଚିପାରିବ ନାହିଁ ବୋଲି ଜଣାପଡ଼ିଛି।
- **ଭୁବନେଶ୍ୱର :** ତିନିଜଣ ଓଡ଼ିଆଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ସେମାନେ ହେଲେ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ନୀଳମାଧବ ପଣ୍ଡା, ନିଦ୍ଦେଶିକା ଲିପିକା ସିଂ ଦରାଇ ଓ ପ୍ରଯୋଜକ-ନିର୍ଦ୍ଦେଶକ ଶିବୁ ପୃଷ୍ଟିଙ୍କ ସିନେମା ଜାତୀୟ ପୁରସ୍କାର ଲାଭ କରିଛି।
- **ଭୁବନେଶ୍ୱର :** ସୈନିକ ସ୍କୁଲ ନିକଟ ଗାଡ଼କଣ ମୌଜାରେ ୫୫୦ ଶଯ୍ୟାବିଶିଷ୍ଟ ଏକ ସୁପରସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ହେବ। ଏ ନେଇ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି।
- **ନୂଆଦିଲ୍ଲୀ :** ଶିବସେନା ସାଂସଦ ରବିନ୍ଦ୍ର ଗାଏକ୍ୱାର୍ଡଙ୍କ ଉପରେ ଏୟାରଇଣ୍ଡିଆ ଲାଗୁ କରିଥିବା କଟକଣାକୁ ପ୍ରତ୍ୟାହୃତ ହୋଇଛି।
- **ଶ୍ରୀନଗର :** ତୁଷାରପାତ ସହ ବରଫ ଅତଡ଼ା ଧସିବା ଯୋଗୁଁ ବାଟାଲିକ ସେକ୍ଟରରେ ନିଖୋଜ ଥିବା ତିନିଜଣ ଯବାନଙ୍କ ମୃତ୍ୟୁ ଘଟିଛି।
- **ନୂଆଦିଲ୍ଲୀ :** ଭାରତ-ଇସ୍ରାଏଲ ମଧ୍ୟରେ ଦୁଇ ବିଲିୟନ୍ ଡଲାର ମୂଲ୍ୟର କ୍ଷେପଣାସ୍ତ୍ର ରାଜିନାମା ସ୍ୱାକ୍ଷର ହୋଇଛି। ଏହାଦ୍ୱାରା ଇସ୍ରାଏଲ ଭାରତକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇଦେବ ବୋଲି ଜଣାପଡ଼ିଛି।

# ସିନ୍ଧୁଙ୍କୁ ଜୀବନର ଶ୍ରେଷ୍ଠ ମାନ୍ୟତା



**ନୂଆଦିଲ୍ଲୀ :** ଭାରତୀୟ ମହିଳା ବ୍ୟାଡମିଣ୍ଟନ ଖେଳାଳି ପିଭି ସିନ୍ଧୁଙ୍କ ମାନ୍ୟତାରେ ଆଖିଦୃଶିଆ ଉନ୍ନତି ଘଟିଛି । ଗୁରୁବାର ଆନ୍ତର୍ଜାତିକ ବ୍ୟାଡମିଣ୍ଟନ ଫେଡେରେସନ ପକ୍ଷରୁ ପ୍ରକାଶିତ ମାନ୍ୟତା ତାଲିକାରେ ସିନ୍ଧୁ ତିନିଟି ପାହ୍ୟା ଉପରକୁ ଉଠି ୨ୟ ସ୍ଥାନରେ ଉପନୀତ ହୋଇଛନ୍ତି । ଏହା ତାଙ୍କ ଜୀବନର ଶ୍ରେଷ୍ଠ ମାନ୍ୟତା । ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆ ଓପନ ସୁପର ସିରିଜରେ ଚମ୍ପିଆନ ହେବାପରେ ସିନ୍ଧୁଙ୍କ ମାନ୍ୟତାରେ ଏଭଳି ଉନ୍ନତି ଘଟିଛି । ଏହି ବିଜୟ ଫଳରେ ସିନ୍ଧୁ ୯୨୦୦ ର୍ୟାଙ୍କିଂ ପଏଣ୍ଟ ହାସଲ କରିଛନ୍ତି । ଚାଇନିଜ ତାଇପେର ତାଇ ଜୁ ୟିଙ୍ଗ୍ ୮୭୯୧୧ ପଏଣ୍ଟ ସହ ଶୀର୍ଷ ମାନ୍ୟତା ବଜାୟ ରଖିଥିବାବେଳେ ସିନ୍ଧୁ ୭୫୭୫୯ ପଏଣ୍ଟ ପାଇଛନ୍ତି । ବିଶ୍ୱର ୨ ନମ୍ବର ଖେଳାଳିର ମାନ୍ୟତା ହାସଲ କରିବାପରେ ସାଇନା ନେହୱାଲଙ୍କ ପରେ ସିନ୍ଧୁ ହେଉଛନ୍ତି ଦ୍ୱିତୀୟ ଭାରତୀୟ । ସାଇନା ଅବଶ୍ୟ ପୂର୍ବରୁ ବିଶ୍ୱର ୧ ନମ୍ବର ମାନ୍ୟତା ହାସଲ କରିସାରିଛନ୍ତି। ତେବେ ଚଳିତ ମାନ୍ୟତା ତାଲିକାରେ ସାଇନା ଗୋଟିଏ ପାହ୍ୟା ତଳକୁ ଖସି ୯ମ ସ୍ଥାନରେ ପହଞ୍ଚିଛନ୍ତି। ବିଶ୍ୱ ତଥା ଅଲିମ୍ପିକ ଚମ୍ପିଆନ ସ୍ପେନର କ୍ୟାରୋଲିନା ମାରିନ ୩ୟ ସ୍ଥାନ ବଜାୟ ରଖିଥିବାବେଳେ ଜାପାନର ଆକାନେ ୟାମାଗୁଚି ଦୁଇଟି ପାହ୍ୟା ଓ କୋରିଆର ସୁଙ୍ଗ୍ ଜି ହ୍ୟୁନ୍ ଗୋଟିଏ ପାହ୍ୟା ତଳକୁ ଖସି ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ଉପନୀତ ହୋଇଛନ୍ତି । ଚୀନର ସୁନ ୟୁ ୬ଷ୍ଠ, ଥାଇଲାଣ୍ଡର ରାତ୍‌ଚାନୋକ ଇନ୍ତାନନ୍ ୭ମ, ଚୀନର ହି ବିଙ୍ଗ୍‌ଜିଆଓ ୮ମ ଓ ଜାପାନର ନୋଜୋମି ଓକୁହାରା ତାଲିକାରେ ୧୦ମ ସ୍ଥାନ ଅଧିକାର କରିଛନ୍ତି। ସିନ୍ଧୁ ସଂପ୍ରତି କୁଚିଙ୍ଗ୍‌ରେ ଚାଲିଥିବା ମାଲେସିଆନ ଓପନ ସୁପର ସିରିଜର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି । ଯଦି ସେ ଏହି ଟୁର୍ଣ୍ଣାମେଣ୍ଟର ସେମି କିମ୍ବା ତଦୁର୍ଦ୍ଧ୍ୱ ପର୍ଯ୍ୟାୟକୁ ଉନ୍ନୀତ ହୋଇଥାନ୍ତେ, ତେବେ ଆଗାମୀ ଦିନରେ ତାଙ୍କର ୧ ନମ୍ବର ମାନ୍ୟତା ହାସଲ କରିବା ସମ୍ଭାବନା ପୂରଣ ହୋଇପାରିଥାନ୍ତା। ପୁରୁଷ ଖେଳାଳିଙ୍କ ତାଲିକାରେ ଭାରତର ସମୀର ବର୍ମା ଏଗାରଟି ପାହ୍ୟା ଉପରକୁ ଉଠି ୨୭ ଓ କିଦାମ୍ବି ଶ୍ରୀକାନ୍ତ ଦୁଇଟି ପାହ୍ୟା ଉପରକୁ ଉଠି ୨୮ଶ ସ୍ଥାନରେ ପହଞ୍ଚିଛନ୍ତି । ମାଲେସିଆର ଲି ଚୋଙ୍ଗ୍ ୱି ତାଲିକାରେ ଶୀର୍ଷ ମାନ୍ୟତା ବଜାୟ ରଖିଥିବାବେଳେ ଡେନମାର୍କର ଭିକ୍ଟୋର ଆକ୍ସେଲସେନ ୨ୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଡେନମାର୍କର ଜାନ୍ ଓ' ଜର୍ଜେନସେନ ୩ୟ, ଚୀନର ଚେନ୍ ଲଙ୍ଗ୍ ୪ର୍ଥ ଓ କୋରିଆର ସୋନ୍ ୱାନ୍ ହୋ ୫ମ ଓ ଚୀନର ଲିନ୍ ଡାନ୍ ୭ମ ସ୍ଥାନରେ ରହିଛନ୍ତି । ମହିଳା ଡବଲ୍‌ସ ତାଲିକାରେ ଭାରତୀୟ ଯୋଡି ଅଶ୍ୱିନୀ ପୋନାପ୍ପା ଓ ସିକ୍କି ରେଡ୍ଡି ଛଅଟି ପାହ୍ୟା ଉପରକୁ ଉଠି ୪୧ତମ ସ୍ଥାନରେ ପହଞ୍ଚିଛନ୍ତି ।

## ରାଜ୍ୟସ୍ତରୀୟ କରାଟେ ଚାମ୍ପିଅନ୍‌ସିପ୍

# ପଦକ ଜିତି ଶେଫାଳୀଙ୍କ ସମେତ ୯ ଖେଳାଳି ସମ୍ବର୍ଦ୍ଧିତ

**ଭୁବନେଶ୍ୱର :** ଖୋର୍ଦ୍ଧା ଜିଲ୍ଲା କିକ୍ ବକ୍ସିଂ ଆସୋସିଏସନ ପକ୍ଷରୁ ସ୍ଥାନୀୟ ସୂର୍ଯ୍ୟନଗରସ୍ଥିତ ଡିପି ମଡେଲ ସ୍କୁଲ ପରିସରରେ ଏକ ରାଜ୍ୟସ୍ତରୀୟ କରାଟେ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜଧାନୀର ସର୍ବପୁରାତନ କରାଟେ ପ୍ରଶିକ୍ଷଣ ସଂସ୍ଥା ଓଡ଼ିଶା ମାର୍ଶାଲ ଆର୍ଟ ଆସୋସିଏସନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସର୍ବାଧିକ ପଦକ ହାସଲ କରିବାର ଗୌରବ ଲାଭ କରିଛନ୍ତି। ଏଥିପାଇଁ ଭଞ୍ଜକଳା ମଣ୍ଡପ ପରିସରରେ ଗତକାଲି ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ରିସାଇକେଲ ୱାଲ୍ଡର ମୁଖ୍ୟ ବିଶ୍ୱନାଥ ଜେନା ଅତିଥିଭାବେ ଯୋଗଦେଇ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ଏହି ପ୍ରତିଯୋଗିତାର ଜୁନିୟର ବାଳିକା ବର୍ଗରେ ଭାଗ ନେଇ ଶେଫାଳୀ ପ୍ରିୟଦର୍ଶିନୀ ତାମ୍ର ପଦକ ପାଇଥିବାବେଳେ ସିନିୟର ବାଳକ ବର୍ଗରେ ସ୍ୱୟଂସିଦ୍ଧାର୍ଥ ସାହୁ, ଶ୍ରୀଅଙ୍କ ମହାପାତ୍ର, ମନୀଷ ପାତ୍ର, ଅମିତ ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହ ଉଦୟନାଥ ବାରିକ, ସଞ୍ଚିତ ଶର୍ମା, ମୁକ୍ତିକାନ୍ତ ଦଳେଇ ଏବଂ ଏଲ୍ ନବୀନ ତାମ୍ର ପଦକ ଜିତି ମାର୍ଶାଲ ଆର୍ଟ ଆସୋସିଏସନ ପାଇଁ ଗୌରବ ଆଣି ଦେଇଛନ୍ତି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଆସୋସିଏସନର ସଦସ୍ୟମାନଙ୍କ ସମେତ ଅନୁଷ୍ଠାନର ସଭାପତି ଆଡ୍‌ଭୋକେଟ୍ ଲିଙ୍ଗରାଜ ଦାଶ ଏବଂ ସମ୍ପାଦକ ଦୀପ୍ତିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ୧୭ ବର୍ଷରୁ କମ ଫିଫା ବିଶ୍ୱକପ ଫୁଟବଲ

# ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଭାରତ ଖେଳିବ ୩ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍

**ନୂଆଦିଲ୍ଲୀ :** ଆସନ୍ତା ଅକ୍ଟୋବରରେ ଭାରତରେ ୧୭ ବର୍ଷରୁ କମ ଫିଫା ବିଶ୍ୱକପ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହେବ। ଭାରତ ପ୍ରଥମ ଥର ଏଭଳି ଏକ ସମ୍ମାନଜନକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଯାଉଥିବାବେଳେ ଘରୋଇ ଦଳର ପ୍ରଦର୍ଶନ ଯେପରି ଉନ୍ନତ ହେବ, ସେଥିପାଇଁ ନିଖିଳ ଭାରତ ଫୁଟବଲ ଫେଡେରେସନ (ଏଆଇଏଫ୍‌ଏଫ୍) ପକ୍ଷରୁ ବିଭିନ୍ନ ରଣନୀତି ଅବଲମ୍ବନ କରାଯାଇଛି । ଆନ୍ତର୍ଜାତିକସ୍ତରର ଖେଳାଳିଙ୍କ ସହ ଭାରତୀୟ ଖେଳାଳି ଯେପରି ତାଳ ଦେଇପାରିବେ, ସେହି ଲକ୍ଷ୍ୟରେ ମୁଖ୍ୟ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ତିନିଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଆୟୋଜନ କରାଯିବ ବୋଲି ଏଆଇଏଫ୍‌ଏଫ୍ ପକ୍ଷରୁ ଆପାତତଃ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ତିନିମାସରେ ଭାରତୀୟ ଦଳ ପର୍ତ୍ତୁଗାଲ, ଇଟାଲୀ ଓ ପିଏସଜି (ଜର୍ମାନୀ) ସହ ଏଭଳି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି । ଏପରିକି ଜୁନ ଶେଷ ଆଡକୁ ଭାରତ ଗସ୍ତରେ ଆସି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବାକୁ ଏଆଇଏଫ୍‌ଏଫ୍ ପକ୍ଷରୁ ହଙ୍ଗେରୀ, ମରୋକ୍କୋ ଓ ବୁଲଗେରିଆକୁ ଆମନ୍ତ୍ରଣ କରାଯିବାର ଯୋଜନା ରହିଛି । ଏଆଇଏଫ୍‌ଏଫ୍‌ର ଏଭଳି ଯୋଜନାକୁ ୧୭ ବର୍ଷରୁ କମ ଭାରତୀୟ ଦଳର ମୁଖ୍ୟ କୋଚ ଲୁଇସ ଡି' ମାତୋସ ସମର୍ଥନ ଜଣାଇଛନ୍ତି । ଅକ୍ଟୋବର ୬ରୁ ୨୮ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟର ମ୍ୟାଚଗୁଡିକ ଭାରତର ୬ଟି ସହରରେ ଖେଳାଯିବ ।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର** | ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ** | ସମ୍ପାଦକ : **ତାରକ ମହାନ୍ତି**